- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-41 ◆MONDAY ◆4 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୪୧ ◆ସୋମବାର ◆୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଟକ୍ସିକ୍‌ରେ କଳାକାରଙ୍କ ଷ୍ଟଣ୍ଟ ସିନ୍

▶ପୃଷ୍ଠା ୧୧ ଦେଖନ୍ତୁ...

## ଅଗଷ୍ଟ ୧୫ରୁ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍

■ **ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି। ଅଗଷ୍ଟ ୧୫ରୁ ଏହା ସାରା ଦେଶରେ ଲାଗୁ ହେବ। ଏତାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି ରହିବ। ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାଁନ୍ତି, ସେମାନେ ପୂର୍ବ ପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହିତ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ। ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ। ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରୀ। ଏହାବାଦ୍ ଗାଡ଼ିର ପଞ୍ଜିକରଣ ନମ୍ବର କଳା ତାଲିକାଭୁକ୍ତ ହୋଇ ନ ଥିବା ଉଚିତ୍।



## କେନାଲକୁ ଖସିଲା ବୋଲେରୋ; ୧୧ ମୃତ



**ଗୋଟିଏ ପରିବାରରୁ ୯ ମୃତ**

■ **ଗୋଣ୍ଡା, ୩।୮ (ଏଜେନ୍ସି):** ଉତ୍ତରପ୍ରଦେଶର ଗୋଣ୍ଡାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏଥିରେ ଗୋଟିଏ ପରିବାରର ୯ ଜଣ ସଦସ୍ୟ ଅଛନ୍ତି। ଦ୍ରୁତଗତିରେ ଯାଉଥିବା ଏକ ବୋଲେରୋ ନିୟନ୍ତ୍ରଣ ହରାଇ କେନାଲକୁ ଖସି ପଡିବାରୁ ଏହି ଦୁର୍ଘଟଣା ଘଟିଛି। କିନ୍ତୁ ଡ୍ରାଇଭରଙ୍କ ସମେତ ୪ ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଜଣେ ୧୦ ବର୍ଷୀୟ ବାଳିକା ନିଖୋଜ ଅଛନ୍ତି। ରବିବାର ସକାଳ ୧୦ଟାରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣା କେତୋଟି ଭିଡିଓ ସାମ୍ନାକୁ ଆସିଥିଲା। ଦୁର୍ଘଟଣା ବେଳେ ଗାଡ଼ି ୬୦ କିମି ବେଗରେ ଚାଲୁଥିଲା ବୋଲି ପୁଲିସ କହିଛି। ▶ପୃଷ୍ଠା-୭

**ଦାଦନ ନୀତି ଚୂଲିରେ**

### ଆନ୍ଧ୍ରପ୍ରଦେଶ ପଥର ଖାଦାନରେ ବିସ୍ଫୋରଣ

## ୬ ଓଡ଼ିଆଙ୍କ ମୃତ୍ୟୁ

■ **ମୋହନା/ଦିଗପହଣ୍ଡି, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ବାଲିକୁରଭା ମଣ୍ଡଳ ମଲାୟାପୁଲମ ଗ୍ରାମସ୍ଥିତ ଏକ ଘରୋଇ ଗ୍ରାନାଇଟ୍ କମ୍ପାନୀ ପଥର ଖଣିରେ ରବିବାର ସକାଳେ ବିସ୍ଫୋରଣ ଘଟି ୬ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନାର ୨ଜଣ ଥିବା ବେଳେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିର ୪ଜଣ ରହିଛନ୍ତି। ଏକ ବଡ଼ ପଥର ତଳେ ଚାପି ହୋଇ ଏମାନଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ଏକାଧିକ ଶ୍ରମିକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତକ ହେଲେ, ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ଗ୍ରାମର ଦଣ୍ଡ ବାଡତ୍ୟା ଓରଫ ବୁଢ଼ା ଏବଂ ଫାସିଗୁଡା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ବନମାଳୀ ବେହେରା। ଖବର ଲେଖା ସୁଦ୍ଧା ଅନ୍ୟ ୨ ମୃତକଙ୍କ ପରିଚୟ ମିଳିପାରିନାହିଁ। ମୋହନା ଥାନା ଅଞ୍ଚଳର ୨ମୃତକ ହେଲେ, ଢ଼େପାଗୁଡ଼ା ପଞ୍ଚାୟତ ଅଲରାଗାଁର ଭାସ୍କର ବିଷୋୟୀ (୪୦) ଓ ଟୁକୁନା ଦଳାଇ (୩୭ )।

ଖବର ଅନୁଯାୟୀ, ପରିବାର ପୋଷଣ ନିମନ୍ତେ ଦିଗପହଣ୍ଡି ବ୍ଲକର ୯ ଜଣ ଓ ଗଜପତି ଜିଲ୍ଲା ମୋହନା ବ୍ଲକ ଢେପାଗୁଡ଼ା ପଞ୍ଚାୟତର ୨ ଜଣ ଓଡ଼ିଆ ଶ୍ରମିକ ଏହି ଗ୍ରାନାଇଟ କମ୍ପାନୀରେ ଶ୍ରମିକ ଭାବେ କାମ କରି ଆସୁଥିଲେ। ରବିବାର ସକାଳେ ଉକ୍ତ ପଥର ଖାଦାନରେ ଏକ ବିସ୍ଫୋରଣ ଘଟିଥିଲା। ଏହି ଭୟାନକ ବିସ୍ଫୋରଣରେ ଏକ ବଡ଼ ପଥର ତଳେ ଚାପି ହୋଇ ଦିଗପହଣ୍ଡି ଓ ମୋହନା ବ୍ଲକରୁ ୬ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରଚାର ହୋଇଥିଲା। ▶ପୃଷ୍ଠା-୭



**ମୃତକଙ୍କ ମଧ୍ୟରେ ମୋହନାର ୨ ଓ ଦିଗପହଣ୍ଡିର ୪ଜଣ**

### ଦୁଃଖ ପ୍ରକାଶ କଲେ ନବୀନ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ପଥର ଖଣିରେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଥିବା ଘଟଣାରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ନବୀନ ଏକ୍ସ ଯୋଗେ ଦର୍ଶାଇଛନ୍ତି ଯେ ଏହି ଘଟଣା ବିଷୟରେ ଜାଣି ମୁଁ ଦୁଃଖିତ। ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏପରି ସମୟକୁ ସାମ୍ନା କରିବା ପାଇଁ ପରିବାରର ସଦସ୍ୟମାନଙ୍କୁ ମହାପ୍ରଭୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ଏଥିସହ ନବୀନ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

**୧୫ମାସରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରବାସୀ ମୃତ**

### ଗୋଟିଏ ବୈଠକରେ ସୀମିତ ଟାସ୍କଫୋର୍ସ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶରେ ଏକ ଗ୍ରାନାଇଟ ପଥର ଖଣିରେ ବିସ୍ଫୋରଣରେ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ୬ ଜଣ ଶ୍ରମିକ ପ୍ରାଣ ହରାଇଥିବା ପରେ ରାଜ୍ୟ ସରକାର ଦାଦନ ରୋକିବା ଦିଗରେ ଘୋଷଣାର ଆନ୍ତରିକତାକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାରୁ କେହି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ ନାହିଁ ବୋଲି ଗତ ନିର୍ବାଚନ ସମୟରେ ବିଜେପି ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଗତ ୧୫ ମାସ ମଧ୍ୟରେ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ୧୫୦ରୁ ଊର୍ଦ୍ଧ୍ୱ ଦାଦନ ପ୍ରାଣ ହରାଇଥିବାବେଳେ ଶହଶହ ବିକଳାଙ୍ଗ ହୋଇଫେରିଛନ୍ତି ।

ଦାଦନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଟାସ୍କ ଫୋର୍ସ ଗଠନ କଲେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧ୍ୟକ୍ଷ ରହିଥିଲେ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଦସ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ଅନ୍ୟ ବିଭାଗ ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବ ପ୍ରମୁଖ ▶ପୃଷ୍ଠା-୭

### ନିର୍ମାଣାଧୀନ ପ୍ରକଳ୍ପ ଶେଷ ପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ଅରାଜି !

**'ମହା' ବିବାଦ**

## ଚାପରେ ମୋହନ-ବିଷ୍ଣୁ

■ **ଭୁବନେଶ୍ୱର, ୩।୮ (ସମିସ):** ୧୯୮୩ ମସିହାରୁ ଦୀର୍ଘ ୪୨ ବର୍ଷ ଧରି ମହାନଦୀକୁ ନେଇ ଲଢ଼େଇ କରୁଛି ଓଡ଼ିଶା। ପ୍ରଥମେ ମହାନଦୀକୁ ନେଇ ମଧ୍ୟପ୍ରଦେଶ ସହ ବିବାଦ ଚାଲିଥିଲା ଓ ମଧ୍ୟପ୍ରଦେଶ ବିଭାଜନ ପରେ ଏବେ ଲଢ଼େଇ ଛତିଶଗଡ଼ ସହ ଚାଲିଛି। ୮୬୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ମହାନଦୀର ୫୩% ଛତିଶଗଡ଼ରେ ରହିଥିବାବେଳେ ଓଡ଼ିଶାରେ ୪୭% ରହିଛି। ମାତ୍ର ବିଡ଼ମ୍ବନା ହେଉଛି ଓଡ଼ିଶାକୁ ଅନ୍ଧାରରେ ରଖି ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ବାନ୍ଧି ଜଳ ପ୍ରବାହରେ ପ୍ରତିବନ୍ଧକ ଲଗାଇଛି। ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ଓ ବିଜେପି ପାଇଁ ଅଡୁଆ ପରିସ୍ଥିତି



ସୃଷ୍ଟି କରିଛି। ବିରୋଧୀ ମହାନଦୀ ବିବାଦର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ପକାଉଛନ୍ତି। ମାତ୍ର କୌତୂହଳର କଥା ହେଉଛି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ 'ଆପୋସ' ସମାଧାନ ନିମନ୍ତେ ଲେଖିଥିବା ଚିଠିର ଉତ୍ତର ଛତିଶଗଡ଼ ସରକାର ଦେଇ ନାହାନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ପ୍ରସ୍ତାବ ଉପରେ ବିଚାରାଲୋଚନା ଚାଲିଥିବା ମନ୍ତବ୍ୟ ଦେଇ କଥାକୁ ଅଧାରେ ରୋକି ଦେଇଛନ୍ତି। ମାତ୍ର କେଉଁସ୍ତରରେ ଛତିଶଗଡ଼ ସରକାର କାହା ସହ ବିଚାରାଲୋଚନା କରୁଛନ୍ତି ତାହା ଏବେ ବି ଅସ୍ପଷ୍ଟ। ଓଡ଼ିଶାରେ ମହାନଦୀ ବିବାଦ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେପରି ବିରୋଧୀଙ୍କ ଚାପରେ ଅଛନ୍ତି, ଅନୁରୂପ ଭାବରେ ବିଷ୍ଣୁଦେବ ସାଏ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ନିଜ ରାଜ୍ୟରେ ଚାପଗ୍ରସ୍ତ। ବିରୋଧୀଦଳଗୁଡ଼ିକ ବିଷ୍ଣୁଦେବଙ୍କ ପଦକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଓ ସାମାନ୍ୟ ତ୍ରୁଟିବିଚ୍ୟୁତି ତାଙ୍କ ସରକାର ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରକ୍ଷଣାତ୍ମକ ମନୋଭାବ ପୋଷଣ କରୁଥିବା ▶ପୃଷ୍ଠା-୭

**ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା**

## ବନ୍ଧାହେଲେ ବୋର୍ଡ ଉପସଭାପତି

■ **କଟକ, ୩।୮ (ସମିସ):** ରାଜ୍ୟ ସାରା କାର୍ଯ୍ୟରତ ପ୍ରାଥମିକ ଶିକ୍ଷକଙ୍କ ପାଇଁ ଜୁଲାଇ ୨୦ରେ ଅନୁଷ୍ଠିତ ହେବାକୁ ଥିବା 'ସ୍ୱତନ୍ତ୍ର ଓଟିଇଟି-୨୦୨୫' ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପୂର୍ବଦିନ ବିଳମ୍ବିତ ରାତିରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅପ୍ରତ୍ୟାଶିତ ଭାବରେ ବାତିଲ କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଆଜି କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି। ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପ୍ରଚଳିତ ପରୀକ୍ଷା ପରିଚାଳନା

**ଉପସଭାପତିଙ୍କ ଲାପ୍‌ଟପ୍‌କୁ 'ଏଫ୍‌ଟିପି' ବଦଳରେ 'ଇ-ମେଲ୍'ରେ ଆସିଥିଲା ପ୍ରଶ୍ନପତ୍ର**

**ମୁଖ୍ୟ ଅଭିଯୁକ୍ତଙ୍କୁ ୨ ମାସରେ ୧୦୦ଥର କଲ୍ କରି ସନ୍ଦେହକୁ ଆସିଥିଲେ ନୀହାର**



ବ୍ୟବସ୍ଥାରେ ଚାଲିଥିବା ନିୟମ ବହିର୍ଭୂତ କାର୍ଯ୍ୟ ସାମ୍ନାକୁ ଆସିଛି। ସବୁ ନିୟମକୁ ଉଲ୍ଲଘଂନ କରି ବୋର୍ଡ ଉପସଭାପତି କିଭଳି କାର୍ଯ୍ୟ କରୁଥିଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌ରୁ ହିଁ ପ୍ରଶ୍ନପତ୍ର ଲିକ୍ ହୋଇଥିବା କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି। ଗତ କିଛି ଦିନ ହେବ, ଉପସଭାପତି ନୀହାରଙ୍କ ଉପରେ କ୍ରାଇମବ୍ରାଞ୍ଚର ସନ୍ଦେହ ବଢ଼ିଥିଲା। ତାଙ୍କୁ ଗିରଫ ପାଇଁ ମଧ୍ୟ ଅନେକ ମହଲରେ ଦାବି ଉଠିଥିଲା। ଏହାକୁ ନେଇ କ୍ରାଇମବ୍ରାଞ୍ଚ ▶ପୃଷ୍ଠା-୭

## ସ୍ୱାମୀଙ୍କୁ ଦଳିଦେଲା ହାତୀ; ବିଷ ପିଇଦେଲେ ସ୍ତ୍ରୀ

■ **ତେଲକୋଇ, ୩।୮ (ସମିସ):** ସ୍ୱାମୀଙ୍କୁ ହାତୀ ଦଳିଦେବା ଖବର ଶୁଣି ବିଷ ପିଇଦେଲେ ସ୍ତ୍ରୀ। କେନ୍ଦୁଝର ଜିଲ୍ଲା ଭୂୟାଁ ଜୁଆଙ୍ଗପିଢ଼ ଫରେଷ୍ଟ ରେଞ୍ଜ କାଞ୍ଜିପାଣି ଫରେଷ୍ଟ ସେକ୍ସନ୍ ଟଣ ପଞ୍ଚାୟତ ଗୋବିନ୍ଦପୁର ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଜଣଙ୍କ ହେଲେ ଗାଁର ଦେବାଦୀ ବାରିକ (୫୫)। ଶନିବାର ରାତିରେ ସେ ଫସଲ ରକ୍ଷା ପାଇଁ ଏକ ହାତୀପଲକୁ ଘଉଡ଼ାଉଥିବା ବେଳେ ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ତେବେ ଏହି ଖବର ଶୁଣି ଦେବାଦୀଙ୍କ ସ୍ତ୍ରୀ ରୁକ୍ମିଣୀ ବାରିକ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନାନୁସାରେ, କେନ୍ଦୁଝର ବନଖଣ୍ଡରେ ହାତୀ-ମଣିଷ ଲଢ଼େଇ ଘଟଣା ବଢ଼ିବାରେ ଲାଗିଛି। ଅଧିକାଂଶ ସମୟରେ ଖାଦ୍ୟ ଅନ୍ୱେଷଣରେ ▶ପୃଷ୍ଠା-୭

**ଗୁଣିଗାରେଡ଼ି ସନ୍ଦେହରୁ ହତ୍ୟା**

## ଗୁପ୍ତାଙ୍ଗ କାଟି ପଥର ଛେଚି ମାରିଲେ

■ **ମୋହନା, ୩।୮ (ସମିସ):** ଗୁଣିଗାରେଡ଼ି ସନ୍ଦେହ ଓ ତେନ୍ତୁଳି ଗଛ ଗ୍ରାମ କୋଠକୁ ନଦେବାକୁ ନେଇ ମୋହନା ଥାନା ରାଚାଗୁଡ଼ା ଗ୍ରାମରେ ଶନିବାର ଘଟିଛି ଏକ ବୀଭତ୍ସ ହତ୍ୟା। ଜନୈକ ବ୍ୟକ୍ତିଙ୍କ ଗୁପ୍ତାଙ୍ଗକୁ କାଟିବା ପରେ ପଥରରେ ଛେଚି ଡ୍ୟାମ୍‌କୁ ଫିଙ୍ଗି ଦେଇଛନ୍ତି ଗ୍ରାମବାସୀ। ମୃତକ ହେଲେ ଗୋପାଳ ମଳିକ (୩୫)।

ଗୋପାଳଙ୍କ ପ୍ରାୟ ୩୦ ତେନ୍ତୁଳି ଗଛ ଥିଲା। ହେଲେ ଗାଁ ଲୋକେ ସେହି ତେନ୍ତୁଳିଗଛ ଗୁଡ଼ିକୁ ଗାଁ କୋଠକୁ ଦେବା ପାଇଁ ଦାବି କରିଥିଲେ। ହେଲେ ସେହି ଗଛଗୁଡ଼ିକୁ ଦେବାକୁ ପରିବାର ମନା କରିବାରୁ ଗାଁ ଲୋକଙ୍କ ସହିତ ଗୋପାଳର



**୧୪ ଅଭିଯୁକ୍ତ ଗିରଫ**

ଶତ୍ରୁତା ବଢ଼ିଥିଲା। ଅପରପକ୍ଷେ, ୧୫ଦିନ ପୂର୍ବେ ରାଚାଗୁଡ଼ା ଗ୍ରାମର ସୁବାସ ମଳିକଙ୍କ ସ୍ତ୍ରୀ ଝୁନୁ ମଳିକଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଗୋପାଳ ଗୁଣି କରି ଝୁନୁକୁ ମାରିଦେଇଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ତା'ପରେ ଗୋପାଳକୁ ଜୀବନରେ ମାରିଦେବାକୁ ଯୋଜନା କରିଥିଲେ। ଗୋପାଳ ଆଗୁଆ ଜାଣିପାରି ଭୟରେ ଗାଁ ଛାଡ଼ି ଶଶୁର ଘର ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଗଣ୍ଡିଗାଁକୁ ଯାଇ ସେଠାରେ ରହୁଥିଲା। ହେଲେ ▶ପୃଷ୍ଠା-୭

## ଏବେ ଲାଗୁହେଉ ୟୁସିସି: ଚନ୍ଦ୍ରଚୂଡ଼

■ **ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ବଡ଼ ଟିପ୍ପଣୀ ଦେଇଛନ୍ତି। ଏବେ ଦେଶରେ ସମାନ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ ହେବା ଉଚିତ ବୋଲି ସେ କହିଛନ୍ତି। ସମ୍ବିଧାନରେ ମଧ୍ୟ ଏ ବିଷୟରେ ଉଲ୍ଲେଖ ରହିଛି। ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ ବର୍ଷ ପରେ ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ସମୟ ଆସିଯାଇଛି। ଦେଶର ସବୁ ଜାତି, ସମୁଦାୟ ଏବଂ ବର୍ଗଙ୍କୁ ବିଶ୍ୱାସରେ ନେଇ ଏହି ପଦକ୍ଷେପ ନେବା ଉଚିତ। କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନୂଆ ପୁସ୍ତକ 'ଆୱାର ଲିଭିଂ କନଷ୍ଟିଚ୍ୟୁସନ'ର ଉନ୍ମୋଚନ ଅବସରରେ ଶନିବାର ଜଷ୍ଟିସ ଚନ୍ଦ୍ରଚୂଡ଼ ଏହି ଟିପ୍ପଣୀ ଦେଇଛନ୍ତି।

ସେ କହିଥିଲେ ଯେ ୟୁସିସି ଉପରେ ଚର୍ଚ୍ଚା ଯୁବ ପିଢି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ସବୁ ଜାତି, ସମୁଦାୟ, ବର୍ଗଙ୍କୁ ବିଶ୍ୱାସକୁ ନେଇ ପଦକ୍ଷେପ ନିଅନ୍ତୁ**

**ଦେଶକୁ ସ୍ଥିରତା ଦେଇଛି ସମ୍ବିଧାନ**

କାରଣ ସେମାନେ ଦେଶର ଭବିଷ୍ୟତ। ସମ୍ବିଧାନ କେବଳ ପ୍ରମାଣପତ୍ର ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣୁଥିବା ଜୀବନ୍ତ ଶକ୍ତି। ସବୁଠାରୁ ବଡ଼ ଶକ୍ତି ଭାବେ ▶ପୃଷ୍ଠା-୭



## କୋଟିପତି ଏମ୍‌ଭିଆଇଙ୍କ ୪୪ ପ୍ଲଟ୍, କେଜିଏ ସୁନା

■ **ବୌଦ୍ଧ/ବାରିପଦା/ଭୁବନେଶ୍ୱର, ୩।୮ (ସମିସ):** ଚାକିରି ଏମ୍‌ଭିଆଇ, ହେଲେ ନିଶା ପ୍ଲଟ୍ କିଣିବା। ଗୋଟିଏ କି ଦୁଇଟି ନୁହେଁ, ବାରିପଦା ଓ ଆଖପାଖ ଅଞ୍ଚଳରେ ନିଜ ଓ ସଂପର୍କୀୟ ନାମରେ କିଣିଛନ୍ତି ୪୩ ମୂଲ୍ୟବାନ ପ୍ଲଟ୍। ସେହିପରି ବାଲେଶ୍ୱର ଶ୍ରୀବନ୍ତପୁରରେ ଗୋଟିଏ ପ୍ଲଟ୍ ରହିଛି। ସବୁ ପ୍ଲଟ୍ ମିଶିଲେ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ହେବ। ଏହି ସବୁ ପ୍ଲଟ୍‌ର ମୂଲ୍ୟ ୧.୪୯ କୋଟି ଟଙ୍କା ହେବ। ଖାଲି ସେତିକି ନୁହେଁ, ଘରେ ରଖିଛନ୍ତି ୧ କେଜିର ସୁନା ବିସ୍କୁଟ। ପ୍ରତି ସୁନା ବିସ୍କୁଟର ଓଜନ ୫୦ ଗ୍ରାମ। ରୁପା ଅଳଙ୍କାର ବି କିଛି କମ୍ ନାହିଁ। ସବୁଆଡୁ ଦରାଣ୍ଡିଲା ପରେ ୨.୧୨୬ କେଜିର ରୁପା ଅଳଙ୍କାର ଠାବ ▶ପୃଷ୍ଠା-୭

**ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପଛରେ ଅନେକ ଅସମାହିତ ପ୍ରଶ୍ନ**

## ସବୁକିଛି ବଦଳିଗଲା କେମିତି?

■ **ପୁରୀ, ୩।୮ (ସମିସ):** ଦୀର୍ଘ ୧୫ ଦିନର ଜୀବନ ମରଣ ସହ ଲଢ଼େଇ ଭିତରେ ହାରିଯାଇଛନ୍ତି ବଳଙ୍ଗା ପୀଡ଼ିତା। ସେ ସୁସ୍ଥ ହୋଇ ଘରକୁ ଫେରିବାର ବିଶ୍ୱାସକୁ ଭାଙ୍ଗି ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଛି। ପୀଡ଼ିତାଙ୍କ ମୃତ୍ୟୁଠାରୁ ପୁଲିସର ତଦନ୍ତ ସବୁକୁ ନେଇ ରାଜ୍ୟବାସୀ ବି ଦ୍ୱନ୍ଦ୍ୱରେ। ଚିକିତ୍ସା ଠିକ୍ ଥିଲା, ତଦନ୍ତ ବି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ହଠାତ୍ ଏମିତି କ'ଣ ହେଲା? ପୀଡ଼ିତାଙ୍କ ମୃତ୍ୟୁ ପରେ ସବୁକିଛି କାହିଁକି ସନ୍ଦେହ ଭିତରକୁ ଟାଣି ହୋଇଯାଇଛି। ଏହାର ଉତ୍ତରକୁ

**▶ ପ୍ରଥମରୁ ତିନି ଦୁର୍ବୃତ୍ତ, ଶେଷରେ କାହାରି ସମ୍ପୃକ୍ତି ନାହିଁ**

**▶ ୩ ଦୁର୍ବୃତ୍ତ ନିଆଁ ଲଗାଇଥିବା ମା' ଅଭିଯୋଗ କରିଥିଲେ**

**▶ ଘଟଣାସ୍ଥଳରୁ ଜବତ ରୁପା ମୁଦି ଓ ଚୁଡ଼ି କାହାର ?**



ଅପେକ୍ଷା କରିଥିବା ରାଜ୍ୟବାସୀଙ୍କୁ ସବୁଠୁ ଅଧିକ ଚକିତ କରିଛି ପୁଲିସର ସ୍ୱଷ୍ଟୋକ୍ତି। ପୀଡ଼ିତା ଦିଲ୍ଲୀ ଏମ୍ସରେ ଆଖି ବୁଜିବାର ମାତ୍ର କେଇ ମିନିଟ୍ ପରେ ଓଡ଼ିଶା ପୁଲିସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଥିଲା 'ଏହି ଘଟଣାରେ ପୁଲିସ ପକ୍ଷରୁ ନିଷ୍ଠାର ସହ ତଦନ୍ତ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି'। ଯଦି ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇବାରେ କାହାର ସମ୍ପୃକ୍ତି ନାହିଁ, ତେବେ ପୀଡ଼ିତା କ'ଣ ନିଜେ କିରାସିନି ଢାଳି ନିଆଁ ଲଗାଇ ଦେଇଛନ୍ତି? କ'ଣ ଏମିତି ଘଟଣା ଘଟିଥିଲା ତାଙ୍କ ସହ, ଯେଉଁଥିପାଇଁ ନିଜ ଜୀବନ ନେବାକୁ ସେ ନିଷ୍ପତ୍ତି ନେଇଥିଲେ? ତଦନ୍ତରୁ ପୁଲିସ ଯଦି ଜାଣିଥିଲା ଏଥିରେ କାହାର ହାତ ନାହିଁ, ତେବେ ୧୫ ଦିନ ଧରି କାହିଁକି ଅପେକ୍ଷା କରିଥିଲା? ବିଭିନ୍ନ ସମୟରେ ପୁଲିସ ତଦନ୍ତରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କହୁଥିଲା, ସେ ତଥ୍ୟ କ'ଣ ଥିଲା। ପୀଡ଼ିତାଙ୍କ ମାଆ ଥାନାରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଝିଅକୁ ଟେକିଦେଇ କିରାସିନି ଢାଳି ନିଆଁ ଲଗାଇଥିବା କେଉଁ ▶ପୃଷ୍ଠା-୭






## ଗାଜାରେ ଇସ୍ରାଏଲ ସେନା ଗୁଳିରେ ୧୦ ମୃତ

ଗାଜା,୩।୮(ଏଜେନ୍ସି): ଗାଜାରେ ଇସ୍ରାଏଲ ସେନା ଦୁଇଟି ସହାୟତା ବଣ୍ଟନ କେନ୍ଦ୍ର ନିକଟରେ ଗୁଳି ମାଡ଼ କରିଛି। ଏଥିରେ ଅତିକମ୍‌ରେ ୧୦ଜଣ ପ୍ରାଣ ହରାଇଛନ୍ତି। ଶନିବାର ଏହି ସହାୟତା କେନ୍ଦ୍ରରେ ଭୋକିଲା ପାଲେଷ୍ଟାଇନ୍ ନାଗରିକମାନେ ଖାଦ୍ୟ ଅନ୍ୱେଷଣରେ ଥିବା ବେଳେ ଏହି କାଣ୍ଡ ଘଟିଛି। ଆମେରିକାର ବରିଷ୍ଠ ଅଧିକାରୀମାନେ ଗାଜା ହ୍ୟୁମାନଟାରିଆନ ସେଣ୍ଟର (ଜିଏଚ୍‌ଏଫ୍) ପରିଦର୍ଶନ କରିବାର ଗୋଟିଏ ଦିନ ପରେ ଏହି ଗୁଳିକାଣ୍ଡ ଘଟିଛି। କେବଳ ସେତିକି ନୁହଁ ଜିକିମ୍ କ୍ରସିଂ ନିକଟରେ ସାହାଯ୍ୟ ପାଇବା ଆଶାରେ ଏକାଠି ହେଉଥିବାବେଳେ ଗୁଳିମାଡରେ ଆଉ ୧୯ଜଣ ଲୋକ ପ୍ରାଣ ହରାଇଛନ୍ତି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଆମ୍ବୁଲାନ୍ସ ଓ ଏମର୍ଜେନ୍ସି ସର୍ଭିସ ତରଫରୁ କୁହାଯାଇଛି।

### ରୁଷିଆରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ

## ୬୦୦ ବର୍ଷ ପରେ ଆଗ୍ନେୟ ଉଦ୍‌ଗୀରଣ

ମସ୍କୋ,୩।୮(ଏଜେନ୍ସି): ରୁଷିଆର କୁରିଲ ଦୀପପୁଞ୍ଜରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଏହାର ତୀବ୍ରତା ୭.୦ ଥିଲା। ଫଳରେ ରୁଷିଆର ସୁଦୂର ପୂର୍ବାଞ୍ଚଳରେ ଥିବା କାମଚାଟକା ଉପଦୀପର ୩ଟି ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀ ସତର୍କତା ଜାରି କରାଯାଇଛି। ପ୍ୟାସିଫିକ୍ ସୁନାମୀ ୱାର୍ଣ୍ଣିଂ ସିଷ୍ଟମ ଓ ୟୁଏସ୍ ଜିଓଲୋଜିକାଲ ସର୍ଭେ ଏହି ଭୂକମ୍ପର ଶକ୍ତି ଓ ଘନତାକୁ ନିଶ୍ଚିତ କରିଛି। ରୁଷିଆର ଅନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ଆଶଙ୍କା ନାହିଁ ବୋଲି କୁହାଯାଇଛି। ଏହି ଭୂକମ୍ପ କାରଣରୁ ରୁଷିଆର କାମାଚଟକାରେ ଥିବା କ୍ରାସେନିନିକୋଭର ସୁପ୍ତ ଆଗ୍ନେୟଗିରି ଦୀର୍ଘ ୬୦୦ ବର୍ଷ ପରେ ଜୀବନ୍ତ ହୋଇଛି ଓ ଏଥିରୁ ଅଗ୍ନି ଉଦ୍‌ଗୀରଣ ହୋଇଛି।

## ଚିଦମ୍ବରମ୍ ମିଥ୍ୟା ପ୍ରଚାର କରୁଛନ୍ତି: ଇସି

ଚେନ୍ନଇ, ୩।୮ (ଏଜେନ୍ସି): ନିର୍ବାଚନ କମିଶନ (ଇସି) ରବିବାର କଂଗ୍ରେସ ନେତା ପି ଚିଦମ୍ବରମଙ୍କୁ ଦୃଢ଼ ଜବାବ ଦେଇଛନ୍ତି। ବିହାରର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କୁ ତାମିଲନାଡୁ ସହ ଯୋଡ଼ିବା ବୃଥା ତଥା ଆଧାରହୀନ ବୋଲି କହିଛନ୍ତି। ଏହା ପୂର୍ବରୁ ଶନିବାର ଚିଦମ୍ବରମ ବିହାର ଏସ୍‌ଆଇଆରକୁ ସମାଲୋଚନା କରି ଭୋଟର ତାଲିକାରୁ ଲକ୍ଷ ଲକ୍ଷ ନାମକୁ ବାଦ୍ ଦିଆଯାଇଥିବା କହିଥିଲେ। ବିହାରରୁ ୬୫ ଲକ୍ଷ ଭୋଟର ସବୁଦିନ ପାଇଁ ଅନ୍ୟ ସ୍ଥାନକୁ ପଳାଇଛନ୍ତି ବୋଲି ଇସି କେମିତି ଜାଣିଲେ? କେଉଁ ଆଧାରରେ ଏହାକୁ ହଟାଇ ଦେଲେ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଶ୍ନ କରିଥିଲେ। ଏହା ପ୍ରବାସୀ ଶ୍ରମିକଙ୍କ ପାଇଁ ଅପମାନ ବୋଲି କହିଥିଲେ। ସେ ପୁଣି ତାମିଲନାଡୁରେ ୬.୫ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଥିବା ଦାବି କରିଥିଲେ। କିନ୍ତୁ ନିର୍ବାଚନ କମିଶନଙ୍କ ଚିଦମ୍ବରମଙ୍କ ଦାବିକୁ ଭ୍ରମାତ୍ମକ କହି ଖାରଜ କରିଦେଇଛନ୍ତି। ତାମିଲନାଡୁରେ ଏ ପର୍ଯ୍ୟନ୍ତ ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୬.୫ ଲକ୍ଷ ଭୋଟରଙ୍କୁ ଯୋଡ଼ିବା ନେଇ ଚିଦମ୍ବରମ ମିଥ୍ୟା ତଥ୍ୟ ଦେଉଛନ୍ତି ବୋଲି କୁହାଯାଇଛି। ଏଭଳି ମିଥ୍ୟା ମନ୍ତବ୍ୟରୁ ବିରତ ରହିବାକୁ ଇସି ପରାମର୍ଶ ଦେଇଛନ୍ତି।

## ଆମେରିକାରେ ନିଖୋଜ ୪ ଭାରତୀୟ କାର୍ ଦୁର୍ଘଟଣାରେ ମୃତ



ନୂଆଦିଲ୍ଲୀ,୩।୮(ଏଜେନ୍ସି): ଆମେରିକାରେ ୫ ଦିନ ତଳେ ଏକ ଧାର୍ମିକ ଯାତ୍ରା ଅବସରରେ ନିଖୋଜ ଭାରତୀୟ ବଂଶୋଦ୍ଭବ ପରିବାରର ୪ ଜଣ ବରିଷ୍ଠ ସଦସ୍ୟ କାର୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି। ରବିବାର ଏମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମାର୍ଶାଲ କାଉଣ୍ଟି ଶେରିଫ୍ ଅଫିସ ତରଫରୁ ଏହି ସୂଚନା ଦିଆଯାଇଛି। ସମସ୍ତଙ୍କ ବୟସ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୋଲି କୁହାଯାଇଛି। ହାଲକା ସବୁଜ ରଙ୍ଗର ଟୋୟଟା କାମ୍ରି କାର ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଏକ ବଡ୍ ହ୍ୱିଲିଂ କ୍ରିକ୍ ରୋଡ ନିକଟରେ କ୍ଷତିଗ୍ରସ୍ତ ଅବସ୍ଥାରେ ରହିଥିଲା। ଏପରିକି ସେଠାରେ ପହଞ୍ଚିବାକୁ ଉଦ୍ଧାରକାରୀ ଦଳକୁ ପାଖାପାଖି ୫ ଘଣ୍ଟା ସମୟ ଲାଗିଥିଲା। ଦୁର୍ଘଟଣାର କାରଣ ନେଇ ଯାଞ୍ଚ କରାଯିବ ବୋଲି କୁହାଯାଇଛି। ମୃତ୍ୟୁବରଣ କରିଥିବା ଏହି ୪ ବରିଷ୍ଠ ନାଗରିକମାନେ ହେଲେ କିଶୋର ଦିବାନ (୮୯), ଆଶା ଦିବାନ (୮୫), ଶୈଳେଶ ଦିବାନ (୮୬) ଓ ଗୀତା ଦିବାନ(୮୪)। ଏମାନଙ୍କୁ ଜୁଲାଇ ୨୯ରେ ପେନସିଲଭାନିଆର ଏରିରେ ପିଚ୍ ଷ୍ଟ୍ରିଟ୍‌ସ୍ଥିତ ଏକ ବର୍ଗର କିଙ୍ଗ୍ ଆଉଟ୍‌ଲେଟ୍‌ରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏମାନେ ସମସ୍ତେ ମାର୍ଶାଲ କାଉଣ୍ଟିର ପ୍ୟାଲେସ ଅଫ୍ ଗୋଲ୍ଡକୁ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ଇସ୍କନପ୍ରତଷ୍ଠାତା ସ୍ୱାମୀ ପ୍ରଭୁପାଦଙ୍କ ଶିଷ୍ୟମାନେ ଏହାକୁ ପ୍ରତିଷ୍ଠା କରିଥିଲେ ଓ ଏହା ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ଭାବେ ଖ୍ୟାତି ହାସ କରିଛି।

# ଅପ୍ରତ୍ୟାଶିତ ମୋଡ଼ ନେଲା ପିଓକେରେ ଆତଙ୍କୀର ଶବ ଶୋଭାଯାତ୍ରା

### ଆତଙ୍କବାଦୀଙ୍କୁ ପରିବାର ସଦସ୍ୟଙ୍କ ବିରୋଧ

ଶ୍ରୀନଗର,୩।୮(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ପାକିସ୍ତାନର ମୁଖା ପୁଣି ଖୋଲିଛି। ଅପରେସନ ମହାଦେବରେ ଭାରତୀୟ ସେନା ଦ୍ୱାରା ଏନ୍‌କାଉଣ୍ଟର ମୃତ୍ୟୁବରଣ କରିଥିବା ତାହିର ହବିବ୍ ନାମକ ଆତଙ୍କବାଦୀର ଶବ ଶୋଭାଯାତ୍ରା ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅଭାବନୀୟ ଘଟଣା ଘଟିଥିଲା। ତାହିରର ଜନାଜା-ଇ- ଗାଏବ ପିଓକେର କାଇ ଗଲ୍ଲା ଗାଁରେ ବାହର କରାଯାଇଥିଲା। ଯେତେବେଳେ ମୃତ ଦେହ ନ ଥାଏ ସେତେବେଳେ ଜନାଜା-ଇ- ଗାଏବ ବାହାର କରାଯାଇଥାଏ। ଏଥିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। କିନ୍ତୁ ଏହି ଶୋଭାଯାତ୍ରା ଅପ୍ରତ୍ୟାଶିତ ଭାବେ ଏକ ଭିନ୍ନ ମୋଡ ନେଇଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ବୟସ୍କ ବ୍ୟକ୍ତି, ପୂର୍ବତନ ପାକ ସୈନିକ ଓ ଆତଙ୍କୀ ସଂଗଠନ ଲସ୍କର-ଇ- ତୋଏବା(ଏଲ୍‌ଇଟି)ର ସଦସ୍ୟ ଯୋଗ ଦେଇଥିଲେ। କିନ୍ତୁ ତାହିର ପରିବାର ଏମାନଙ୍କୁ ବିରୋଧ କରିଥିଲେ। ଯେତେବେଳେ ଏଲ୍‌ଇଟିର ସ୍ଥାନୀୟ କମାଣ୍ଡର ରିଜୱାନ ହନିଫ୍ କେତେ ଜଣ ସଶସ୍ତ୍ର ଆତଙ୍କୀଙ୍କ ସହ ସେଠାରେ ପହଞ୍ଚିଲା, ସେତେବେଳେ ତାହିର ପରିବାର ସଦସ୍ୟ ସେମାନଙ୍କୁ ଦୃଢ ବିରୋଧ କରିଥିଲେ। ଏପରିକି ତାହିରର ଜଣେ ପୁତୁରା ବନ୍ଧୁକ ଧରି ସେମାନଙ୍କୁ ଚାଲିଯିବାକୁ ଧମକ ଦେଇଥିଲେ। ଶୋଭାଯାତ୍ରାରେ ଠେଲାପେଲା ହେବା ସହ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ହନିଫ୍ ଓ ତା'ର ସହଯୋଗୀ ସେଠାରୁ ଚାଲିଯିବାକୁ ବାଧ ହୋଇଥିଲେ। ପୂର୍ବରୁ ମଧ୍ୟ ଅପରେସନ ସିନ୍ଦୂରରେ ମୃତାହତ ହୋଇଥିବା ଆତଙ୍କୀଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ପାକିସ୍ତାନ ସେନା ଅଧିକାରୀ ମାନେ ଯୋଗ ଦେଇଥିଲେ। ଏଥିସହ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ହାତ ଅଛି ବୋଲି ପୁଣି ପ୍ରମାଣିତ ହୋଇଛି।

# ଟ୍ରମ୍ପଙ୍କ ପାଗଳାମି: ୬ ମାସରେ ବଦଳାଇଲେଣି ୩୪ ନିଷ୍ପତ୍ତି



ୱାଶିଂଟନ, ୩।୮ (ଏଜେନ୍ସି):

ଶପଥ ଗ୍ରହଣ ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆତଙ୍କ ସୃଷ୍ଟି କରିଛନ୍ତି। କେବେ ପ୍ରବାସୀଙ୍କୁ ନିଶାଣ କରୁଛନ୍ତି ତ ଆଉ କେବେ ଶୁଳ୍କ ଲଗାଇ ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିବାକୁ ପ୍ରୟାସ କରିଛନ୍ତି। ସେ ୧୯୪ ଦିନ ହେଲା କ୍ଷମତାସୀନ ହେଲେଣି। କିନ୍ତୁ ତାଙ୍କର ଏହି କାର୍ଯ୍ୟକାଳ ଅଶାନ୍ତିପୂର୍ଣ୍ଣ ଏବଂ ୟୁ-ଟର୍ଣ୍ଣ ଭରା ରହିଛି। ଶୁଳ୍କ ନୀତିକୁ ନେଇ ସର୍ବାଧିକ ଅସ୍ଥିରତା ଦେଖା ଦେଇଛି। ଏ ପର୍ଯ୍ୟନ୍ତ ଟ୍ରମ୍ପ ଜବାବୀ ଶୁଳ୍କ ସମ୍ବନ୍ଧିତ ୨୮ ନିଷ୍ପତ୍ତିକୁ ବଦଳାଇ ଦେଇଛନ୍ତି। ତେଣୁ ଟ୍ରମ୍ପଙ୍କୁ ଏବେ ପଲଟୁରାମ କୁହାଗଲାଣି। ସେ ଶୁଳ୍କ ପାଇଁ ଯେତିକି ଚର୍ଚ୍ଚାରେ ଅଛନ୍ତି ତାଠୁ ଅଧିକ ଚର୍ଚ୍ଚା ନିଜ ନିଷ୍ପତ୍ତିକୁ ବଦଳାଇବାକୁ ନେଇ ହେଉଛି।

ଏପର୍ଯ୍ୟନ୍ତ ରେକର୍ଡ ୧୭୮ଟି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି। ଅର୍ଥାତ୍ ପ୍ରତିଦିନ ପ୍ରାୟ ଗୋଟିଏ ନୂଆ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏଥିମଧ୍ୟରୁ ୩୪ଟି ନିଷ୍ପତ୍ତିକୁ ଟ୍ରମ୍ପ ପ୍ରତ୍ୟାହାର କରି ନେଇଛନ୍ତି। ଉଦାହରଣ ସ୍ୱରୂପ ଗବେଷଣା ପାଣ୍ଠି ବନ୍ଦ କରିବାର ନିର୍ଦ୍ଦେଶକୁ ଆମେରିକା ରାଷ୍ଟ୍ରପତି ମାତ୍ର ୩ ଦିନ ମଧ୍ୟରେ ପ୍ରତ୍ୟାହାର କରି ନେଇଥିଲେ। ଗ୍ୟାସ ଏବଂ ଶକ୍ତି କ୍ଷେତ୍ରରେ ଦିଆଯାଉଥିବା ରିହାତି ପ୍ରତ୍ୟାହାର କରିବାକୁ ମଧ୍ୟ ସେ ଘୋଷଣା କରିଥିଲେ। ତେବେ ଦୁଇ ସପ୍ତାହ ପରେ ଏଥିରୁ ଟ୍ରମ୍ପ ୟୁ-ଟର୍ଣ୍ଣ ନେଇଥିଲେ। ବେଆଇନ ପ୍ରବାସୀ, ଶୁଳ୍କ ଏବଂ ଏଲଜିବିଟିକ୍ୟୁ ଅଧିକାର ପର୍ଯ୍ୟନ୍ତ ଟ୍ରମ୍ପ ଅନେକ ଥର ନିଜ ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନେଇଛନ୍ତି। ଟ୍ରମ୍ପଙ୍କ ୟୁ-ଟର୍ଣ୍ଣର ଗୁରୁତର ପ୍ରଭାବ ଶିଳ୍ପ ଉପରେ ପଡିଛି। ଉଦ୍ୟୋଗ ଜଗତ ସବୁଠାରୁ ଅଧିକ ଦ୍ୱନ୍ଦ୍ୱରେ ରହିଛି।

> **ଶୁଳ୍କ ଘୋଷଣା କରି ୨୮ ଥର ଦେଲେଣି ପଛଘୁଞ୍ଚା**
>
> **ନିଷ୍ପତ୍ତି ନିଅନ୍ତି; କିନ୍ତୁ ଅଟଳ ରୁହନ୍ତି ନାହିଁ**

ଆମେରିକା ରାଷ୍ଟ୍ରପତି ନିଜ ନିଷ୍ପତ୍ତିକୁ ନିଜେ ପ୍ରତ୍ୟାହାର କରିବା ପଛରେ ଆଇନଗତ ମାମଲା ରହିଛି। ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି କୋର୍ଟରେ ମାମଲାର ବନ୍ୟା ଆସିଛି। ଆମେରିକାର ସଂଘୀୟ ଅଦାଲତ ଉପରେ ଅଚାନକ ନିଷ୍ପତ୍ତି ଏବଂ ଏହାକୁ ପଲଟାଇବା ଓ ଆଇନଗତ ବିରୋଧର ଚାପ ବଢ଼ିବାରେ ଲାଗିଛି। ବିଶେଷଜ୍ଞଙ୍କ ଅନୁଯାୟୀ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ନାମରେ ନେଇଥିବା ନିଷ୍ପତ୍ତି ଉପରେ ୟୁ-ଟର୍ଣ୍ଣ ନେଇ ଟ୍ରମ୍ପ ପ୍ରଶାସନ ଏବଂ ଜନସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇଛନ୍ତି।

ବିନା ଭାବିଚିନ୍ତି ଟ୍ରମ୍ପ ନେଇଥିବା ନିଷ୍ପତ୍ତି ଉପରେ କୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ପ୍ରଶାସନର ନିର୍ଦ୍ଦେଶ ବିରୋଧରେ ଦାଏର ଆବେଦନଗୁଡିକରୁ ୨୦୦ରୁ ଅଧିକ ମାମଲାରେ କୋର୍ଟ ସ୍ଥଗିତାଦେଶ ଲଗାଇ ସାରିଲେଣି। ଏଗୁଡିକ ମଧ୍ୟରୁ ଅଧିକାଂଶ କ୍ଷେତ୍ରରେ ସଂଘୀୟ ଅଦାଲତ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଅସାମ୍ବିଧାନିକ କିମ୍ବା ତରବରିଆ ଭାବେ ପ୍ରଶାସନ ଏହି ସବୁ ନିଷ୍ପତ୍ତି ନେଇଥିଲା ବୋଲି କହିଥିଲେ। ଉଦାହରଣ ସ୍ୱରୂପ ଜନ୍ମଗତ ନାଗରିକତା ଶେଷ କରିବା ନିଷ୍ପତ୍ତି ଉପରେ ଅନେକ କୋର୍ଟ ତୁରନ୍ତ ସ୍ଥଗିତାଦେଶ ଲଗାଇ ଥିଲେ। ଏହା ୧୪ତମ ସମ୍ବିଧାନ ସଂଶୋଧନର ବିରୋଧୀ ବୋଲି କହିଥିଲେ। ଜଣେ ବିଚାରପତି ସମାନତା-ସମ୍ବନ୍ଧୀୟ ଚୁକ୍ତିନାମା ବାତିଲକୁ ରୋକି ଦେଇଥିଲେ। ଆଉ ଜଣେ ବିଚାରପତି ଇକ୍ୱିଟି ସମ୍ବନ୍ଧିତ ଠିକା ରଦ୍ଦ ଉପରେ କଟକଣା ଲଗାଇ ଦେଇଥିଲେ। ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ବିଚାରପତିମାନେ ମଧ୍ୟ ଅନେକ ମାମଲା ଉପରେ ରୋକ୍ ଲଗାଇଛନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ପ୍ରଶାସନ ବିରୋଧରେ ୩୨୯ ମାମଲା ରୁଜୁ ହେଲାଣି। ଏହି ଆବେଦନକାରୀଙ୍କ ମଧ୍ୟରେ ରାଜ୍ୟ ସରକାର, ବିଶ୍ୱବିଦ୍ୟାଳୟ ଏବଂ ସାଧାରଣ ନାଗରିକ ସାମିଲ ଅଛନ୍ତି।

କାନାଡ଼ା ଏବଂ ଚୀନ୍ ଭଳି ବ୍ୟାବସାୟିକ ସହଯୋଗୀଙ୍କ ଉପରେ ଶୁଳ୍କ ଘୋଷଣା କରିବା ପରେ ବଜାରରେ ଅସ୍ଥିରତା ଏବଂ କୂଟନୈତିକ ଚାପ ଯୋଗୁଁ ଟ୍ରମ୍ପ ଅନେକ ଥର ପଛଘୁଞ୍ଚା ଦେଇଛନ୍ତି। ଶୁଳ୍କ କାର୍ଯ୍ୟକାରୀ କରିବାର କଣ୍ଟରୁ ଟ୍ରମ୍ପ ତିନି ଥର ଓହରି ଯାଇଛନ୍ତି। ଏହାକୁ ଲାଗୁ କରିବା ପାଇଁ ପ୍ରଥମେ ଜୁଲାଇ ୯, ପରେ ଅଗଷ୍ଟ ୧ ଏବଂ ଏବେ ଅଗଷ୍ଟ ୭ ତାରିଖ ଧାର୍ଯ୍ୟ କରିଛନ୍ତି। ଟ୍ରମ୍ପ ୨୪ ଘଣ୍ଟା ମଧ୍ୟରେ ଗାଜା ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ। କିନ୍ତୁ ୬ ମାସ ବିତି ଯାଇଥିଲେ ବି ଏହାକୁ ରୋକି ପାରି ନାହାନ୍ତି। ସେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବେ ବୋଲି ମଧ୍ୟ ଦାବି କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି। ଟ୍ରମ୍ପ ଜୁଲାଇ ୯ରେ ୟୁକ୍ରେନକୁ ସାମରିକ ସହାୟତା ରୋକି ଦେଇଥିଲେ, ମାତ୍ର ପରେ ୧୦ ପାଟ୍ରିୟଟ ମିସାଇଲ ଏବଂ ଅନ୍ୟ ସାମରିକ ସହାୟତା ପଠାଇବାକୁ କହିଥିଲେ। ସେ ଜାନୁଆରୀ ୨୨ରେ ବେଆଇନ ପ୍ରବାସୀଙ୍କୁ ପ୍ରତ୍ୟର୍ପଣ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୋର୍ଟଙ୍କ ଭୟରେ ନିର୍ଦ୍ଦେଶ ରଦ୍ଦ କରି ଦେଇଥିଲେ। ପରେ ନୂଆ ନିର୍ଦ୍ଦେଶ ଜାରି କରିଥିଲେ।

## ସ୍ୱାଇସ୍‌ଜେଟ୍ କର୍ମଚାରୀଙ୍କୁ ପିଟିଲେ ସେନା ଅଧିକାରୀ

ଶ୍ରୀନଗର,୩।୮(ଏଜେନ୍ସି): ଜମ୍ମୁ- କଶ୍ମୀର ବିମାନବନ୍ଦରରେ ଅତିରିକ୍ତ ଲଗେଜକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସେନା ଅଧିକାରୀ ସ୍ୱାଇସ୍‌ଜେଟ୍‌ର ୪ ଜଣ କର୍ମଚାରୀଙ୍କୁ ଗୋଡାଇ ଗୋଡାଇ ପିଟିଛନ୍ତି। ଜଣଙ୍କର ମେରୁଦଣ୍ଡ ହାଡ ଭାଙ୍ଗିଯାଇଥିବା ବେଳେ ଜଣଙ୍କର ମୁହଁରେ ମାଡ ହୋଇଛି। ଆଉଜଣଙ୍କର



ନାକରୁ ରକ୍ତ ବାହାରିଥିବା ବେଳେ ଆଉ ଜଣେ କର୍ମଚାରୀ ବେହୋସ ହୋଇଯାଇଥିଲେ। ଜୁଲାଇ ୨୬ରେ ଏହି ଘଟଣା ଘଟିଥିବା ବେଳେ ଏବେ ଏହା ସାମ୍ନାକୁ ଆସିଛି। ଅଭିଯୁକ୍ତ ସେନା ଅଧିକାରୀ ରିତେଶ କୁମାର ସିଂଙ୍କୁ ଏୟାରଲାଇନ୍ସ ନୋ ଫ୍ଲାଇଂ ଲିଷ୍ଟରେ ସାମିଲ କରିଛି। ଶ୍ରୀନଗରରୁ ଏସ୍‌ଜି-୩୮୬ ଦିଲ୍ଲୀ ଯିବା ବେଳେ ଏହି ଘଟଣା ଘଟିଥିଲା। ଅଧିକାରୀଜଣକ ଦୁଇଟି କ୍ୟାବିନ ବ୍ୟାଗେଜ ନେଇ ଯାଉଥିଲେ ଓ ଏହାର ଓଜର ୧୬ କେଜି ଥିଲା। ଏହା ୭ କେଜି ସୀମାର ଦୁଇଗୁଣା ଥିଲା। ଅଧିକ ଓଜନ ହେଉଥିବାରୁ ଅଧିକ ପେମେଣ୍ଟ ଦେବାକୁ ହେବ ବୋଲି କର୍ମଚାରୀ କହିଥିଲେ। କିନ୍ତୁ ଅଧିକାରୀ ଅଧିକ ପଇସା ଦେବାକୁ ମନା କରିଦେଇଥିଲେ। ଏହାପରେ ସେ ଜବରଦସ୍ତି ଏୟାରବ୍ରିଜ୍‌କୁ ଯାଇଥିଲେ। ଏହା ନିୟମର ଉଲ୍ଲଂଘନ ଥିଲା। କର୍ମଚାରୀ ତାଙ୍କୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଅଧିକାରୀଜଣକ ତାଙ୍କୁ ଲାଇନ୍‌ରେ ରଖାଯାଇଥିବା ଷ୍ଟାଣ୍ଡରେ ପିଟିବାକୁ ଆରମ୍ଭ କରିଥିଲେ। ସେ ଗୋଇଠା, ବିଧା ଚାପୁଡା ମାରିଚାଲିଥିଲେ।

## ନିର୍ବାଚନ କମିସନଙ୍କୁ ନେଇ ସନ୍ଦେହରେ ଜନତା: ଗୋଗୋଇ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଲୋକସଭା ଉପନେତା ତଥା କଂଗ୍ରେସ ସାଂସଦ ଗୌରବ ଗୋଗୋଇ ନିର୍ବାଚନ କମିଶନ (ଇସି)ଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ସଂସଦରେ ଭୋଟର ତାଲିକା ସଂଶୋଧନକୁ ନେଇ ଚର୍ଚ୍ଚା ହେଉ ବୋଲି ବିରୋଧୀ ଚାହୁଁଛନ୍ତି। ମାତ୍ର ସରକାର ଏହାକୁ ଟାଳି ଚାଲିଛନ୍ତି। ଆଜି ଜନତାଙ୍କ ମନରେ ଇସିଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ଉପରେ ଚର୍ଚ୍ଚା କରିବାକୁ ସରକାର କାହିଁକି ଚାହୁଁ ନାହାନ୍ତି? ଗତ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ କରାଯାଇଥିବା ଜାଲିଆତିକୁ ଲୁଚାଇବାକୁ ଉଦ୍ୟମ କରାଯାଉଛି କି ବୋଲି ଗୋଗୋଇ ପଚାରିଛନ୍ତି। ଏହାକୁ ନେଇ କୌଣସି ବିଭାଗ ଅଧିନରେ ଇସି ଆସୁନାହାନ୍ତି, ତେଣୁ ଚର୍ଚ୍ଚା ହେବ ନାହିଁ ବୋଲି ସରକାର କହୁଥିବା ଗଣମାଧ୍ୟମ ପ୍ରତିନିଧି ଉଲ୍ଲେଖ କରିଥିଲେ। ଏହାର ଜବାବରେ ଗୋଗୋଇ କହିଥିଲେ ଯେ ଏଭଳି ଟିପ୍ପଣୀ ଆଧାରହୀନ। ପ୍ରଧାନମନ୍ତ୍ରୀ ଏବଂ ସରକାର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନିଯୁକ୍ତି କରୁଛନ୍ତି। ଏଭଳି ସ୍ଥିତିରେ ସେ ଦାୟୀ ରହିବା ଉଚିତ।

## ଦିଲ୍ଲୀ ରାଜନୀତି ସରଗରମ

ନୂଆଦିଲ୍ଲୀ, ୩।୮(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ପୃଥକ ପୃଥକ ସାକ୍ଷାତ କରିବା ଘଟଣା ଦିଲ୍ଲୀ ରାଜନୀତିକୁ ସରଗରମ କରିଦେଇଛି। ସେମାନଙ୍କର ଅଚାନକ ଏଭଳି ସାକ୍ଷାତ ଘଟଣା

### ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

### କିଛି ସମୟ ପରେ ସାକ୍ଷାତ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

ସଂପର୍କରେ ସରକାରୀ ଭାବେ କିଛି କୁହାଯାଇ ନଥିଲେ ମଧ୍ୟ ରାଜନୈତିକ ମହଲରେ ଏହାର କାରଣକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ପ୍ରଧାନମନ୍ତ୍ରୀ ମୋଦୀ ଆଜି ପ୍ରଥମେ ରାଷ୍ଟ୍ରପତିଭବନ ଯାଇ ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ମଧ୍ୟରେ ୪୦ ମିନିଟ ଧରି ଆଲୋଚନା ହୋଇଥିଲା। ଏହାର କିଛି ସମୟ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ରାଷ୍ଟ୍ରପତି ଭବନ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଏହାକୁ ନେଇ ସଂସଦ ଅଚଳ ରହିଛି। ପୁଣି ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ଏହାକୁ ନେଇ



ସେମାନଙ୍କ ମଧ୍ୟରେ ବିଚାର ଆଲୋଚନା ହୋଇଥିବାର କୁହାଯାଉଛି। ଦିଲ୍ଲୀ ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ନିର୍ବାଚନ କମିସନ। ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ। ପୁଣି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସମ୍ଭାବ୍ୟ ଅଦଳବଦଳ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଏସଂପର୍କରେ ମଧ୍ୟ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ। ଆଗାମୀ କିଛି ଦିନ ମଧ୍ୟରେ କିଛି ଗୋଟିଏ ବଡ଼ ଧରଣର ରାଜନୈତିକ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି।

# ତେଜସ୍ୱୀଙ୍କୁ ନିର୍ବାଚନ କମିସନଙ୍କ ନୋଟିସ

### ଭୋଟର ଆଇଡିର ୨ଟି ଏପିକ୍ ନମ୍ବର କେମିତି ପାଇଲେ ?

ପାଟନା, ୩।୮ (ଏଜେନ୍ସି):

ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତି ସରଗରମ ହୋଇଉଠିଛି। ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟାକୁ ନେଇ ତୁମ୍ବିତୋଫାନ ଚାଲିଥିବାବେଳେ ନିର୍ବାଚନ କମିଶନ ନୂଆ ଚିଠା ତାଲିକା ଜାରି କରିଛନ୍ତି। ଏଥିରୁ ତ୍ରୁଟି ଖୋଜିବାକୁ ନେଇ ବିରୋଧୀ ଦଳଗୁଡିକ ଲାଇନ ଲଗାଇ ଥିବାବେଳେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସେ ନୂଆ ଭୋଟର ତାଲିକାରେ ନିଜ ଏବଂ ପତ୍ନୀଙ୍କ ନାମ ନ ଥିବା ଦାବି କରିଥିଲେ। ଏହାର ପ୍ରମାଣ ସ୍ୱରୂପ ମୋବାଇଲ ବି ଦେଖାଇ ଥିଲେ। ମାତ୍ର ପରେ ନିର୍ବାଚନ କମିଶନ ପ୍ରମାଣ ସହ ଏହି ଅଭିଯୋଗକୁ ଖଣ୍ଡନ କରିଦେଇଥିଲେ। ଏବେ ମିଥ୍ୟା ଅଭିଯୋଗକୁ ନେଇ ଇସି ତେଜସ୍ୱୀଙ୍କୁ ନୋଟିସ ପଠାଇଛନ୍ତି। ତାଙ୍କ ପାଖରେ ଥିବା ଭୋଟର ଆଇଡି କାର୍ଡର ଦୁଇଟି ଏପିକ ନମ୍ବର କେଉଁଠୁ ଆସିଲା ବୋଲି ପଚାରିଛନ୍ତି। ବିହାର ଦୀଘା ବିଧାନସଭା ନିର୍ବାଚନ ପରିଚାଳନା ଅଧିକାରୀ ପଠାଇ ଥିବା ଏହି ନୋଟିସରେ କୁହାଯାଇଛି ଯେ ତେଜସ୍ୱୀ ଆରଏବି୨୯୧୬୧୨୦ ନମ୍ବର ବିଶିଷ୍ଟ ଏପିକ ନମ୍ବର ଦେଖାଇ ଥିଲେ। କିନ୍ତୁ ଏଭଳି ନମ୍ବର କୌଣସି ଭୋଟର କାର୍ଡ ପାଇଁ ଜାରି ହୋଇନି। ଏହା କେଉଁଠୁ ପାଇଲେ। ଏହି ଏପିକ କାର୍ଡର ବିବରଣୀ ଏବଂ ନିଜ କାର୍ଡକୁ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବା ପାଇଁ ତେଜସ୍ୱୀଙ୍କୁ କୁହାଯାଇଛି। ଏହି ମାମଲାର ଗହନ ଯାଞ୍ଚର ଆବଶ୍ୟକତା ରହିଥିବା ନୋଟିସରେ ଉଲ୍ଲେଖ କରାଯାଇଛି। ସେହିପରି ବୁଥ୍ ନମ୍ବର ୨୦୪ର ୪୧୬ ନମ୍ବର କ୍ରମାଙ୍କରେ ତେଜସ୍ୱୀଙ୍କ ଭୋଟର କାର୍ଡ ରହିଥିବା କୁହାଯାଇଛି।

ଏହି ମାମଲାକୁ ନେଇ କ୍ଷମତାସୀନ ଏନ୍‌ଡିଏ ନେତାମାନେ ତେଜସ୍ୱୀଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ଦାବି କରିଛନ୍ତି। ତେଜସ୍ୱୀ ଶନିବାର ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ମୃତ୍ୟୁ ଏବଂ ଅନ୍ୟତ୍ର ପଳାଇ ଥିବା ଯୋଗୁଁ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବା ଇସି ସୂଚନା ଦେଇଛନ୍ତି। କିନ୍ତୁ ସେମାନଙ୍କ ତାଲିକା, ଠିକଣା, ବୁଥ୍ କିମ୍ବା ଏପିକ




ନମ୍ବର ଜାରି କରାଯାଇ ନାହିଁ। ଏଥିଯୋଗୁଁ କାହାକୁ ବାଦ୍ ଦିଆଯାଇଛି ତାହା ଜଣାପଡୁନାହିଁ। ତେଜସ୍ୱୀ କ୍ୟାମେରା ସାମ୍ନାରେ ନିଜ ଏପିକ ନମ୍ବର ଯାଞ୍ଚ କରିଥିଲେ। କିନ୍ତୁ କମିଶନଙ୍କ ଅନଲାଇନ ପୋର୍ଟାଲରେ ତାଙ୍କର କୌଣସି ତଥ୍ୟ ନ ଥିବା କହିଥିଲେ।

### ଇରାନର ଦୁଇ ହଜାର ମୌଲବୀଙ୍କ ଦାବି

## ଟ୍ରମ୍ପଙ୍କୁ ହତ୍ୟା କରାଯାଉ

ତେହରାନ, ୩।୮ (ଏଜେନ୍ସି): ଇରାନର ଦୁଇ ହଜାରରୁ ଅଧିକ ମୌଲବୀଙ୍କ ଦାବିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରାଯାଉ ବୋଲି କହିଛନ୍ତି। ଟ୍ରମ୍ପଙ୍କ ରକ୍ତ ହଲାଲ ହୋଇ ସାରିଛି। ଅର୍ଥାତ୍ ତାଙ୍କୁ ହତ୍ୟା କଲେ କୌଣସି ଦୋଷ ଲାଗିବ ନାହିଁ। ଜେନେରାଲ କାସିମ ସୁଲେମାନିଙ୍କ ହତ୍ୟାର ପ୍ରତିଶୋଧ ନେବା ପ୍ରତ୍ୟେକ ମୁସଲମାନଙ୍କ ଦାୟିତ୍ୱ। ଇରାନର ସବୁଠୁ ବଡ଼ ଧାର୍ମିକ ଶିକ୍ଷାକେନ୍ଦ୍ର କୁମ ସେମିନାର ପକ୍ଷରୁ ଗତ ଶୁକ୍ରବାର ଜାରି ବୟାନରେ ଏଭଳି ଟିପ୍ପଣୀ ଦିଆଯାଇଥିଲା। ଏଥିରେ କୁହାଯାଇଥିଲା ଯେ ଏବେ ଧୈର୍ଯ୍ୟ ଧରିବାର ସମୟ ଚାଲିଗଲାଣି। ଟ୍ରମ୍ପଙ୍କ ରକ୍ତ ଏବ ସମ୍ପତ୍ତି ହଲାଲ ହୋଇସାରିଛି। ସୁଲେମାନୀଙ୍କ ରକ୍ତରେ ରଙ୍ଗାୟିତ ଏହି ଅପରାଧୀ ଆଉ ବଞ୍ଚିବ ନାହିଁ। ବିଶ୍ୱ ଚୁପ୍ ହୋଇ ବସିଯିବ ନାହିଁ। ନିଶ୍ଚିତ ପ୍ରତିଶୋଧ ନିଆଯିବ। ସୂଚନାଯୋଗ୍ୟ ଯେ କାସିମ ସୁଲେମାନି ଇରାନର କ୍ଷମତାଶାଳୀ ସୈନ୍ୟ ଅଧିକାରୀ ଥିଲେ।

**ବଲଙ୍ଗା ପୀଡ଼ିତା ମୃତ୍ୟୁ**

# ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୁଲିସର ସୁଇସାଇଡ୍ ଥିଓରୀ: ବିଜେଡି

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟ ସରକାର ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯେଉଁଥିପାଇଁ ଓଡ଼ିଶା ଆଜି ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି। ରାଜ୍ୟରେ ଦୁଷ୍କର୍ମ, ଅସଦାଚରଣ, ହତ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ଝିଅମାନଙ୍କୁ ଜାଳିଦେଇ ହତ୍ୟା କରିବା ଏକ ନୂଆ ଅପରାଧ ସୃଷ୍ଟି ହୋଇଛି ବୋଲି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଏପରିକି ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କୁ ଖସାଇ ଦେବା ପାଇଁ ପୁଲିସ ସୁଇସାଇଡ୍ ଥିଓରୀ ଆପଣାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଟୁକୁନି ସାହୁ ଓ ଡ. ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ବଲଙ୍ଗା ଘଟଣାକୁ ଦୁଇ ସପ୍ତାହ ବିତିଯିବା ପରେ ମଧ୍ୟ ଏଥିରେ ସମ୍ପୃକ୍ତ ଅପରାଧୀମାନେ ଧରା ନ ପଡିବା ପୁଲିସ ପ୍ରଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନମଣ୍ଡଳୀ ଅଧୀନରେ ବଲଙ୍ଗା ଆସୁଥିବାରୁ ଏହି ମାମଲାରେ ତାଙ୍କର କିଛି ଘନିଷ୍ଠ ସହଯୋଗୀ ତଥା ବିଜେପି କର୍ମୀଙ୍କ ସମ୍ପୃକ୍ତି ରହିଛି ବୋଲି ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଅପରାଧୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଆଶ୍ଚର୍ଯ୍ୟଜନକ ଭାବେ ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ମନ୍ତବ୍ୟ ରଖିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ନେଇଛି। ଏହାଛଡା ପୂର୍ବରୁ ଘଟିଯାଇଥିବା ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଦେଶ ବିଦେଶରେ ଲଜ୍ୟା ଓ ନିନ୍ଦା ଆଣିଛି। ରାଜ୍ୟରେ, ଛାତ୍ରୀ, ନାରୀ ଅସୁରକ୍ଷିତ ହୋଇ ପଡିଛନ୍ତି, କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟ ସାଜି ବସି ରହିଛନ୍ତି।



- ଘଟଣା ପରଠୁ ପୀଡ଼ିତାଙ୍କ ପରିବାରକୁ ଅଜ୍ଞାତବାସରେ ରଖିବା ରହସ୍ୟ କ'ଣ?
- ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଘନିଷ୍ଠ ସହଯୋଗୀଙ୍କ ହାତ ରହିଛି
- ପୁଲିସ ତା'ର ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେବା ପାଇଁ ନୂଆ ଥିଓରୀ ଆଣିଛି

ବରିଷ୍ଠ ନେତ୍ରୀ ଟୁକୁନି ସାହୁ କହିଥିଲେ ଯେ ନିକଟରେ ରାଜ୍ୟରେ ଦୁଇ ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଗଲା। ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଦେଇ ତାଙ୍କ ଉପରେ ଚାପ ପକେଇ ପରିବାରର ମୁହଁ ବନ୍ଦ କରୁଛନ୍ତି ଓ ତାଙ୍କ ଠାରୁ ରାଜନୀତି କରା ନ ଯାଉ ବୋଲି ମନ୍ତବ୍ୟ ଦିଆଉଛନ୍ତି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଓ ରାଜ୍ୟର ନାରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ଶ୍ରୀମତୀ ସାହୁ କହିଥିଲେ। ଡ. ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ଗୋଟିଏ ମାସ ଭିତରେ ଘଟିଥିବା ଦୁଇ ଦୁଇଟି ଘଟଣାକୁ ଆତ୍ମହତ୍ୟା କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏହା ହତ୍ୟା। ଯେଉଁଭଳି ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି, ସରକାରୀ ବ୍ୟବସ୍ଥା ଓ ପୁଲିସ ପ୍ରଶାସନର ଭୂମିକା ନିଶ୍ଚିତ ଭାବେ ସନ୍ଦେହ ଘେରରେ ରହିଛି। ରାଜ୍ୟ ବିଜେପି ସରକାର ଏକ ନାରୀହନ୍ତା ସରକାରରେ ପରିଣତ ହୋଇଛି। ଏଫଏମ କଲେଜ ଘଟଣାରେ ଯେଉଁ ପୁଲିସ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ, ସେମାନେ ଏବେବି ନିଜ ସ୍ଥାନରେ ସୁରକ୍ଷିତ ଅଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲେ ମଧ୍ୟ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲା ନାହିଁ। ବିଜେପି ନେତା ଓ କର୍ମୀମାନେ ସନ୍ଦିଗ୍ଧ ଅପରାଧୀ ଥିଲେ, ସେମାନଙ୍କୁ ସାତ ଖୁନ୍ ମାଫ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ରାଜ୍ୟ ବିଜେପି ସରକାର ଏହି ବାର୍ତ୍ତା ଦେଉଛି। ବଲଙ୍ଗା ଘଟଣାରେ, ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ଏକ ନୂଆ ଥିଓରୀ ଆଣିଛି। ପୁଲିସର ଏହି ନୂଆ ଥିଓରୀ ସାଧାରଣ ଲୋକଙ୍କ ପାଖରେ ଗ୍ରହଣୀୟ ହୋଇପାରୁ ନାହିଁ। ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଓ ତାର ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ଏଭଳି ଏକ ନୂଆ ଥିଓରୀ ଆଣିଥିବା ଜଳଜଳ ଦିଶୁଛି ବୋଲି ସେ ଅଭିଯୋଗ କରିଛନ୍ତି।

**ରାଜନୈତିକ ଚକ୍ରାନ୍ତରେ ବଳି ପଡ଼ିଲେ ବଲଙ୍ଗା ପୀଡ଼ିତା**

# ନିରପେକ୍ଷ ତଦନ୍ତ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ



ଭୁବନେଶ୍ୱର,୩।୮ (ସମିସ): ଜୀବନ ମୃତ୍ୟୁ ସହ ୧୫ ଦିନ ଧରି ସଂଗ୍ରାମ କରି, ଶେଷରେ ଆଖି ବୁଜିଛନ୍ତି ବଲଙ୍ଗା ପୀଡ଼ିତା। ଏତେ ବଡ଼ ଘଟଣା ଘଟିଥିଲେ ବି ସରକାର, ପୁଲିସ ପ୍ରଶାସନ କେବଳ ଶୋକ ବାର୍ତ୍ତା ଦେଇ ନିଜର ଦାୟିତ୍ୱ ସାରିଦେଇଛି। ଚାରିଥର ବୟାନ ଦେଇଥିବା ପୀଡ଼ିତା ଜଣଙ୍କ ମାନସିକ ସ୍ତରରେ ସକ୍ଷମ ଥିଲେ। ଧୀରେ ଧୀରେ ସୁସ୍ଥ ହେଇ ଆସୁଥିବା ବେଳେ ହଠାତ୍ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁକୁ ନେଇ କଂଗ୍ରେସ ଦଳ ଆଶଙ୍କା ପ୍ରକାଶ କରିଛି। ରବିବାର ଦଳର ମହିଳା ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ ବ୍ୟବସ୍ଥାଗତ ହତ୍ୟା।

କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ସ୍ୱର୍ଶକାତର ଘଟଣା ଘଟି ଚାଲିଛି। ହେଲେ କିପରି ଏବଂ କାହିଁକି ଏହାକୁ ଚପାଇ ଦିଆଯାଉଛି ସେ ପ୍ରଶ୍ନ କରିଛନ୍ତି। ଏତେଥର ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ମଧ୍ୟ ପୁଲିସ ଜଣେ ବି ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସେ ମତପ୍ରକାଶ କରିଛନ୍ତି। ଘଟଣାର ସଠିକ୍ ତଦନ୍ତ ପାଇଁ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଛନ୍ତି। ବାଲେଶ୍ୱରର ସୌମ୍ୟାଶ୍ରୀଙ୍କ ଘଟଣାରେ ଯାହା ଘଟିଥିଲା, ସେହି ସମାନ କଥା ବଲଙ୍ଗା ଘଟଣାରେ ଦେଖିବାକୁ ମିଳିବା ସଂଯୋଗ ନା ପ୍ରୟୋଗ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ସେହିପରି ମୁଖପାତ୍ର ଡଃ ମନିଷା ଦାସ ପଟ୍ଟନାୟକ ପୁଲିସର ହଠାତ୍ ଏଭଳି ଟୁଇଟ କରିବା ଏବଂ ଆସ୍ତେ ଆସ୍ତେ ଭଲ ହୋଇ ଆସୁଥିବା ପୀଡ଼ିତାଙ୍କ ହଠାତ୍ ମୃତ୍ୟୁକୁ ନେଇ ସନ୍ଦେହଜନକ ବୋଲି କହିଛନ୍ତି। ପୁଲିସକୁ ଆୟୁଧ କରି ଯେଉଁ ରାଜନୈତିକ ନାଟକ ରଚୁଛନ୍ତି, ତାକୁ ଆମେ ନୀରବରେ ସହିଯିବୁ ନାହିଁ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ଯିଏ କି ଜଣେ ମହିଳା ଏବଂ ପୀଡ଼ିତା ତାଙ୍କ ନିଜ ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କ ଭୂମିକା ଅନେକ ସନ୍ଦେହଜନକ ବୋଲି ଦଳର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

ଅନୁରୂପ ଭାବେ ପୀଡ଼ିତାଙ୍କ ବାପା ପ୍ରଥମେ ଯେଉଁ ବୟାନ ଦେଇଥିଲେ ଆଉ ଏବେ ପୀଡ଼ିତାଙ୍କ ମୃତ୍ୟୁ ପରେ ଯେଉଁ ବୟାନ ଦେଇଛନ୍ତି ତା ମଧ୍ୟରେ ଅନେକ ଫରକ୍ ଦେଖାଯାଉଛି ବୋଲି ପିସିସି ଗଣମାଧ୍ୟମ ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ ମତପ୍ରକାଶ କରିଥିଲେ। ପୀଡ଼ିତାଙ୍କ ବାପା ନିଜ ଝିଅର ମାନସିକ ଅବସ୍ଥା ଭଲ ନଥିବା କଥା କହିବା ଏବଂ ସରକାରଙ୍କ କାର୍ଯ୍ୟାନୁଷ୍ଠାନରେ ସନ୍ତୋଷ ପ୍ରକାଶ କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ସାତ ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ ନ କଲେ ଡିଜିପି ଅଫିସ ଘେରାଉ କରାଯିବ ବୋଲି ମହିଳା କଂଗ୍ରେସର ବରିଷ୍ଠ ସଦସ୍ୟା ପ୍ରଣତି ମିଶ୍ର କହିଥିଲେ।

# ଅପରାଧୀଙ୍କୁ କ୍ଲିନ୍‌ଚିଟ୍ ଦେବା ବିଜେପି ସରକାରକୁ ମହଙ୍ଗା ପଡ଼ିବ: ଅଲକା



ଭୁବନେଶ୍ୱର,୩।୮ (ସମିସ): ପୁରୀ ଜିଲ୍ଲା ବଲଙ୍ଗାର ୧୫ ବର୍ଷୀୟା ନାବାଳିକା ପୋଡ଼ି ଘଟଣାରେ ଅସଲ ଅପରାଧୀଙ୍କୁ ଧରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି। ରବିବାର ଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅଲକା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ନେଇ ଡବଲ ଇଂଜିନ ସରକାର ଉପରେ ବର୍ଷିବା ସହ କହିଛନ୍ତି ଯେ ତିନି ଜଣ ଦୁର୍ବୃତ୍ତ ନାବାଳିକାକୁ ଜିଅନ୍ତା ପୋଡ଼ିଦେଲେ। ପୁରୀରୁ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ଶନିବାର ରାତିରେ ଦିଲ୍ଲୀ ଏମ୍ସରେ ପୀଡ଼ତା ନାବାଳିକା ଶେଷ ନିଶ୍ୱାସ ତ୍ୟାଗ କରିଛି। ଜୁଲାଇ ୧୯ ତାରିଖ ଘଟଣା ଦିନରୁ ଆଜି ଯାଏ ଏହି ଘଟଣାରେ ଅଭିଯୁକ୍ତ ୩ ଜଣ କୁଆଡ଼େ ଗଲେ ବୋଲି କଂଗ୍ରେସ ଦଳ ପ୍ରଶ୍ନ କରି ଆସୁଥିଲେ ମଧ୍ୟ ବିଜେପି ସରକାର ଅପରାଧୀମାନଙ୍କୁ ଧରିବାରେ ବିଫଳ ହୋଇଥିବା ସେ କହିଛନ୍ତି।

- ନ୍ୟାୟ ଦାବିରେ ବିଧାନସଭା ଆଗରେ ମହିଳା କଂଗ୍ରେସ କରିବ "ନ୍ୟାୟ ମାର୍ଚ୍ଚ'

ଅଲକା କହିଛନ୍ତି ଯେ ନାବାଳିକାକୁ ପୋଡ଼ିବାରେ କାହାର ହାତ ନାହିଁ, କେହି ଏଥିରେ ଅଭିଯୁକ୍ତ ନୁହନ୍ତି ବୋଲି ରାଜ୍ୟ ପୁଲିସ କହିବା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଜେପି ସରକାର ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି। ସେମିତି ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବି ସରକାରଙ୍କୁ ଗୁହାରି କରି, ନ୍ୟାୟ ମାଗି ମାଗି ଶେଷରେ ନିରାଶ ହେଇ ନିଜକୁ ନିଆଁ ଲଗାଇ ଜଳିଗଲା। ଆଉ ଆଜି ବଲଙ୍ଗା ପୀଡ଼ିତା ମଧ୍ୟ ହସ୍ପିଟାଲ ବେଡ୍‌ରେ ପଡ଼ି ନ୍ୟାୟ ମାଗି ମାଗି ମୃତ୍ୟୁବରଣ କଲା ବୋଲି ଶ୍ରୀମତୀ ଲାମ୍ବା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ସେ ୨୩ ତାରିଖରେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟିବାକୁ ଚାହିଁଥିଲେ। କିନ୍ତୁ ତାଙ୍କୁ ପୁଲିସ ଘରେ ଅଟକ ରଖିଲା। ସେ ଓ ତାଙ୍କ ସହଯୋଗୀମାନେ ସଂସଦ ଘେରଉ କରିବାରୁ ପୁଲିସ ସେମାନଙ୍କୁ ୮ ଘଣ୍ଟା ଅଟକ ରଖି ସ୍ୱର ଚାପିଦେବାକୁ ଉଦ୍ୟମ କଲା। ଅଲକା ଅଭିଯୋଗ କରିଛନ୍ତି ଯେ ବିଜେପି ଶାସିତ ରାଜ୍ୟରେ ଆଜି ସମସ୍ତେ ଅସୁରକ୍ଷିତ। ବିଜେପି ସରକାର ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି। ତେଣୁ ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ବିଧାନସଭା ଆଗରେ ମହିଳା କଂଗ୍ରେସ "ନ୍ୟାୟ ମାର୍ଚ୍ଚ' କରିବ ବୋଲି ସେ କହିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏଁ କଂଗ୍ରେସ ଲଢ଼େଇ କରିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ନାବାଳିକା ନିଜେ ନିଜକୁ ଜଳାଇ ଦେଲା ବୋଲି କହୁଛନ୍ତି। ମୁଖ୍ୟମନ୍ତ୍ରୀ ଏ କଥା କହି ତିନି ଅଭିଯୁକ୍ତଙ୍କୁ କ୍ଲିନ୍ ଚିଟ୍ ଦେଇ ଦେଲେ। ପୀଡ଼ିତା ପରିବାରଙ୍କୁ ସୁରକ୍ଷା ସହ ଉଚିତ୍ ସହାୟତା ପ୍ରଦାନ କରିବା ଉଚିତ। ବିଜେପି ସରକାର ଫାଷ୍ଟ ଟ୍ରାକ କୋର୍ଟ ବସାଇ ମାମଲାରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଅନ୍ତୁ ବୋଲି ଶ୍ରୀମତୀ ଲାମ୍ବା ଦାବି କରିଛନ୍ତି।

# ବ୍ରେକ୍ ନେଇଛି ମୌସୁମୀ: କାଁ ଭାଁ ବର୍ଷା ସହ ବିଜୁଳି

ଭୁବନେଶ୍ୱର,୩।୮ (ସମିସ): ମୌସୁମୀ ବ୍ରେକ୍ ଯୋଗୁଁ ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନାହିଁ। ମୌସୁମୀ ଟ୍ରଫ୍ ହିମାଳୟ ପାଦଦେଶ ଆଡ଼କୁ ଗତି କରିବା ସହ ଧୀରେ ଧୀରେ ରାଜ୍ୟରେ ବର୍ଷାର ପ୍ରଭାବ କମିଯାଇଛି। ତେବେ ଦିନବେଳା ଗରମ ଗୁଳୁଗୁଳି ଓ ବଙ୍ଗୋପସାଗର ପଟୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହରେ କିଛି କିଛି ସ୍ଥାନରେ ବର୍ଷା ହେଉଛି। ଏଭଳି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟରେ ବର୍ଷାର ପ୍ରଭାବ କମ୍ ରହିବା ସହ ବିଜୁଳି ଘଡ଼ଘଡ଼ିର ଆଶଙ୍କା ଅଧିକ ରହିବା ନେଇ ଆକଳନ କରାଯାଇଛି। ଏମିତି ସ୍ଥିତି ପ୍ରାୟ ଦୁଇ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯେଉଁଦିନ ଯେତେ ଖରା ଓ ଗୁଳୁଗୁଳି ହେବ, ସେହିଦିନ ଅପରାହ୍ଣରେ ଅଧିକ ବିଜୁଳି ଘଡ଼ଘଡ଼ିର ଆଶଙ୍କା ସୃଷ୍ଟି ହେବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ବିଜୁଳି ଘଡ଼ଘଡ଼ିଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି।

# ଧାନ ରୋଇବା ବେଳେ ବଜ୍ରପାତ; ଜଣେ ମୃତ

ବୈଶିଙ୍ଗା,୩।୮ (ସମିସ): ଧାନ ରୋଉଥିବା ବେଳେ ବଜ୍ରପାତରେ ଚାଲିଗଲା ଜୀବନ। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ତିଳପଦା ଗ୍ରାମରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ଯୁବଚାଷୀ ବାସୁଦେବ ସିଂ (୨୯)। ସୂଚନାନୁଯାୟୀ, ବାସୁଦେବ ବିଲରେ କାମ କରୁଥିବା ବେଳେ ଅପରାହ୍ଣ ପ୍ରାୟ ୨ଟାରେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ସେହି ସମୟରେ ବାସୁଦେବ ବଜ୍ରପାତର ଶିକାର ହୋଇ ବିଲରେ ଟଳିପଡ଼ିଥିଲେ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ବିଳମ୍ବିତ**

# ୨୦୨୪ରେ ସରିଥାନ୍ତା; ଏବେ ୨୦୨୮ ଲକ୍ଷ୍ୟ

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜଳ ଜୀବନ ମିଶନ ଅଧିନରେ ମେଗା ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମାତ୍ର ରାଜ୍ୟର ବହୁ ଜିଲ୍ଲାରେ ପ୍ରଶାସନିକ ସ୍ଥାଣୁତା ତଥା ବିଭାଗୀୟସ୍ତରରେ ନୀତିଗତ ସ୍ତରରେ ନିଷ୍ପତ୍ତି ନେବାରେ ବିଳମ୍ବତା କାରଣରୁ ଅନେକ ପ୍ରକଳ୍ପ ଧାର୍ଯ୍ୟ ସମୟରେ ସମାପ୍ତ ହୋଇ ପାରୁନାହିଁ। ଫଳରେ ରାଜ୍ୟ ସରକାର ପ୍ରକଳ୍ପ କାର୍ଯ୍ୟନ୍ୱୟନ ନେଇ ବାରମ୍ବାର ତାରିଖ ପରେ ତାରିଖ ଘୁଞ୍ଚାଇ ଚାଲିଛନ୍ତି।

ଜଳ ଜୀବନ ମିଶନ ପାଇଁ କେନ୍ଦ୍ର ସରକାର ୨୦୨୧ରେ ୮୩୦ କୋଟି ଟଙ୍କା ଅନୁଦାନ ଦେଇଥିଲେ। ତତ୍‌କାଳୀନ ସମୟରେ ରାଜ୍ୟର ଗ୍ରାମାଞ୍ଚଳର ପ୍ରାୟ ୩୫% ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଅବଶିଷ୍ଟ ଗ୍ରାମୀଣ ପରିବାରକୁ ପାଇପ୍ ପାଣି ଯୋଗାଇ ନିମନ୍ତେ ଏହି ଅର୍ଥରାଶି ଯଥେଷ୍ଟ ନ ଥିଲେ ହେଁ ତତ୍‌କାଳୀନ ରାଜ୍ୟ ସରକାର ନିଜସ୍ୱ ପାଣ୍ଠି ସହ ଓଡ଼ିଶାର ସମସ୍ତ ଗାଁକୁ ପାନୀୟ ଜଳ ଯୋଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୩ ଡ଼ିସେମ୍ବର ମାସବେଳକୁ ୮୮.୬୪ ଲକ୍ଷ ଗ୍ରାମୀଣ ପରିବାର ମଧ୍ୟରୁ ୬୦.୫୨ ଲକ୍ଷ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ୨୦୨୪ ଡ଼ିସେମ୍ବର ମାସ ସୁଦ୍ଧା ସବୁ ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ନିମନ୍ତେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଏହି କାର୍ଯ୍ୟକ୍ରମ ଅଧାରେ ଅଟକି ଯିବାପରି ମନେ ହୋଇଛି। ବର୍ଷକ ମଧ୍ୟରେ କେତେ ପରିବାରକୁ ପାଇପ ପାଣି ଯୋଗାଇ ଦିଆଯାଇଛି ସେ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ତଥ୍ୟ ପ୍ରଦାନ କରିନାହିଁ। ମାତ୍ର ସୂଚନା ଅନୁସାରେ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଅଧିକାଂଶ ପାଇପ୍ ପାଣି ପ୍ରକଳ୍ପ ଏବେ ବନ୍ଦ ପଡ଼ିଛି। କାମ କରୁଥିବା ଠିକାଦାରଙ୍କୁ ଅନୁଦାନ ପଇଠ କରିବାରେ ଟାଳଟୁଳ ନୀତି ଯୋଗୁଁ ଅଧିକାଂଶ କାମ ବନ୍ଦ ଓ ଯେଉଁ ପ୍ରକଳ୍ପଗୁଡ଼ିକର ଟେଣ୍ଡର ହୋଇଥିଲା, ତାହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। କିଛିମାସ ତଳେ ମୁଖ୍ୟ ସଚିବ ରାଜ୍ୟରେ ୧୮୬୭୭ ଗାଁକୁ ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର ହୋଇଥିବା ଓ ଏହାମଧ୍ୟରୁ ୧୨୨୮୯ ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିଥିବା କହିଥିଲେ। ପୂର୍ବ ସରକାର ସମୟରୁ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପର ସ୍ଥିତି ଏବେ କ'ଣ ତାହା ସ୍ପଷ୍ଟ ନୁହେଁ। ମାତ୍ର ଡ଼ିସେମ୍ବର ୨୦୨୫ ସୁଦ୍ଧା ରାଜ୍ୟ ସରକାର ୭୫୨ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ରଖିଥିବା ସୂଚନା ମିଳିଛି।

- ୯ ଜିଲ୍ଲାର ସହସ୍ରାଧିକ ଗ୍ରାମରେ ପାଇପ ଯୋଗ ପାନୀୟ ଜଳ ଅପହଞ୍ଚ

ଅନ୍ୟପକ୍ଷରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆବଶ୍ୟକୀୟ କାଗଜପତ୍ର ଠିକଣା ସମୟର ପ୍ରଦାନ କରାଯାଉନଥିବାରୁ ପ୍ରକଳ୍ପ କାମ ବିଳମ୍ବ ହେଉଥିବା ଜଣାପଡ଼ିଛି। ଏନେଇ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆରଡବ୍ଲ୍ୟୁଏସଏସର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖି ଉଦବେଗ ପ୍ରକାଶ କରିଛନ୍ତି। ଧାର୍ଯ୍ୟ ତାରିଖ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବାକୁ ଏଥିରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅନୁଯାୟୀ ଆରଡବ୍ଲ୍ୟୁଏସଏସ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଇଣ୍ଡେକ୍ସ ମ୍ୟାପ, ଜଳଉତ୍ସଗୁଡ଼ିକର ସ୍ଥିତି, ଜଳ ଯୋଗାଣ ନିର୍ଦ୍ଦେଶନାମା, ଜମି ସମ୍ପର୍କିତ କାଗଜପତ୍ର ପ୍ରଦାନ କରାଯାଉ ନାହିଁ। ଏପରିକି ବହୁ ସମୟରେ ପ୍ରଦାନ କରାଯାଉଥିବା ତଥ୍ୟ ଅସମ୍ପୂର୍ଣ୍ଣ ନଚେତ୍ ଅନ୍ୟାନ୍ୟ ତ୍ରୁଟି ରହୁଛି। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ତେଣୁ ବିଳମ୍ବତାକୁ ଏଡ଼ାଇବା ପାଇଁ ତୁରନ୍ତ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଦାଖଲ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ମୋଟ ୯ଟି ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଏଥିରେ ସାମିଲ ରହିଛି। ଏହି ୯ ଜିଲ୍ଲା ମଧ୍ୟରେ ବାଲେଶ୍ୱର, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ଖୋର୍ଦ୍ଧା, କନ୍ଧମାଳ, ନୟାଗଡ ଓ ବୌଦ୍ଧ ଆଦି ଜିଲ୍ଲା ସାମିଲ ରହିଛି।

# ନଦୀକୁ ଡେଇଁଥିବା ଯୁବତୀ ଉଦ୍ଧାର



ମାର୍ଶାଘାଇ,୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ତହସିଲ କଳପଡ଼ା ସେତୁ ଉପରୁ ଲୁଣାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବତୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ମାର୍ଶାଘାଇ ବ୍ଲକ୍ ଆଖୁଆଦକ୍ଷିଣୀ ପଞ୍ଚାୟତ ବଉଲାଙ୍ଗ ଗ୍ରାମର ଯୁବତୀ କୌଣସି କାରଣରୁ ସଦର ଥାନା ଅନ୍ତର୍ଗତ କଳପଡ଼ା ସେତୁ ଉପରୁ ନଦୀକୁ ଡେଇଁ ପଡ଼ିଥିଲେ। ଏହା ଦେଖି ଜଣେ ଭିନ୍ନକ୍ଷମ (ହାଉଡ଼ା) ଯୁବକ ସେହି ବାଟ ଦେଇଯାଉଥିବା ଲୋକଙ୍କୁ ଡାକ ପକାଇବା ସହ ଯୁବତୀଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ ମଧ୍ୟ ଉଦ୍ଧାର କରିପାରିନଥିଲେ। ପରେ ତିନିଜଣ ଯୁବକ ୪ କିଲୋମିଟର ପହଁରି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।


**ସହିଦ ସପ୍ତାହର ଅନ୍ତିମ ଦିନରେ ମାଓ ହିଂସା**


# ରେଳଧାରଣା ଉଡ଼ାଇଦେଲେ ମାଓବାଦୀ

**ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ରେଳ କର୍ମଚାରୀ ମୃତ, ଜଣେ ଆହତ**

ରାଉରକେଲା, ୩।୮ (ସମିସ): ମାଓବାଦୀ ସଂଗଠନ ପକ୍ଷରୁ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ସହିଦ ସପ୍ତାହ ପାଳନର ରବିବାର ଅନ୍ତିମ ଦିବସ ଥିଲା। ଅନ୍ତିମ ଦିନରେ ଓଡିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓ ହିଂସା ଦେଖିବାକୁ ମିଳିଛି। ଓଡିଶା-ଝାଡ଼ଖଣ୍ଡ ସୀମାନ୍ତ କରମପଦା ନିକଟରେ ଶନିବାର ଓ ରବିବାର ଦୁଇଟି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇ ଦେଇଛନ୍ତି। ଏହି ଘଟଣାରେ ଜଣେ ରେଳ କର୍ମଚାରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ, ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମ। ଏହି ବିସ୍ଫୋରଣ ପରେ ବିମଳାଗଡ଼-କରମପଦା ମଧ୍ୟରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ସୂଚନାନୁଯାୟୀ, ଗତ ୨୮ ତାରିଖରୁ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବୀ ରିଜିଓନାଲ ବ୍ୟୁରୋ ମାଓ ସଂଗଠନ ପକ୍ଷରୁ ସହିଦ ସପ୍ତାହ ପାଳନ କରାଯାଉଥିଲା। ଏଥିପାଇଁ ମାଓ ସଂଗଠନ ପକ୍ଷରୁ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଲଗାଯାଇଥିଲା। ରବିବାର ସହିଦ ସପ୍ତାହ ପାଳନର ଅନ୍ତିମ ଦିବସରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବିମଳାଗଡ଼ - କିରିବୁରୁ ସେକ୍ସନ୍‌ର ରାଞ୍ଚଡ଼ା ରେଳ ଷ୍ଟେସନରୁ ୩ କି.ମି ଦୂରରେ ରେଳଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ଖଞ୍ଜିଥିଲେ। ଉକ୍ତ ଲ୍ୟାଣ୍ଡମାଇନ ଉପରେ ରେଲୱେ ମେଟ୍ ବୁଦ୍ଧୁରାମ ମୁଣ୍ଡାଙ୍କ ଗୋଡ଼ ପଡ଼ିଯାଇଥିଲା। ଶନିବାର ରାତି ପ୍ରାୟ ୧୧ ଟା ୩୩ ମିନିଟରେ ଏହି ଘଟଣା ଘଟିଥିଲା।





ବିସ୍ଫୋରଣରେ ବୁଦ୍ଧୁରାମ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୁଣି ରବିବାର ସକାଳ ୯ ଟା ୧୧ ମିନିଟ୍‌ରେ ସେହି ଟ୍ରାକ୍‌ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଛି।

ଖବର ପାଇ ରାଉରକେଲା ରେଲୱେ ଏସ୍‌ପି, ସିଆର୍‌ପିଏଫ୍ ଯବାନ କେ. ବଲାଙ୍ଗ ପୁଲିସ ଓ ରେଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ଅପରପକ୍ଷେ ଗ୍ୟାଙ୍ଗମ୍ୟାନ୍ ଓ ଟ୍ରାକ୍ ମରାମତି କର୍ମଚାରୀ ସୁରକ୍ଷା ନେଇ କ୍ଲିନ୍‌ଚିଟ୍ ନପାଇବା ପର୍ଯ୍ୟନ୍ତ ଟ୍ରାକ୍‌କୁ ଯିବେ ନାହିଁ ବୋଲି କହିଥିବାରୁ କହିଥିବାରୁ ଉକ୍ତ ଲାଇନ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

# ଘର ପାଖରେ ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା

କୋଷାଗୁମୁଡ଼ା, ୩।୮ (ସମିସ): ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅଞ୍ଚଳରେ ଏଭଳି ଏକ ସଂଗିନ୍ ଘଟଣା ଘଟିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ, ଶନିବାର ରାତି ପ୍ରାୟ ୭ଟାରେ ଯୁବତୀଜଣଙ୍କ ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ। କିନ୍ତୁ ରାତି ୧୦ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି କରିବା ପରେ ଘରଠାରୁ ୩୦୦ ମିଟର ଦୂର ଏକ ଗଳିରେ ସେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାରଲୋକ ତାଙ୍କୁ ଏକ ବାଇକ୍‌ରେ କୋଷାଗୁମୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକଙ୍କ ଅଭିଯୋଗ, କେହି ଦୁର୍ବୃତ୍ତ ଝିଅର ତଣ୍ଟି ଚିପି ହତ୍ୟା କରିବା ପରେ ରାସ୍ତାରେ ଫିଙ୍ଗି ଦେଇଛି। ଏନେଇ କୋଷାଗୁମୁଡା ଥାନାରେ ପରିବାରଲୋକେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସନ୍ଦେହରେ ଦୁଇ ଯୁବକଙ୍କୁ କୋଷାଗୁମୁଡ଼ା ପୁଲିସ ଥାନାକୁ ଆଣି ପଚରାଉଚରା କରୁଛି।

ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ସହ କୋଷାଗୁମୁଡା ଥାନା ଟିମ ରବିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତ ଯୁବତୀଙ୍କ ବାପାଙ୍କ ଏତଲାକୁ ଭିତ୍ତି କରି କୋଷାଗୁମୁଡ଼ା ପୁଲିସ୍ ୧୫୪/୨୫ରେ ଏକ ମାମଲା ରୁଜୁ କରିଛନ୍ତି। ମୃତ ଯୁବତୀଙ୍କ ମରଶରୀରକୁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଶବ ବ୍ୟବଚ୍ଛେଦର ରିପୋର୍ଟ, ସାଇଣ୍ଟିଫିକ୍ ଟିମ୍, ଡଗ୍‌ସ୍କ୍ୱାର୍ଡର ରିପୋର୍ଟ ପରେ ଘଟଣାର ପ୍ରକୃତ କାରଣ ଲୋକଲୋଚନକୁ ଆସିବ ବୋଲି ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ ସୂଚନା ଦେଇଛନ୍ତି।

**୨ ଯୁବକ ଅଟକ**

# ମହତାବ ହାଇସ୍କୁଲ ପରିସରରୁ କାଟିନେଲେ ଗଛ

ମଙ୍ଗଳପୁର, ୩।୮ (ସମିସ)

ପରିବେଶ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷରୋପଣ କାର୍ଯ୍ୟ କରୁଛନ୍ତି । ସବୁବିଭାଗର ଅଧିକାରୀମାନଙ୍କୁ ନିଜ ନିଜ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ପ୍ରତ୍ୟେକ ବିଦ୍ୟାଳୟରେ ବୃକ୍ଷ ରୋପଣ କରିବା ପାଇଁ ଆର୍ôଥକ ସହାୟତା ଯୋଗାଇ ଦେଉଛନ୍ତି । ଏପରିକି ବିଦ୍ୟାଳୟରେ ବୃକ୍ଷରେପାଣ ନ ହେଲେ ବିଇଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି । କିନ୍ତୁ ଯାଜପୁର ଜିଲ୍ଲାରେ ଏହାର ଓଲଟା ଦେଖିବାକୁ ମିଳିଛି । ସ୍କୁଲ ପରିସରରେ ଥିବା ଗଛକୁ ବିନା ଅନୁମତିରେ କାଟି ଦିଆଯାଉଛି । ଦଶରଥପୁର ବ୍ଲକ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସରକାରୀ ନିୟମକୁ ଫୁ'ରେ ଉଡ଼ାଇ ଦେଇଥିବା ଦେଖିବାକୁ ମିଳିଛି ।

ଘଟଣାରୁ ପ୍ରକା ଯେ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା କେତେକ ବଡ଼ ବଡ଼ ଗଛ ଗୁଡ଼ିକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକ ଲଗାଇ କାଟି ଦେଇଥିବା ନେଇ ଅଭିଯୋଗ ହୋଇଛି । ବର୍ତ୍ତମାନ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସରକାର ବିଦ୍ୟାଳୟ ମାନଙ୍କରେ ଗଛ ଲଗେଇବା ପାଇଁ ଅର୍ଥ ଯୋଗେଇ ଦେଉଛନ୍ତି । ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିନ୍ତୁ ଗଛ ଲଗାଇବା ପରିବର୍ତ୍ତେ ଗଛ କାଟିବାରେ ବ୍ୟସ୍ତ । ବିଦ୍ୟାଳୟ ଗୁଡ଼ିକୁ ସରକାର ଇକୋ କ୍ଲବ ମାଧ୍ୟମରେ ଗଛ ଲଗେଇବା ପାଇଁ ଅର୍ଥ ଯୋଗେଇ ଦେଉଥିବା ବେଳେ ବିଦ୍ୟାଳୟ ଗୁଡ଼ିକରେ



ନାମକୁ ମାତ୍ର କେତେଗୋଟି ଗଛ ଲଗାଇ ସେଗୁଡ଼ିକର ଫଟୋ ଉଠାଇ ଅଫିସକୁ ପଠାଇ ଦେଇ ଉକ୍ତ ଅର୍ଥକୁ ଆତ୍ମସାତ୍ କରୁଥିବା ବେଳେ ବିଦ୍ୟାଳୟରେ ଥିବା ବହୁ ପୁରୁଣା ଗଛ ଗୁଡ଼ିକୁ କାଟିବା ଘଟଣାକୁ ନେଇ ଏବେ ପରିବେଶବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି । ପୂର୍ବ ଯାଜପୁରରେ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟର ବେଶ ସୁନାମ ରହିଥିବା ବେଳେ ଏହି ବିଦ୍ୟାଳୟରେ ପୂର୍ବରୁ ମ୍ୟାଟ୍ରିକରେ ବେଶ ଭଲ ରେଜେଲ୍ଟ ହେଉଥିଲା । ବର୍ତ୍ତମାନ ଏହି ବିଦ୍ୟାଳୟରେ ପାଠ ପଢ଼ା କମ ରାଜନୀତି ବେଶି ହେଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ବିଦ୍ୟାଳୟ ପରିସରରୁ କାହା ନିର୍ଦ୍ଦେଶରେ ଗଛ ଗୁଡ଼ିକ କଟା ଯାଇଛି ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ମସ୍ତିଷ୍କାଘାତରେ ଯୁବକଙ୍କ ମୃତ୍ୟୁ

ପାଣିକୋଇଲି, ୩।୮ (ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ସାନ୍ତରାସାହିର ଜଣେ ଯୁବକ ମସ୍ତିଷ୍କାଘାତରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଆଜି ପରଲୋକ ହୋଇଯାଇଛି । ଉକ୍ତ ଯୁବକ ଜଣକ ହେଲେ ସ୍ୱର୍ଗତ ଶଙ୍କର୍ଷଣ ନାୟକଙ୍କ ବଡ଼ପୁଅ ସଞ୍ଜୟ କୁମାର ନାୟକ (୪୯) । ସଞ୍ଜୟ ଗତ ବର୍ଷ ନଭେମ୍ବର ମାସରେ ବ୍ରେନ୍ ଷ୍ଟ୍ରୋକରେ ପୀଡ଼ିତ ହୋଇ କଟକ ବଡ଼ ଡାକ୍ତରଖାନାରୁ ଅସ୍ତ୍ରୋପଚାର ହୋଇ ଘରକୁ ଫେରିଥିଲେ । ମାତ୍ର ଘରକୁ ଫେରିବାର କିଛି ମାସ ପରେ ସେ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ । ତେବେ ଗତକାଲି ରାତିରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ଡାକ୍ତରଖାନାରେ



ପହଞ୍ଚିବାର କିଛି ସମୟ ମଧ୍ୟରେ ତାଙ୍କର ପରଲୋକ ଘଟିଥିଲା । ପରିବାର ଲୋକ ମାନେ ତାଙ୍କର ମୃତ ଶରୀରକୁ ସ୍ୱର୍ଗରଥରେ ଆଣି ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ପରେ ତାଙ୍କର ମୃତଶରୀରକୁ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା । ସାନ ଭାଇ ସନ୍ଦୀପ ମୁଖାଗ୍ନି ଦେଇଥିଲେ ।

## ପୋଖରୀରେ ବୁଡ଼ି ମହିଳା ମୃତ

ଦଶରଥପୁର/କର୍ଯ୍ୟାଁଗୋଲା, ୩।୮ (ସମିସ): ଦଶରଥପୁର ବ୍ଲକ ଡାହାଣୀହତା ପଞ୍ଚାୟତ ବାଉଁଶବାଡି ଗ୍ରାମ ନିରଞ୍ଜନ ଦାସଙ୍କ ପତ୍ନୀ ହରପ୍ରିୟା ଦାସ(୭୩)ଙ୍କୁ ପୋଖରୀ ପାଣିରୁ ମୃତ ଅବସ୍ଥାରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବା ଜଣାଯାଇଛି । ସୂଚନା ମୁତାବକ ଗତ ଶନିବାର ରାତିରେ ପରିବାରର ସମସ୍ତେ ଖାଇସାରି ଶୋଇଥିବା ବେଳେ ହରପ୍ରିୟା କାହାରିଙ୍କୁ ନ ଜଣାଇ ଘର ପଛ ପାର୍ଶ୍ୱ ପୋଖରୀ ନିକଟକୁ ଶୌଚ ହେବାକୁ ଯାଇଥିଲେ । ବିଳମ୍ବିତ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ । ପୋଖରୀ ଖୋଜା ଖୋଜି କରିବା ସମୟରେ ଭାସୁଥିବା ଦେଖି ଦଶରଥପୁର ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ । ଦଶରଥପୁର ଷ୍ଟେସନ ଅଧିକାରୀ ପର୍ଶୁରାମ ଜେନାଙ୍କ ନେତୃତ୍ୱରେ ଅଗ୍ନିଶମବାହିନୀଘଟଣାସ୍ଥଳରେପହଞ୍ଚିପୋଖରୀଭିତରୁତାଙ୍କୁଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ।

## ବଜ୍ରପାତରେ ଚାଷୀ ମୃତ

ସୁକିନ୍ଦା, ୩।୮ (ସମିସ): ଚାଷ କାର୍ଯ୍ୟ କରୁଥିବା ସମୟରେ ଆକସ୍ମିକ ବଜ୍ରପାତରେ ସୁକିନ୍ଦା ଅଞ୍ଚଳର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବଲବା ଗ୍ରାମ କୁଳମଣି ମଲିକଙ୍କ ପୁଅ ମଳୟ ରଞ୍ଜନ ମଲିକ(୩୨) ରବିବାର ଦିନ ଗ୍ରାମପାଖ ଚାଷ ଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ଆକସ୍ମିକ ବଜ୍ରପାତର ଶିକାର ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ । ପରିବାର ଲୋକେ ମଳୟଙ୍କୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିବା ସହ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

ସୁକିନ୍ଦା, ୩।୮ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ଓଳିଆ ପଞ୍ଚାୟତର କଇଁଜିରା ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ଦୈତାରୀ ମହନ୍ତଙ୍କ ପୁଅ ବେଣୁଧର ମହାନ୍ତ(୨୩) ଓ ହରିହର ମହାନ୍ତଙ୍କ ପୁଅ ସୁନିଲ ମହାନ୍ତ(୧୯) ଗୁରୁତର ଆହତ ହୋଇଥିଲେ । ବେଣୁଧର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି । ଉଭୟ ଆହତଙ୍କୁ ସ୍ଥାନୀୟ ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ବେଣୁଧର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି ।

## ନଦୀରେ ବୁଡ଼ି ଯୁବକ ମୃତ

କବାଟବନ୍ଧ, ୩।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଦଣ୍ଡସଣା ଗ୍ରାମର ଜଣେ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତକ ଜଣଙ୍କ ହେଲେ ଜଟାଧାରୀ ପ୍ରଧାନଙ୍କ ପୁଅ ରାକେଶ ପ୍ରଧାନ (୧୮) ବୋଲି ଜଣାପଡ଼ିଛି । ଏନେଇ ରାକେଶଙ୍କ ମାମୁଁ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପରିବାର ଲୋକଙ୍କ ସୂଚନା ଅନୁସାରେ ରବିବାର ଅପରାହ୍ନରେ ରାକେଶ ଗାଁ ନିକଟ ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇଥିଲେ । ଅସାବଧାନତା କାରଣରୁ ତାଙ୍କ ଗୋଡ଼ ଖସି ଯାଇଥିଲା । ନଦୀରେ ବନ୍ୟା ଜଳ ଅଧିକ ଥିବାରୁ ରାକେଶ ପାଣିରେ ବୁଡି ଯାଇଥିଲେ । ନିକଟରେ ଥିବା ତାଙ୍କ ଅନ୍ୟ ସାଙ୍ଗମାନେ ତାଙ୍କୁ ବହୁ କଷ୍ଟରେ ଉଦ୍ଧାର କରିଥିଲେ । ସେତେବେଳକୁ ରାକେଶ ଗୁରୁତର ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ପହଞ୍ଚିବା ବିଳମ୍ବ ହୋଇଥିଲା । ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଜେନାପୁର ପୁଲିସ ସବଇନ୍ସପେକ୍ଟର ଶଶୀଭୂଷଣ ପରିଡ଼ା ଏବଂ କନଷ୍ଟେବଲ ଭବାନୀ ମାଝୀ ଧର୍ମଶାଳା ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ । ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

**ବିଡିଓଙ୍କୁ ଅଭିଯୋଗ କଲେ ଜମି ମାଲିକ**

# ବ୍ୟକ୍ତିଗତ କଲଭର୍ଟକୁ ସରକାରୀ କହି ଲୁଟ୍

ପାଣିକୋଇଲି, ୩।୮ (ସମିସ): ଦୁଇବର୍ଷ ତଳେ ନିଜ ବ୍ୟକ୍ତିଗତ ଜାଗାରେ ଏକ କଲଭର୍ଟ ନିର୍ମାଣ କରାଯାଇଥିଲା । ହେଲେ ଏହାକୁ ସରକାରୀ ପ୍ରକଳ୍ପ ଦର୍ଶାଇ ଟଙ୍କା ଚଳୁ କରିବା ପାଇଁ ଉଦ୍ୟମ ହୋଇଛି । ଟଙ୍କା ପଇଠ ପୂର୍ବରୁ ଘଟଣା ଜଣାପଡ଼ିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଏନେଇ କୋରେଇ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ । ଫଳରେ ବିଡିଓ ବିଲ୍ ବନ୍ଦ କରି ଏବେ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ରୋଚକ ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅନ୍ତର୍ଗତ ହଳଦିଗଡ଼ିଆ ପଞ୍ଚାୟତ ହଳଦିଗଡ଼ିଆ ଗ୍ରାମରେ ।

ପ୍ରକାଶଯେ ହଳଦିଗଡ଼ିଆ ଗ୍ରାମର ଚିତ୍ତରଞ୍ଜନ ବରାଳଙ୍କର ନିଜ ମୌଜା ଖାତା ନମ୍ବର-୫୦୩/୭୭ ଏବଂ ପ୍ଲଟ୍ ନମ୍ବର-୮୨୯ରେ ନିଜସ୍ୱ ଜାଗା ରହିଛି । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର କେଇ ଫୁଟ ଦୂରରେ ଥିବା ଏହି ଜାଗାରେ ୨୦୨୩ ମସିହାରେ ଶ୍ରୀ ବରାଳ ଏକ ୧୨ ଫୁଟ ଲମ୍ବ ଏବଂ ୬ ଫୁଟ ଓସାରର କଲଭର୍ଟ ନିଜ ଖର୍ଚ୍ଚରେ ତିଆରି କରିଥିଲେ । ହେଲେ କିଛିଦିନ ତଳେ ଉକ୍ତ କଲଭର୍ଟଟି ସରକାରୀ ପ୍ରକଳ୍ପ ଭାବେ ଦର୍ଶାଇ ପଞ୍ଚାୟତ ପକ୍ଷରୁ ଏହାର ବିଲ୍ କରାଯାଇଥିବା ଶ୍ରୀ ବରାଳ ଜାଣିବାକୁ ପାଇଥିଲେ । ଏନେଇ ଅନୁସନ୍ଧାନ କରିବା ପରେ ପଞ୍ଚାୟତ ପକ୍ଷରୁ ଉକ୍ତ ପ୍ରକଳ୍ପର ରିଜୋଲେସନ୍ କରାଯାଇ ବ୍ଲକ କାର୍ଯ୍ୟାଳୟରେ ୨.୫ ଲକ୍ଷ ଟଙ୍କାର ବିଲ୍ ପାଇଁ ପଇଠ କରାଯାଇଥିବା ମଧ୍ୟ ଜାଣିବାକୁ ପାଇଥିଲେ । ଫଳରେ ଏହାକୁ ତୁରନ୍ତ ବନ୍ଦ କରିବାକୁ ଏବଂ ହୋଇଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓଙ୍କ ନିକଟରେ ଦାବି କରିଛନ୍ତି । ତେବେ ଏନେଇ କୋରେଇ ବିଡିଓ ଅବନୀକାନ୍ତ ସାହୁଙ୍କୁ ପଚାରିବାରୁ ଅଭିଯୋଗ ହୋଇଥିବା ସ୍ୱୀକାର କରିବା ସହିତ ଏନେଇ ବ୍ଲକର ସହାୟକ ଯନ୍ତ୍ରୀ ସ୍ୱାଗତ କୁମାର ଦାସ ଏବଂ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ସୋମବାର ଦିନ ତଦନ୍ତ ରିପୋର୍ଟ ଆସିବା ପରେ ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଶ୍ରୀ ସାହୁ କହିଛନ୍ତି ।

# ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମକୁ ବିରୋଧ



ସୁକିନ୍ଦା, ୩।୮ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହେବାକୁ ଯାଉଥିବା ୟୁନିଫାଏଡ ଅଟୋମେସନ ସିଷ୍ଟମକୁ ଶିକ୍ଷକ ସଂଘ ପକ୍ଷରୁ ବିରୋଧ କରିବା ସହ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ ହେବା ପରେ ଏହାକୁ ପ୍ରଚଳନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ନିୟମ ଅନୁସାରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ଯିବାପରେ ନିଜ ମୋବାଇଲ ଫୋନରେ କ୍ଲକଇନ୍ ବାହାରିବା ସମୟରେ କ୍ଲକଆଉଟ୍ କରିବେ । ତେବେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ ନକରି ଏହି ନିୟମ ଲାଗୁ କରିବାକୁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରୟାସକୁ ସାମ୍ପ୍ରତିକ ପରିସ୍ଥିତିରେ ସ୍ଥଗିତ ରଖି ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବାପରେ କାର୍ଯ୍ୟକାରୀ କରିବାକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ସୁକିନ୍ଦା ପକ୍ଷରୁ ଦାବି କରାଯାଇଛି । ଏନେଇ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ଶ୍ୟାମସୁନ୍ଦର ହାଁସଦା, ସମ୍ପାଦକ ସଞ୍ଜୟ ସାମଲ, ନିର୍ମଳା ପଣ୍ଡା, ନମିତା ସାମଲ, ବସନ୍ତ ଦାସ, ଅଶୋକ ଦାସଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

# ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଦଶରଥପୁର, ୩।୮ (ସମିସ): ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନ ଥାଲୁକୁଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର ଯୋଗ ଦେଇ ବିଜ୍ଞାନର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ । ପରିଚାଳନା ସମିତିର କୈଳାସ ଚନ୍ଦ୍ର ସାମଲ, ଦିଲ୍ଲୀପ କୁମାର ସାମଲ, ରବୀନ୍ଦ୍ର ପୃଷ୍ଟି, ଅଶୋକ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ବାସୁଦେବ ସାହୁ, ପ୍ରତାପ ବିଶ୍ୱାଳ, ପୀତବାସ



ସାମଲ, ଉମେଶ ଚନ୍ଦ୍ର ସାମଲ, ବିଶ୍ୱରଞ୍ଜନ ପୃଷ୍ଟି, ବିଶ୍ୱଜିତ ବେହୁରିଆ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୫୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ଏହାବାଦ ବିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତ ବୋଧ ପ୍ରଶ୍ନମଞ୍ଚରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ବିଦ୍ୟାଧର ପଣ୍ଡା, ଗୋବର୍ଦ୍ଧନ ସାହୁ, ଶେଷଦେବ ଶତପଥୀ, କୁଳମଣି ରଣା, ବ୍ରଜକିଶୋର ଦାସ, ପ୍ରଶାନ୍ତ ପଣ୍ଡା, ସଞ୍ଜୟ ସାହୁ, ଉଦୟ ଭଞ୍ଜ, ନିତ୍ୟାନନ୍ଦ ଦଳାଇ ଓ ଆଚାର୍ଯ୍ୟା ସବିତା ସ୍ୱାଇଁ, ବୈଜୟନ୍ତୀ ସାମଲ, ଅଞ୍ଜଳ ବେହେରା, ରୂପଶ୍ରୀ ବେହେରା, ପ୍ରିୟଦର୍ଶିନୀ କର, ସସ୍ମିତା ବେହୁରିଆ ପ୍ରମୁଖ ବିଜ୍ଞାନ ମେଳା ପରିଚାଳନାରେ ସହଯୋଗ କରିଥିଲେ ।

**■ ଭିନ୍ନକ୍ଷମ ହୋଇ ବି ସକ୍ଷମ**

## ମୂର୍ତ୍ତି କଳାରେ ମାହିର ସରୋଜ



ବିଞ୍ଝାରପୁର, ୩।୮ (ସମିସ): ଦିନକୁ ଦିନ ମୂର୍ତ୍ତି କାରିଗରଙ୍କ ସଂଖ୍ୟା କମିବାରେ ଲାଗିଥିବା ବେଳେ ବିଞ୍ଝାରପୁର ଅଞ୍ଚଳରେ ମୂର୍ତ୍ତି କାରିଗର ଭାବରେ ସରୋଜ କୁମାର ମହାଲିକ ପ୍ରଶଂସାର ପାତ୍ର ପାଲଟିଛନ୍ତି । ସରୋଜ ଜଣେ ଶାରୀରିକ ଅକ୍ଷମ ହୋଇ ସୁଧା ହାର ମାନିନାହାନ୍ତି । ଚିକଣା ପଞ୍ଚାୟତ ପଇରଖ ଗାଁରେ ଜନ୍ମ ଗ୍ରହଣ କରି ମାତ୍ର ୧୨ ବର୍ଷ ବୟସରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଯାଜପୁର ସାନବଜାର ରଞ୍ଜିଆ ସାହୁଙ୍କୁ ଗୁରୁ ଭାବରେ ପାଇ ସେ ସିମେଣ୍ଟ ଏବଂ ମାଟିରେ ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଦୀର୍ଘ ୨୦ ବର୍ଷ ହେବ କରିଆସୁଛନ୍ତି । ଚଳିତ ବର୍ଷ ଅରେଇ ପଞ୍ଚାୟତ ବରୁଣେଶ୍ୱର ଛକରେ ୩୦ରୁ ଊର୍ଦ୍ଧ୍ୱ ମେଢ ଗଣେଶ ଏବଂ ଖୁଦୁରୁକୁଣୀ ମୂର୍ତ୍ତି ନିର୍ମାଣ କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ଅତି ନିଖୁଣ ମୂର୍ତ୍ତି ନିର୍ମାଣ କରି ଅଞ୍ଚଳବାସୀଙ୍କ ପ୍ରଶଂସା ପାତ୍ର ପାଲଟିଛନ୍ତି ସରୋଜ । ଆଗକୁ ଗଣେଶ ପୂଜା । ୩ଜଣ ସହଯୋଗୀ କାରିଗରଙ୍କୁ ନେଇ କମ୍ ମୂଲ୍ୟରେ ଅତି ସୁନ୍ଦର ଏବଂ ମନୋହର ମୂର୍ତ୍ତି ନିର୍ମାଣ କରୁଛନ୍ତି ସରୋଜ । ସରୋଜଙ୍କ କହିବା କଥା ତାଙ୍କ ପାଖରେ ସ୍ଥାନ ଏବଂ ଅର୍ଥର ଅଭାବ ପାଇଁ ସେ ଅଧିକ ମୂର୍ତ୍ତି ନିର୍ମାଣ କରିପାରୁ ନାହାଁନ୍ତି । ଯାହା ଅଳ୍ପ ବହୁତ ମୂର୍ତ୍ତି ନିର୍ମାଣ କରି ନିଜ ପରିବାର ପରିପୋଷଣ କରୁଛନ୍ତି ।

## ବିରଜା ମଣ୍ଡଳ ବିଦ୍ୱତ୍ ପରିଷଦର ବାର୍ଷିକ ଉତ୍ସବ



ଯାଜପୁର, ୩।୮ (ସମିସ): ବିରଜା ମଣ୍ଡଳ ବିଦ୍ୱତ୍ ପରିଷଦର ୨୦ତମ ବାର୍ଷିକ ଉତ୍ସବ ଗରିଆପୁରସ୍ଥିତ ଶାନ୍ତିମଣ୍ଡପରେ ସଭାପତି ବୈକୁଣ୍ଠନାଥ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନୟଗୋ ଯୋଗ ଦେଇଥିଲେ । ସମ୍ପାଦକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ୧୬ ଅଗଷ୍ଟରେ ଉପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରାଗଲା । ମୁଖ୍ୟବକ୍ତା ଡ. ଜ୍ଞାନରଞ୍ଜନ ପତି, ଉପସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିଶ୍ୱନାଥ ତ୍ରିପାଠୀ, ବନବିହାରୀ ମହାପାତ୍ର, ଡ. ପ୍ରଭଞ୍ଜନ ପତି, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଦିଗମ୍ବର କର, ସହ ସମ୍ପାଦକ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ରବିନାରାୟଣ ମିଶ୍ର, ପଣ୍ଡିତ ଅଦୈତ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପରିଷଦର ଉନ୍ନତି କାମନା କରିଥିଲେ । ଆଇନଜୀବୀ ଶରତ ଚନ୍ଦ୍ର ବେହୁରିଆଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଶେଷରେ ସୂର୍ଯ୍ୟମଣି ବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଗାୟକ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଉପନ୍ୟାସ 'ନର୍କରେ ଗାନ୍ଧାରୀ' ଉନ୍ମୋଚିତ

ବିଞ୍ଝାରପୁର, ୩।୮ (ସମିସ): ସାହିତ୍ୟ, ସଂସ୍କୃତି ଓ ପରମ୍ପରା ପରସ୍ପର ପରିପୂରକ । ସୁଦୃଢ ଓ ମାର୍ଜିତ ସମାଜ ଗଠନର ମାପକାଠି ହେଉଛି ସାହିତ୍ୟ । ମାଟି, ମା', ମାତୃଭାଷା ପ୍ରତି ମମତା, ସମ୍ମାନବୋଧ, ପ୍ରାଧାନ୍ୟତା ମଣିଷକୁ ଯେମିତି ସୁମଣିଷ କରି ଗଢିତୋଳେ ସେମିତି ସାହିତ୍ୟ ସମାଜକୁ ସୁସମାଜ ଭାବେ ଗଢିତୋଳିଥାଏ ବୋଲି ଆଜି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବରୁଣେଶ୍ୱର ପୀଠ ଠାରେ ଆଞ୍ଚଳିକ ପାଠକ ପରିବାର ପକ୍ଷରୁ ବିଶିଷ୍ଟ ଔପନ୍ୟାସିକ ଜଗନ୍ନାଥ ଧଳଙ୍କ ଉପନ୍ୟାସ 'ନର୍କରେ ଗାନ୍ଧାରୀ' ଉନ୍ମୋଚନ ଉତ୍ସବରେ ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି । ଜଣେ ଅନନ୍ୟ ପ୍ରତିଭା ଭାବେ ଜଗନ୍ନାଥ ଧଳ ଅନେକ ଉପନ୍ୟାସ ରଚନା କରି ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି । ତାଙ୍କ ଏହି ଉପନ୍ୟାସ ଉନ୍ମୋଚନ ଉତ୍ସବରେ ପ୍ରାଧ୍ୟାପକ ଅଜୟ କୁମାର ଓଝା



ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ଶ୍ରୀହରୀ ଧଳ, ପ୍ରାଧ୍ୟାପକ ପ୍ରସନ୍ନ ରାଉତ, ସମାଜସେବୀ ପଦ୍ମାକର ଗୁରୁ, ବରିଷ୍ଠ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ଡ. ରବୀନ୍ଦ୍ର କୁମାର ପରିଡ଼ା, ଗବେଷକ ନଟବର ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀଯୁକ୍ତ ଧଳଙ୍କ ସୃଷ୍ଟି ସମଗ୍ରର ସମୀକ୍ଷା ସଂକଳନ 'ଅନୁରାଗ' ଉନ୍ମୋଚିତ ହୋଇଥିଲେ । ଏହି ଅବସରରେ ଔପନ୍ୟାସିକ ଜଗନ୍ନାଥ ଧଳଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

# କୁକୁଡ଼ା ଚାଷୀ ଉନ୍ନୟନ ସଂଘର ଅଧିବେଶନ

ଯାଜପୁର, ୩।୮ (ସମିସ)

ଯାଜପୁର ଜିଲ୍ଲା କୁକୁଡ଼ା ଚାଷୀ ଉନ୍ନୟନ ସଂଘର ଜିଲ୍ଲା ସ୍ତରୀୟ ଅଧିବେଶନ ଯାଜପୁର ବ୍ଲକ ବିଚିତ୍ରପୁରର କଲ୍ୟାଣମଣ୍ଡପ ଠାରେ ସଂଘର ସଭାପତି ଚନ୍ଦ୍ରଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଯାଜପୁର ଜିଲ୍ଲାର ଅନ୍ୟୁନ ୨୦୦ରୁ ଅଧିକ କୁକୁଡ଼ା ଚାଷୀ ଯୋଗ ଦେଇଥିଲେ । ଏହି ସଭାର ପ୍ରାରମ୍ଭରେ ସମ୍ପାଦକ ଧର୍ମେନ୍ଦ୍ର କୁମାର ମିଶ୍ର ଉକ୍ତ ସଭାର ବିବରଣୀ ପାଠ କରିଥିଲେ । ସତ୍ୟବାନ କର ଓ କୋଷାଧିକ୍ଷ ସଂଘର ଆୟବ୍ୟୟ ଉପରେ ଆଲୋକପାତ କରିଥିଲେ । ସଂଘର ସଭାପତି ଏହି ସଭାରେ ସଂଘକୁ ଦୃଢତାର ସହ କିପରି ଆଗକୁ ନେବେ ଉପସ୍ଥିତ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଆଲୋଚନା ପ୍ରସଙ୍ଗରେ ସଭାପତି ପ୍ରକାଶ କରିଥିଲେ ଯେ ସଂଘର ଜିଲ୍ଲାସ୍ତରୀୟ ପଞ୍ଜୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହା ଜିଲ୍ଲାପାଳଙ୍କ ସ୍ୱାକ୍ଷର ସହ ଖୁବ ଶିଘ୍ର ସଂଘକୁ ପ୍ରାପ୍ତ ହେବ ବୋଲି ଜଣାଇଥିଲେ । ଏହି ସଭାରେ ସଂଘର ସଭାପତି ସଂଘ



ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଲୋକ ହିତକର ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଉକ୍ତ ସଭାରେ ଆଗାମୀ ଦିନରେ ଜିଲ୍ଲାରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ କୁକୁଡ଼ା ଚାଷ ପ୍ରତି ଆଗ୍ରହ ସୃଷ୍ଟିର ପରିକଳ୍ପନା କରି ବ୍ୟାପକ ଭାବେ ଏହା ଜିଲ୍ଲାର ସମସ୍ତ ବ୍ଲକରେ କରିବା ପାଇଁ ମତ ପ୍ରକାଶ ଥିଲା । ଏହି ଅଧିବେଶନରେଗଙ୍ଗାଧର ନାୟକ, ସୁରେନ୍ଦ୍ର ପଣ୍ଡା, ପ୍ରତାପ ଗୋଚ୍ଛାୟତ, ଶିଶିର ବାଗ, ବିକ୍ରମ ଦାସ ଓ ପ୍ରକାଶ ରାଉତରାୟ ବିଷଦ ଭାବେ ଆଲୋଚନା କରିଥିଲେ । ସମ୍ପାଦକ ଧର୍ମେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ ।

ପରକ୍ରିୟା ପ୍ରୀତି ଧରାପଡ଼ିବା ପରେ...

## ସ୍ୱାମୀଙ୍କୁ ଛାଡ଼ି ପ୍ରେମିକକୁ ବିବାହ କଲେ

**ଭୁବନ, ୩।୮ (ସମିସ):** ଚୋରା ପୀରତି କାହା ପାଇଁ ମଜା ତ କାହା ପାଇଁ ସଜା। ଜଣେ ବିବାହିତା ମହିଳା ଓ ଯୁବକ ଚୋରା ପୀରତିରେ ଲିପ୍ତ ଥିବାବେଳେ ଧରିଦେଲେ ଗ୍ରାମବାସୀ। ଅନ୍ୟ ଉପାୟ ନ ପାଇ ବାଧହୋଇ ଦୁଇ ଛୁଆର ମା' ହାତରୁ ଶଙ୍ଖା କାଢ଼ିଲେ, ମଥାରୁ ସିନ୍ଦୂର ପୋଛିଲେ। ବାହୁରୁ ବ୍ରତ କାଢ଼ି ସ୍ୱାମୀ ହାତକୁ ଦେଲେ। ପରେ ପ୍ରେମିକ ହାତରୁ ଶଙ୍ଖା, ସିନ୍ଦୂର ନେଇ ତାଙ୍କୁ ବିବାହ କଲେ। ଢେଙ୍କାନାଳ ଓ ଯାଜପୁର ଜିଲ୍ଲା ସୀମାନ୍ତ ଓଡ଼ିଶ ପଞ୍ଚାୟତ ବଡ଼କାଠିଆ ଗ୍ରାମରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ବଡ଼କାଠିଆ ଗ୍ରାମର ଏହି ବିବାହିତା ମହିଳାଙ୍କ ଘରକୁ ରାତିଅଧରେ ଆସିଥିଲେ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ଜଣେ ବିବାହିତ ଯୁବକ। ଗ୍ରାମବାସୀ ଦୁହିଁଙ୍କୁ ଧରିଦେଇଥିଲେ। ମହିଳାଙ୍କ ସ୍ୱାମୀ ଯେଉଁ କମ୍ପାନୀରେ ଡ୍ରାଇଭର୍ କାମ କରନ୍ତି ଯୁବକ ଜଣକ ସେହି କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଅଛନ୍ତି। ଏହି ସୁଯୋଗରେ ଯୁବକ ଜଣକ ମହିଳାଙ୍କ ଘରକୁ ରାତିରେ ଆସୁଥିଲେ। ତେବେ ଶନିବାର ରାତିରେ ଉଭୟଙ୍କୁ ଗ୍ରାମବାସୀ ଧରିଦେଇଥିଲେ।

## ଗାଁ ରାସ୍ତାରୁ ଗାଈକୁ ଝାମ୍ପି ନେଲା କୁମ୍ଭୀର

**କର୍ଯାଁଗୋଲା, ୩।୮ (ସମିସ):** ବୈତରଣୀ ନଦୀରେ ବନ୍ୟା ଆସିବା ପରେ ଏବେ ଗାଁ ମୁହାଁ ହୋଇଛନ୍ତି କୁମ୍ଭୀର। ଦଶରଥପୁର ବ୍ଲକ କର୍ଯାଁ ପଞ୍ଚାୟତ ଅଧୀନ ଧରମପୁର ଗ୍ରାମରେ ଆଜି ଏକ ଗାଈକୁ କୁମ୍ଭୀର ଗାଁ ରାସ୍ତାରୁ ଝାମ୍ପି ନେଇଛି। ଗ୍ରାମର ଖାଲୁଆ ସ୍ଥାନ ବନ୍ୟା ଜଳରେ ବୁଡ଼ି ରହିଥିବାରୁ କୁମ୍ଭୀର ଆତଙ୍କ ଗ୍ରାମବାସୀଙ୍କୁ ଭୟଭୀତ କରି ରଖିଛି। ଆଜି କର୍ଯାଁଗୋଲା ସେତୁ ନିକଟରୁ ଧରମପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କଡ଼ରେ ଘାସ ଚରୁଥିବା ଗ୍ରାମର ଉତ୍ତମ ସାହଣୀଙ୍କ ଗୋଟିଏ ଗାଈକୁ ଏକ ୫ ଫୁଟ ଲମ୍ବର କୁମ୍ଭୀର ରାସ୍ତା କଡ଼ରୁ ନଦୀ ଭିତରକୁ ଝାମ୍ପି ନେଇଥିଲା। କୁମ୍ଭୀର ଗାଈକୁ ନଦୀ ପଠାରୁ ଭିତରକୁ ନେଇଯାଉଥିବା ଦେଖି କିଛି ଗ୍ରାମବାସୀ ହୋ-ହାଲ୍ଲା କରିବାରୁ କୁମ୍ଭୀର ଗାଈକୁ ଛାଡି ନଦୀ ଭିତରକୁ ପଳାଇଯାଇଥିଲା। ଖଣ୍ଡିଆଖାବର ଓ ଗୁରୁତର ଆହତ ଗାଈକୁ ଗ୍ରାମବାସୀ ନଦୀ ପଠାରୁ ଉଦ୍ଧାର କରିଥିଲେ। ତୁରନ୍ତ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ଡକାଇ ଗାଈର ଚିକିତ୍ସା କରାଯାଇଥିଲେ ମଧ୍ୟ ଶରୀରରେ ଗମ୍ଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ଗୋ-ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଉତ୍ତମ ସହଣୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ମାଫିଆ ସକ୍ରିୟ; ପ୍ରଶାସନ ସ୍ଥାଣୁ

# ଗୋଚରରୁ ତାଡ଼ି ନେଉଛନ୍ତି ମୋରମ

**କବାଟବନ୍ଧ, ୩।୮ (ସମିସ)**

ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଛାଖଣ୍ଡି ସୁନାରୀକାଛିଆ ନିକଟରୁ ମୋରମ ଲୁଟ ହେଉଥିବା ଜଣାପଡ଼ିଛି। ଏହି ଅଞ୍ଚଳରୁ ଦୈନିକ ଶତାଧିକ ଟ୍ରିପ୍ ହାଇୱା ମୋରମ ଲୁଟ କରି ଭଦ୍ରକ, ବାଲେଶ୍ୱର, ପାରାଦୀପ ଆଦି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଛି। ଜେନାପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଲଘୁଖଣିଜ ସମ୍ପଦ ଲୁଟ ଏକ ସାଧାରଣ ଘଟଣା ହୋଇଗଲାଣି। ସ୍ଥାନୀୟ ପୁଲିସ ହେଉ କିମ୍ବା ଲଘୁ ଖଣିଜ ସମ୍ପଦ ବିଭାଗ ହେଉ ଏଥିପ୍ରତି ତତ୍ପରତା ପ୍ରକାଶ କରୁନାହାଁନ୍ତି। ଯାହାକି ଜନସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ବିଛାଖଣ୍ଡି ଅଞ୍ଚଳରୁ ସ୍ଥାନୀୟ ଚକ୍ରଧରପୁର ଏବଂ ଏଣ୍ଡଲବା ଅଞ୍ଚଳର ମୋରମ ମାଫିଆମାନେ ଏକଜୁଟ ହୋଇ ଏହି ଲୁଟ କରୁଛନ୍ତି। ଏହା ଦ୍ୱାରା ଦୈନିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେବା ସହିତ ମାଫିଆରାଜ ବୃଦ୍ଧି ପାଉଛି। ଲଘୁ ଖଣିଜ ସମ୍ପଦ ଲୁଟକୁ ରୋକିବା ପାଇଁ ଟାସ୍କଫୋର୍ସ ଏବଂ ସବ୍‌ଡିଭିଜନାଲ କମିଟିର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମାଫିଆମାନଙ୍କ ସହିତ ସୁସମ୍ପର୍କ ଥିବା ଅନୁଭବ ହେଉଛି। ଯାହା ଫଳରେ ପୁଲିସ କିମ୍ବା ଖଣି ଅଧିକାରୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଛଘୁଞ୍ଚା ଦେଉଛନ୍ତି। ଗତ ୬ ମାସ ମଧ୍ୟରେ ପ୍ରାୟ ୧୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ମୋରମ ଲୁଟ ହୋଇ ହୋଇଥିବା ଅନୁମାନ କରାଯାଉଛି। ଲଘୁ ଖଣିଜ ସମ୍ପଦ ବିଭାଗ ପକ୍ଷରୁ



ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଅଧୀନ କୌଣସି ସ୍ଥାନରୁ ମୋରମ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇନାହିଁ ବୋଲି ଲଘୁ ଖଣିଜ ଉପନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି। ମାତ୍ର ଜେନାପୁର ଥାନା ଅଞ୍ଚଳରୁ ବିଭିନ୍ନ ସ୍ଥାନରେ ଏହି ଲୁଟ ବେଧଡ଼କ ହେଉଥିଲେ ମଧ୍ୟ ସାମାନ୍ୟ ତଦନ୍ତ କରାଯାଇ ନାହିଁ। କେବେ କେଉଁ ଦିନଟିଏ ହେଲେ ଲୁଟ ହୋଇଥିବା ସ୍ଥାନ ମଧ୍ୟ ପରିଦର୍ଶନ କରି ସତ୍ୟାସତ୍ୟ ଯାଞ୍ଚ କରି ନାହାଁନ୍ତି। କୋଟି କୋଟି ଟଙ୍କାର ମୋରମ ସ୍ଥାନୀୟ ଜେନାପୁର ଥାନା ଅଧୀନରୁ ଲୁଟ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଜଣେ ମାଫିଆଙ୍କ ପାଖରେ ପହଞ୍ଚି ପାରୁନି ପୁଲିସ। ମୋରମ ମାଫିଆ ତ ଦୂରର କଥା ମୋରମ ଗାଡି ଟିଏ ମଧ୍ୟ ଧରିବାରେ ଅସମର୍ଥ ହୋଇଛି ପୁଲିସ ଏବଂ ଖଣି ବିଭାଗ। ଜଙ୍ଗଲ କିସମ, ଗୋଚର, ଆଦି କୌଣସି ସ୍ଥାନକୁ ମାଫିଆ ମାନେ ଛାଡ଼ି ନାହାଁନ୍ତି। ଏପରିକି କାଜୁ ଜଙ୍ଗଲ ଭିତରୁ ମୋରମ ତାଡି ନେଇ ବହୁ କାଜୁ ଗଛ ନଷ୍ଟ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। କାଜୁ ଉନ୍ନୟନ ନିଗମ ପକ୍ଷରୁ ଜେନାପୁର ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। କିନ୍ତୁ ପୁଲିସ କାହାକୁ ଧରିବା ତ ଦୂରର କଥା ମାଫିଆଙ୍କ ପାଖରେ ପହଞ୍ଚିବାକୁ ସାହସ ସଞ୍ଚୟ କରି ପାରୁନାହିଁ। ନାମକୁ ମାତ୍ର ରାତି ଅଧିଆ ପାଟ୍ରୋଲିଂ କରି ନିଜ ଦାୟିତ୍ୱ ସାରି ଦେଉଛି। ଚକ୍ରଧରପୁର ଏବଂ ଏଣ୍ଡଲବା ପଞ୍ଚାୟତର ମୋରମ ମାଫିଆମାନେ ବିଛାଖଣ୍ଡି ସୁନାରୀକାଛିଆ ଅଞ୍ଚଳରୁ ବହୁ ମୋରମ ଲୁଟ କରୁଛନ୍ତି। ଏପରିକି କିଛି ଚାଷୀଙ୍କର ଚାଷ ଜମିକୁ ମଧ୍ୟ ନଷ୍ଟ କରି ମୋରମ ତାଡି ନେଇଛନ୍ତି। ଜେନାପୁର ଥାନା ଅଞ୍ଚଳର ବାଲିସାହି, ମହୁଲଖଣି, ବିଛାଖଣ୍ଡି, ତାରିଣୀ ଛକ, କାଲୁଣିଗୋଡ଼, କାଜୁ ଜଙ୍ଗଲ ଆଦି ସ୍ଥାନରୁ ଲୁଟ ହୋଇଥିବା ମୋରମର ତଦନ୍ତ କରି କେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଶ୍ରାବଣ ଶେଷ ସୋମବାର ଶୈବପୀଠରେ ଜଳ ଲାଗି କରିବା ପାଇଁ ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ଜଳ ଉଠାଇବାକୁ କାଉଡିଆଙ୍କ ଭିଡ଼

## ଚଣ୍ଡିଖୋଲ କଲେଜ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବଡଚଣା, ୩।୮ (ସମିସ):** ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ଅଧ୍ୟକ୍ଷତାରେ କଲେଜ ନବମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ୧୨ ତାରିଖରୁ କଲେଜର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଏହା ଏକ ବର୍ଷ ବ୍ୟାପୀ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରାଯିବ। କଲେଜ ପରିସରରେ ଥିବା ଭାରତ ପାକିସ୍ତାନ ଯୁଦ୍ଧରେ ସାମିଲଥିବା ବିଜୟ ସ୍ମାରକୀ ଋଷିଆ ନିର୍ମିତ ଟି-୫୫ କମାଣର ରକ୍ଷଣାବେକ୍ଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ। କଲେଜର ପ୍ରତିଷ୍ଠାତା ସଭ୍ୟସଭ୍ୟା, ପରିଚାଳନା ସମିତି ସଭ୍ୟସଭ୍ୟା, କଲେଜର ପ୍ରଥମ କର୍ମଚାରୀ, ପୁରାତନ



ଛାତ୍ରଛାତ୍ରୀ ଓ ବର୍ତ୍ତମାନର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନଙ୍କୁ ଏଥିରେ ସାମିଲ କରାଯିବା ପାଇଁ ଆଲୋଚନା କରାଯାଇଛି। ଏଥିରେ ସଂଘର ଉପଦେଷ୍ଟା ନିହାର ରଞ୍ଜନ ଦାସ ପଟ୍ଟନାୟକ, ଉପସଭାପତି ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଓ ପ୍ରଦୀପ କୁମାର ଧଳ, ସୁଶ୍ରୀ କାମିନୀ ନାୟକ, ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା, ଚନ୍ଦନ ନାୟକ, ଅଧ୍ୟାପକ ବିଜୟ କେତନ ସାମଲ ଓ ଡ. ଦିଲ୍ଲୀପ କୁମାର ନାୟକ, ପ୍ରସନ୍ନ କୁମାର ବିଶ୍ୱାଳ, ମନୋରଞ୍ଜନ ସାହୁ, ମାନସ ରଞ୍ଜନ ବିଶ୍ୱାଳ, ପବିତ୍ର କୁମାର ରାଉତ, ଅନିଲ କୁମାର ଦାସ, ଜୟୀରାମ ସାହୁ, କଳ୍ପତରୁ ସାହୁ, ଦେବେନ୍ଦ୍ର କୁମାର ନାୟକ, ଦୀପକ କୁମାର ସାମଲ, ତନ୍ମୟଜିତ ସ୍ୱାଇଁ, ସତ୍ୟବ୍ରତ ସେନାପତି ପ୍ରମୁଖ ଯୋଗଦେଇଥିଲେ।

## ହତ୍ୟା ଘଟଣାରେ ଦମ୍ପତି ଗିରଫ

**ତୁରୁମୁଙ୍ଗା, ୩।୮ (ସମିସ):** ପାଟଣା ଥାନା ଅଙ୍କୁରା ଗ୍ରାମର ଭକ୍ତବନ୍ଧୁ ନାଏକଙ୍କ ପୁଅ ଗଙ୍ଗାଧର (୨୮)ଙ୍କୁ ଗତ ବୁଧବାର ପିଟିପିଟି ହତ୍ୟା କରାଯାଇଥିବା ଘଟଣାରେ ରବିବାର ପାଟଣା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ଅଙ୍କୁରା ଗ୍ରାମର ଝପା ସାହି ଦମ୍ପତି ସୌମ୍ୟରଞ୍ଜନ ପାତ୍ର (୨୦) ଏବଂ ପତ୍ନୀ ବିଜୁଳି ପାତ୍ର (୧୯)। ଗଙ୍ଗାଧର ଗାଁ ନିକଟ ଝପାସାହିକୁ ଯାଇଥିବା ସମୟରେ ସେଠାରେ କିଛି ଲୋକ ସଙ୍ଘବଦ୍ଧ ଭାବରେ ତାଙ୍କୁ ମାଡ଼ ମାରିଥିବା ନେଇ ମୃତ ଯୁବକଙ୍କ ବାପା ଭକ୍ତବନ୍ଧୁ ନାଏକ ଅଭିଯୋଗ କରିଥିଲେ। ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଥାନାଧିକାରୀ ମାନସ ମହାକୁଡ଼, ଏସଆଇ ଲକ୍ଷ୍ମଣ ମାଝୀ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ରୋଷେଇ ଗ୍ୟାସ୍‌ରୁ ଲାଗିଲା ନିଆଁ; ବର୍ତ୍ତିଗଲା ପେଟ୍ରୋଲ ପମ୍ପ

**ତୁରୁମୁଙ୍ଗା, ୩।୮ (ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ କଡ଼ ହାତୀବାରି ନିକଟରେ ଥିବା ଏଚପି ପେଟ୍ରୋଲ ପମ୍ପ ନିକଟରେ ରବିବାର ମଧ୍ୟାହ୍ନରେ ଟ୍ରକକୁ ଛିଡ଼ା କରି ରାସ୍ତାକଡ଼ରେ ଡ୍ରାଇଭର ରୋଷେଇ କରୁଥିବା ସମୟରେ ୫ କେଜିଆ ଗ୍ୟାସ ସିଲିଣ୍ଡରରେ ହଠାତ ନିଆଁ ଲାଗି ଯାଇଥିଲା। ଗ୍ୟାସ ସିଲିଣ୍ଡରରୁ ନିଆଁ ହୁତୁହୁତୁ ହୋଇ ଜଳୁଥିବା ଦେଖି ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ପେଟ୍ରୋଲ ପମ୍ପ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଏକ ବଡ଼ ଅଘଟଣରୁ ପେଟ୍ରୋଲ ପମ୍ପ ସହ ଟ୍ରକର ଡ୍ରାଇଭର ସହ ଅନ୍ୟମାନେ ବର୍ତ୍ତି ଯାଇଛନ୍ତି।

## ଶ୍ରୀଜଗନ୍ନାଥ ମନ୍ଦିରରେ ପାଟରା ସମାଜ ଦ୍ୱାରା ରାକ୍ଷୀ ସେବା



**ଯାଜପୁର, ୩।୮ (ସମିସ):** ଆଜି ଶ୍ରୀଜଗନ୍ନାଥ ମନ୍ଦିରରେ ରକ୍ଷାବନ୍ଧନ ଅବସରରେ ଏକ ବିଶେଷ ଧାର୍ମିକ ସେବା ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ପାଟରା ସେବକ ସଂଗଠନ ଓ ଚଇନପୁର ବିଦ୍ୟାଧର ପୁର ଖଇରାବାଦ କୁନିଦା ମଙ୍ଗଳପୁରର ପାଟରା ସମାଜ ମିଳିତ ଭାବରେ ଭାଗ ନେଇ ଶ୍ରୀଜଗନ୍ନାଥ ଓ ମହାପ୍ରଭୁ ବଳଭଦ୍ରଙ୍କୁ ରାକ୍ଷୀ ଓ ପାଟ ସେବା କରିଥିଲେ। ଏହି ଧାର୍ମିକ ପରମ୍ପରା ପୂର୍ବରୁ ପୁରୀ ଶ୍ରୀମନ୍ଦିରରେ ହେଉଥିବା ଏକ ନିୟମିତ ସେବା ଭାବରେ ଚାଲିଆସୁଛି। ଯେଉଁଥିରେ ପାଟରା ସମାଜର ସେବକମାନେ ଦେବ ସେବାରେ ନିଜକୁ ନିୟୋଜିତ କରୁଛନ୍ତି। ବର୍ତ୍ତମାନ ପାଟରା ସେବକ ସଂଗଠନ ଲକ୍ଷ୍ୟ ହେଉଛି ଯେ ଓଡ଼ିଶାର ଯେଉଁଠି ଶ୍ରୀଜଗନ୍ନାଥ ମନ୍ଦିର ଅଛି, ସେଠି ଥିବା ପ୍ରତ୍ୟେକ ପାଟରା ସମାଜ ପରିବାର ଏହି ସେବାକୁ ନିଜ ମନ୍ଦିରରେ କରିବେ। ଏହି ସେବା କାର୍ଯ୍ୟକ୍ରମ କେବଳ ଓଡ଼ିଶାରେ ସୀମିତ ନୁହେଁ, ଦେଶର ବିଭିନ୍ନ ସ୍ଥାନ ଯଥା ଦିଲ୍ଲୀ, ମୁମ୍ବାଇ, ନାଗପୁର, ହାଇଦ୍ରାବାଦ, ବାଙ୍ଗାଲୋର ଓ ଓଡ଼ିଶାର ବହୁ ସ୍ଥାନରେ ମଧ୍ୟ ପାଟରା ସେବକ ସଂଗଠନ ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ଅନୁଷ୍ଠାନ କରୁଛନ୍ତି। ଏହି ସେବାରେ ଆଜି ଯାଜପୁର ଟାଉନରେ ପାଟରା ସେବକ ସଂଘଠନର ମୁଖ୍ୟ ପ୍ରତିନିଧିମାନଙ୍କ ସହିତ ସ୍ଥାନୀୟ ବିପିନ ବିହାରୀ ସାହୁ, ମାନସ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ଦେବେନ୍ଦ୍ର ସାହୁ, ବ୍ରଜକିଶୋର ସାହୁ କାର୍ତ୍ତୀକ ସାହୁ, ଜିତେନ୍ଦ୍ର କୁମାର ସାହୁ, ମନୋରଞ୍ଜନ ସାହୁ, ଶ୍ୟାମସୁନ୍ଦର ସାହୁ ଦେବାଶିଷ ସାହୁ ପ୍ରଦିପ୍ତ ସାହୁ ପଙ୍କଜ ସାହୁ ନାରଣ ସୃଷ୍ଟି ଦେବେନ୍ଦ୍ର ପାତ୍ର ବାସୁ ପାତ୍ର କୃଷ୍ଣ ପାତ୍ର ଓ ୫୦ରୁ ଅଧିକ ଭକ୍ତ ଓ ସେବକ ନିଜକୁ ନିୟୋଜିତ କରିଥିଲେ। ପାରମ୍ପରିକ ରୀତି ଅନୁଯାୟୀ ରାକ୍ଷୀ ବନ୍ଧନ, ପୂଜା-ଅର୍ଚ୍ଚନା, ଭଜନ-କୀର୍ତ୍ତନ ଓ ମହାପ୍ରସାଦ ବଣ୍ଟନ ମାଧ୍ୟମରେ ଏହି ପବିତ୍ର ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ଭକ୍ତିମୟ ବାତାବରଣ ମଧ୍ୟରେ ପାଳନ କରାଗଲା।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

# କେନ୍ଦୁଝରକୁ ଆଦର୍ଶ ଜିଲ୍ଲା ଗଠନ ଲକ୍ଷ୍ୟ






**କେନ୍ଦୁଝର, ୩।୮ (ସମିସ):**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲ୍ଲା ଗସ୍ତ କରି ଦରବାର ହଲଠାରେ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡକ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତୀକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ରାଇସୁଆଁ ଏୟାରଷ୍ଟ୍ରିପ୍, କେନ୍ଦୁଝର ବାଇପାସ୍, ଆଇକନିକ୍ ବ୍ରିଜ୍, ରେଲୱେ ଷ୍ଟେସନ୍ ରାସ୍ତା, ନୁଦୁରପଡ଼ାରୁ କାଳିଆହତା ରାସ୍ତା, ପିଠାଗୋଳା ରାସ୍ତା (ହରିଚନ୍ଦନପୁରରୁ ତେଲକୋଇ), ଶୁଆକଟି ଦୁଗୁନା ବ୍ରିଜ୍, ମାଇନିଙ୍ଗ କରିଡର ଓ ଅନ୍ୟ ମୁଖ୍ୟ ରାସ୍ତା କାମର ସମୀକ୍ଷା କରିଥିଲେ।

ମନୋହରପୁରରୁ ପିଠାଗୋଳା ରାସ୍ତା, ଘଟଗାଁ-ହରିଚନ୍ଦନପୁର-ଦୈତାରି ରାସ୍ତା, ଢେଙ୍କିକୋଟରୁ ବାରହାଟିପୁରା ରାସ୍ତା, ଘଟଗାଁରୁ ଗୁଣ୍ଡିଚାଘାଗି ରାସ୍ତାର ଉନ୍ନତିକରଣ ପ୍ରକଳ୍ପଗୁଡିକର ସମୀକ୍ଷା କରିବା ସହ ରାମଚନ୍ଦ୍ରପୁରରୁ ଦେଓଗାଁ ବ୍ରିଜ ଶୀଘ୍ର ଶେଷ କରିବା ନୂଆ ରାସ୍ତା ଓ ବ୍ରିଜ୍ ଗୁଡ଼ିକର ନୂତନ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସର୍କିଟ ହାଉସ

- ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ସମୀକ୍ଷା
- ସମସ୍ତ ମୌଳିକ ସେବା ଉପରେ ଗୁରୁତ୍ୱାରୋପ

ଆନେକ୍ସ ବିଲଡିଂ କାମ ତ୍ୱରାନ୍ୱିତ କରିବା, ଡିପିଆର ପ୍ରସ୍ତୁତି, ଭୂମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବନବିଭାଗର ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଡ଼ବିଲ୍ ବାଇପାସ୍ ପ୍ରକଳ୍ପ ଏବଂ ଏନଏଚ ୪୯ ସମ୍ପ୍ରସାରଣ ଦ୍ୱାରା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା କାମର ତଥ୍ୟ ନେଇଥିଲେ।

ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦୁଝର ଜିଲ୍ଲା ଓଡ଼ିଶାରେ ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣ ଶକ୍ତିର ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା, ପାନୀୟଜଳର ଅସୁବିଧା ଉପରେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ପ୍ରସ୍ତାବିତ ବଡ଼ବିଲରୁ ଚଣ୍ଡିଖୋଲ ରାସ୍ତାର ସମ୍ପ୍ରସାରଣର ବିସ୍ତୃତ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟକୁ ଶୀଘ୍ର ଶେଷ କରିବା, ରିମୁଳିରୁ ପାଣିକୋଇଲି ରାସ୍ତା, ରୀମୁଳିରୁ ରାଜାମୁଣ୍ଡା ରାସ୍ତା ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଅନ୍ୟାନ୍ୟ ରାସ୍ତାର ମରାମତି ଅବା ଅନ୍ୟାନ୍ୟ ଅସୁବିଧା ଗୁଡ଼ିକୁ ଶୀଘ୍ର ସମାଧାନ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଷ୍ଟିଲ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତିକରଣ, ବଡ଼ବିଲ ବାଇପାସ୍, କାଶୀପୁର ଓ ପାୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ। ଶ୍ରୀ ମାଝୀ ସ୍ୱାସ୍ଥ୍ୟ ଓ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ କମ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବିଧାୟକ ବଦ୍ରିନାରାୟଣ ପାତ୍ର, ସନାତନ ମହାକୁଡ଼, ଅଖିଳଚନ୍ଦ୍ର ନାଏକ, ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ପୁଲିସ ଡିଆଇଜି ବ୍ରିଜେଶ ରାଏ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ରାମାସ୍ୱାମୀ, ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଏବଂ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବରେ ଇଣ୍ଡିଆନ୍ ବାଏ ବାର୍ଥ ସଂଗଠନ ଦ୍ୱାରା ପ୍ରାୟୋଜିତ ତିନୋଟି ଉନ୍ନତ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର ଉନ୍ମୋଚନ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଘଟଗାଁ ମା' ତାରିଣୀ ମନ୍ଦିର ପାଇଁ ଏକ ଉତ୍ସର୍ଗୀକୃତ ନଡ଼ିଆ ସଂଗ୍ରହ ଯାନର ଶୁଭାରମ୍ଭ କରିଥିଲେ। ଶ୍ରୀ ମାଝୀ ଅଭିନବ ଏକଲ ରଥ ମୋବାଇଲ୍ ଶିକ୍ଷା ୟୁନିଟର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପ୍ରତୀକ୍ଷା ଗୃହର ମଧ୍ୟ ଉଦଘାଟନ କରିଥିଲେ।

## ସଟର ତାଲା ଭାଙ୍ଗି ଚୋରି: ଜଣେ ଗିରଫ

**ତୁରୁମୁଙ୍ଗା, ୩।୮ (ସମିସ):** କେନ୍ଦୁଝର ଜିଲ୍ଲା କେନ୍ଦେଇପଶି ବଜାରରେ ଥିବା କବିତା ଜୁଏଲରି ଦୋକାନରୁ ସଟର ଚାବି ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶି କିଛି ଇମିଟେସନ୍ ସହ ୧୦୦ ଗ୍ରାମ ରୁପା ନେଇ ଯାଇଥିବା ଦୋକାନ ମାଲିକ ସାଧୁଚରଣ ପରିଡା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲା ଝାରଖଣ୍ଡ ଅଞ୍ଚଳର ଇନ୍ଦ୍ରଜିତ ଶବର (୨୨)। ତା'ଠାରୁ ସମସ୍ତ ପ୍ରକାର ଚୋରି ଅଲଙ୍କାର ପୁଲିସ ଜବତ କରିଛି। ଚମ୍ପୁଆ ଥାନାଞ୍ଚଳରେ ହୋଇଥିବା ସୁନା ଅଲଙ୍କାର ଚୋରି ଘଟଣାର ତଦନ୍ତ ସମୟରେ ଇନ୍ଦ୍ରଜିତ କେନ୍ଦେଇପଶିରୁ ଚୋରି କରିଥିବା ଜଣାପଡିଥିଲା। ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଓପିଏସ ସୌରଭ ରଞ୍ଜନ ପ୍ରଧାନ, ଏଏସଆଇ ସଲିମ ହୁସେନ ତଦନ୍ତ କରି ସମସ୍ତ ଚୋରି ଜିନିଷ ଉଦ୍ଧାର କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମଣିଷକୁ ଆକ୍ରାନ୍ତ କରୁଥିବା ରୋଗ ଭିତରୁ ଉଦାସୀନତା ସବୁଠାରୁ ଭୟଙ୍କର।
-ବି ଆର ଆମ୍ବେଦକର

## ଦକ୍ଷିଣ-ଏସିଆରେ କମ୍ପନ

ପାକିସ୍ତାନର ତୈଳ ଖଣିଗୁଡ଼ିକର ବିକାଶ ପାଇଁ ଆମେରିକା ସହାୟତା କରିବ ଏବଂ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ପାକିସ୍ତାନ ସହିତ ରାଜିନାମା ସ୍ୱାକ୍ଷର ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଦକ୍ଷିଣ-ଏସିଆ ଭୂରାଜନୀତିରେ ନୂଆ ସମୀକରଣର ଆଭାସ ମିଳୁଛି। ବିଶେଷକରି ଟ୍ରମ୍ପଙ୍କ ଉପରୋକ୍ତ ଘୋଷଣା ପରେ ଚୀନ୍ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଯଦି ଏ ସମ୍ପର୍କିତ ଚୁକ୍ତି ସ୍ୱାକ୍ଷରିତ ହୁଏ ତେବେ ସ୍ୱାଭାବିକ ଭାବେ ଭାରତ-ପାକିସ୍ତାନ-ଚୀନ-ବାଂଲାଦେଶ-ଆଫ୍‌ଗାନିସ୍ତାନର ଭୂରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିବ ଏବଂ ଅନେକ ଆକଳନକୁ ଓଲଟପାଲଟ କରିଦେବ।

ବିଶେଷଜ୍ଞଙ୍କ ମତାନୁଯାୟୀ ତୈଳ ଖଣିର ବିକାଶ ଏକ ସ୍ୱଳ୍ପମିଆଦୀ କାର୍ଯ୍ୟକ୍ରମ ନୁହେଁ। ଏଥିପାଇଁ ବିପୁଳ ପାଣ୍ଠି ବିନିଯୋଗ ସହିତ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ, ଯାହା ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ଆଦୌ ସମ୍ଭବ ନୁହେଁ। ଟ୍ରମ୍ପ ଯେ ଏକଥା ଜାଣି ନଥିବେ ତା' ମଧ୍ୟ ନୁହେଁ। ତେଣୁ କୂଟନୀତିଜ୍ଞଙ୍କ ମତରେ ଟ୍ରମ୍ପଙ୍କ ପାକିସ୍ତାନର ତୈଳ କୂପ ବିକାଶ ଘୋଷଣା କେବଳ ଭାରତକୁ ଛିଗୁଲାଇବା ପାଇଁ ଉଦ୍ଦିଷ୍ଟ ଏବଂ ରୁଷ୍ ସହିତ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବାକୁ ଏକ ଚେତାବନୀ। ବାଚାଳାମି ପାଇଁ ଚର୍ଚ୍ଚିତ ଟ୍ରମ୍ପ ହୁଏତ ଆଗାମୀ ଦିନରେ ଏଥିରୁ ଓହରି ଆସିବା ମଧ୍ୟ ବିଚିତ୍ର ନୁହେଁ। ତଥାପି ଚୀନ୍ ଏଥିରେ ଏତେ ପ୍ରତିକ୍ରିୟାଶୀଳ ହେବା ପଛରେ ଅନେକ କାରଣ ରହିଛି।

ସମ୍ପ୍ରତି ବିଶ୍ୱ କୂଟନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ପରିବର୍ତ୍ତିତ ସମୟ ଓ ଆବଶ୍ୟକତା ଅନୁଯାୟୀ ଦ୍ୱିପାକ୍ଷିକ ସମ୍ପର୍କର ପରିଭାଷା ଓ ସ୍ୱଭାବ ବଦଳିବାରେ ଲାଗିଛି। ପୁରୁଣା ମେଣ୍ଟ ଦୁର୍ବଳ ହେଉଛି ଏବଂ ନୂଆ ନୂଆ ମେଣ୍ଟ ଜନ୍ମ ନେଉଛି। ଏପରିକି ସ୍ୱାର୍ଥ ଓ ଆବଶ୍ୟକତା ଆଧାରରେ ମେଣ୍ଟ ଭିତରେ ମଧ୍ୟ ଆଉ ଏକ ଉପମେଣ୍ଟ ଜନ୍ମ ନେଉଛି। ଏହି ପୃଷ୍ଠଭୂମିରେ ସବୁଠାରୁ ସ୍ୱାର୍ଥପର ରାଷ୍ଟ୍ର ଆମେରିକା ଏବେ ଦକ୍ଷିଣ ଏସିଆରେ ନିଜର ପାଦ ଅଧିକ ଦୃଢ଼ କରିବା ଉଦ୍ୟମ ଆରମ୍ଭ କରିସାରିଥିବାରୁ ତୈଳ କୂପ ବିକାଶ ଆଳରେ ପାକିସ୍ତାନକୁ ଦକ୍ଷିଣ ଏସିଆର ପ୍ରବେଶ ଦ୍ୱାର କରିବାରେ କିଛି ଅସ୍ୱାଭାବିକତା ନାହିଁ। ପାକିସ୍ତାନରେ ଆମେରିକା ଆଣବିକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା କିଛିଦିନ ତଳେ ଚୀନ୍‌ର ଏକ ଉପଗ୍ରହ ଚିତ୍ରକୁ ଆଧାର କରି ଦାବି କରାଯାଇଥିଲା। ତେଣୁ ସେଠାରେ ତୈଳ କୂପ ବିକାଶ ଆମେରିକା ପାଇଁ ଏକ ଅଲୋଡ଼ା ନିବେଶ କିମ୍ବା ପ୍ରକଳ୍ପ ହେବ ନାହିଁ।

ଗତବର୍ଷକ ଭିତରେ ଦକ୍ଷିଣ ଏସିଆରେ ଆମେରିକାର ଗତିବିଧି ଚଳଚଞ୍ଚଳ ହୋଇଛି। ବାଂଲାଦେଶର ଭାରତ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରିବାରେ ଆମେରିକାର ପରୋକ୍ଷ ଓ ପ୍ରଚ୍ଛନ୍ନ ଭୂମିକା ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ପରବର୍ତ୍ତୀ ସମୟରେ ଏହି ଅଭିଯୋଗ କେତେକାଂଶରେ ପ୍ରମାଣିତ ମଧ୍ୟ ହୋଇଥିଲା। ହସିନାଙ୍କୁ ଗାଦିଚ୍ୟୁତ କରି ବାଂଲାଦେଶରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଶାନ୍ତି ବ୍ୟାହତ କରି ଆମେରିକା ପାକିସ୍ତାନକୁ ବନ୍ଧୁତା ଓ ସହଯୋଗର ପରୋକ୍ଷ ବାର୍ତ୍ତା ଦେଇଥିଲା। ବାଂଲାଦେଶ ଅଶାନ୍ତ ହେଲେ ତା'ର ସୁଯୋଗ ନେଇ ଆମେରିକା ସେଠାରେ ସାମରିକ ଘାଟି ପ୍ରତିଷ୍ଠା କରି ଭବିଷ୍ୟତରେ ଚୀନ୍ ବିରୋଧରେ ବ୍ୟବହାର କରିପାରିବ। ଏହାବଦଳରେ ବାଂଲାଦେଶକୁ ଶୁଳ୍କ ରିହାତି, ଆର୍ଥିକ ସହାୟତା ଆଦି ଜରିଆରେ ବଶମ୍ବଦ କରି ରଖିବ ବୋଲି ଆମେରିକା ଯେଉଁ ଯୋଜନା କରିଥିଲା ତାହାକୁ ଚୀନ୍ ଭଣ୍ଡୁର କରିଦେଲା। ବାଂଲାଦେଶର କାମଚଳା ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଆମେରିକା ବଦଳରେ ଚୀନ୍ ଆଡ଼କୁ ଅଧିକ ଢଳିବା ପରେ ଏବେ ଆମେରିକା ପାକିସ୍ତାନ ମୁହାଁ ହୋଇଛି।

ଏହାଛଡ଼ା ପାକିସ୍ତାନରେ ତୈଳ କୂପ ବିକାଶ ଯୋଜନା ପଛରେ ଆମେରିକାର ଆଉ ଏକ ଲକ୍ଷ୍ୟ ଅଛି। ପାକିସ୍ତାନର ସବୁଠାରୁ ଅଧିକ ତୈଳ ଓ ଧାତବ ଖଣିଜ ସମ୍ପଦ ରହିଛି ବେଲୁଚିସ୍ତାନରେ। ଏହି ଅଞ୍ଚଳ ପାକିସ୍ତାନ-ଆଫ୍‌ଗାନିସ୍ତାନ-ଇରାନ୍ ସୀମା ନିର୍ଦ୍ଧାରଣ କରୁଛି। ତେଣୁ ଖଣିଜ ସମୃଦ୍ଧ ଅଥଚ ଶିଳ୍ପ ଶୂନ୍ୟ ବାଲୋଚିସ୍ତାନରେ ଆମେରିକା ତୈଳ ପ୍ରକଳ୍ପ ପ୍ରତିଷ୍ଠା କରି ତା'ର ସୁରକ୍ଷା ଆଳରେ ସୈନ୍ୟବାହିନୀ ମୁତୟନ ଏବଂ ପରବର୍ତ୍ତୀ ସମୟରେ ଘାଟି ପ୍ରତିଷ୍ଠା କରିବ, ଯାହାଦ୍ୱାରା ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ଆଫ୍‌ଗାନିସ୍ତାନର ତାଲିବାନୀ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିପାରିବ। ସର୍ବୋପରି ଆମେରିକାର ଦକ୍ଷିଣ ଏସିଆ ଆଗ୍ରହ ପଛରେ ମୁଖ୍ୟ ରହିଛି ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା। ଏହି ଲକ୍ଷ୍ୟ ହାସଲରେ ଆମେରିକା ପାଇଁ ଭାରତ ତୁଳନାରେ ପାକିସ୍ତାନ ଅଧିକ ସହାୟକ ହେବ। ଏଥିପାଇଁ ସୁଯୋଗ ଖୋଜୁଥିବା ଆମେରିକାକୁ 'ଅପରେସନ୍ ସିନ୍ଦୂର' ଅଧିକାଂଶରେ ଅନୁକୂଳ ହୋଇଛି, ଯାହାର ଭରପୂର ଫାଇଦା ଉଠାଇବାରେ ଟ୍ରମ୍ପ କୌଣସି ଅବହେଳା କରିନାହାନ୍ତି।

ଅପରପକ୍ଷରେ ପାକିସ୍ତାନରେ ଚୀନ୍ ପାକିସ୍ତାନ ଇକନୋମିକ୍ କରିଡର(ସିପିଇସି) ପ୍ରକଳ୍ପରେ ଚୀନ୍ ବିପୁଳ ପାଣ୍ଠି ବିନିଯୋଗ କରିସାରିଛି। ଚୀନ୍‌ର ବହୁ ଆକାଂକ୍ଷିତ ବେଲ୍ଟ ଆଣ୍ଡ ରୋଡ୍(ବିଆରଆଇ) ପ୍ରକଳ୍ପରେ ପାକିସ୍ତାନ ମୁଖ୍ୟ ଆଧାର। ଯଦି ସେଠାରେ ଆମେରିକା କମ୍ପାନୀ ନିୟୋଜିତ ହୁଅନ୍ତି ତେବେ ଚୀନ୍‌ର ଖଣିଜ ଉତ୍ତୋଳନ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଏହାଛଡ଼ା ବିରୋଧୀ ଓ ଆତଙ୍କୀ ଗୋଷ୍ଠୀ ସୃଷ୍ଟି କରିବାରେ ଆମେରିକା ଅଭ୍ୟସ୍ତ ଥିବାରୁ ଚୀନ୍ ପ୍ରକଳ୍ପକୁ ବିରୋଧ କରୁଥିବା ବାଲୋଚିସ୍ତାନ ସଶସ୍ତ୍ର ବିଦ୍ରୋହୀଙ୍କୁ ଆମେରିକା ଉସୁକାଇ ସିପିଇସି ଓ ବିଆରଆଇକୁ ଭଣ୍ଡୁର କରିବା ଅସମ୍ଭବ ନୁହେଁ। 'ଅପରେସନ୍ ସିନ୍ଦୂର'ରେ ଭାରତର ମୁକାବିଲା ପାଇଁ ଚୀନ୍‌ଠାରୁ ସାମରିକ ସହାୟତା ପାଇଥିବା ପାକିସ୍ତାନ ଚୀନ୍ ପ୍ରତି ବଶମ୍ବଦ ହେବା ବଦଳରେ ଏବେ ଆମେରିକା ମୁହାଁ ହୋଇଥିବାରୁ ସେହି ଇସ୍‌ଲାମ୍ ରାଷ୍ଟ୍ରର ଭୂମିକାକୁ ନେଇ ମଧ୍ୟ କମ୍ୟୁନିଷ୍ଟ ଚୀନ୍ ଏବେ ସନ୍ଦେହରେ ରହିଛି। ତେଣୁ ଟ୍ରମ୍ପଙ୍କ 'ପାକିସ୍ତାନ ତୈଳ କୂପ ବିକାଶ କୂଟନୀତି' ଭାରତ ତୁଳନାରେ ଚୀନ୍ ପାଇଁ ଅଧିକ ଅଡୁଆ ସୃଷ୍ଟି କରିଛି।

ଏହି ପୃଷ୍ଠଭୂମିରେ ଚୀନ୍‌ର ମତିଗତି ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଦକ୍ଷିଣ ଚୀନ୍ ସାଗରରେ ଅଧିକ ଉଗ୍ର ହୋଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଆମେରିକା-ଚୀନ୍‌ର ଅହଂ ଯୁଦ୍ଧରେ ଆଗକୁ ହୁଏତ ପାକିସ୍ତାନ ସମେତ ତାଇୱାନ୍, ବାଂଲାଦେଶ, ଭିଏତ୍‌ନାମ, ମାଲଦ୍ୱୀପ ପରି ରାଷ୍ଟ୍ର ମୋହରା ହୋଇପାରନ୍ତି। ତେଣୁ ଖୁବ୍‌ଶୀଘ୍ର ଦକ୍ଷିଣ-ଏସିଆର ଭୂରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

# ବାଲୁକା ସମ୍ବଳ: ଆଶା ଓ ନିରାଶା

ସନ୍ତୋଷ କୁମାର ଶତପଥୀ



ଜୀବନ ଜିଇଁବାର ଉପାୟ ଖୋଜୁ ଖୋଜୁ ମନୁଷ୍ୟ ଆଜି ଅନେକ ଉପାଦାନକୁ ବ୍ୟବହାର କରିବାର ଜ୍ଞାନ ଶିଖି ଆସିଛି। ଅପରପକ୍ଷେ ଏମିତି ଅନେକ ଉପାଦାନ ରହିଛି, ଯାହାର ବ୍ୟବହାରିକ ଜ୍ଞାନ ଆଜି ପର୍ଯ୍ୟନ୍ତ ମନୁଷ୍ୟ ପାଖରେ ନାହିଁ। ଯେଉଁ ସମ୍ବଳର ବ୍ୟବହାରିକ ଜ୍ଞାନ ମନୁଷ୍ୟ ପାଇଛି, ସେଗୁଡ଼ିକର ବହୁଳ ଓ ବହୁବିଧ ବ୍ୟବହାର କରିବାରେ ସେ ପଛଘୁଞ୍ଚା ଦେଇନାହିଁ। ଯଦ୍ୱାରା ଦିନେ ପ୍ରାଚୁର୍ଯ୍ୟ ରହିଥିବା ସମ୍ବଳ ଆଜି ହ୍ରାସ ହୋଇ ସଙ୍କଟର ଦ୍ୱାରଦେଶରେ ପହଞ୍ଚିଛି। ସୁତରାଂ ସମ୍ବଳ ପାଇବା ପାଇଁ ବର୍ତ୍ତମାନ ମନୁଷ୍ୟ ବା ଦେଶ, 'କର ବା ମର' ପଦ୍ଧତି ଆପଣେଇଛନ୍ତି।

ଆମକୁ ଏହା ଜାଣି ଆଶ୍ଚର୍ଯ୍ୟ ଲାଗିପାରେ ଯେ, ଜଳ ପରେ ବାଲି ହେଉଛି ମନୁଷ୍ୟର ଦ୍ୱିତୀୟ ସର୍ବବୃହତ ବ୍ୟବହାର୍ଯ୍ୟ ସମ୍ବଳ ତଥା ବିଶ୍ୱର ସବୁଠାରୁ ଅଧିକ ଉତ୍ତୋଳନ ହୋଇଥିବା କଠିନ ପଦାର୍ଥ। ବିଶେଷଜ୍ଞଙ୍କ ମତରେ, ବିଶ୍ୱର ସମଗ୍ର ବାଲୁକା ସମ୍ପଦକୁ ଯଦି ଏକାଠି କରାଯାଏ, ତା'ହେଲେ ଆମ ପୃଥିବୀ ଚାରିପଟେ ୮୮ ଫୁଟ ଉଚ୍ଚତା ଏବଂ ଓସାର ବିଶିଷ୍ଟ ଏକ ପ୍ରାଚୀର ନିର୍ମାଣ କରାଯାଇ ପାରିବ। ତଥାପି ଆଜି ଚାହିଦାଠାରୁ ଏହାର ଯୋଗାଣ ପରିମାଣ ଯଥେଷ୍ଟ ପଛରେ। ଚାହିଦା ମେଣ୍ଟାଇବା ପାଇଁ ଯେଉଁ ପରିମାଣରେ ବାଲିଖନନ ଓ ଉତ୍ତୋଳନ ହେଉଛି ପ୍ରାକୃତିକ ଭାବରେ ସେଇ ପରିମାଣରେ ଏହା ତିଆରି ହେବା କଷ୍ଟକର। ଅନେକ ସର୍ବେକ୍ଷଣରେ ଏହା ସ୍ପଷ୍ଟ କରାଯାଇଛି ଯେ ଅଧିକ ବାଲି ପାଇବା ପାଇଁ ଅନେକ ପରିସ୍ଥିତିରେ ହଜାର ହଜାର ହେକ୍ଟର ଚାଷ ଜମି ଓ ଜଙ୍ଗଲକୁ ସଫା କରିଦିଆଯାଇଛି। ବାଲିର ବର୍ଦ୍ଧିତ ଚାହିଦା କେତେକ ନଦୀଶଯ୍ୟାକୁ ଅନୁର୍ବର କରିଦେଇଛି। ଏପରିକି ବାଲିର ଦ୍ରୁତ ଓ ଅତ୍ୟଧିକ ଉତ୍ତୋଳନ ନଦୀର ପରିଚାଳନା ବ୍ୟବସ୍ଥାକୁ ବିପଦ ଆଡ଼କୁ ଠେଲି ଦେଇଥିବା ଚିତ୍ର ସାମ୍ନାକୁ ଆସୁଛି। ଏତଦବ୍ୟତୀତ ଏହାଦ୍ୱାରା ଜଳ ପ୍ରଦୂଷଣ, ଜଳ ସ୍ତର ହ୍ରାସ, ମରୁଡ଼ି ଏବଂ ସଙ୍କୁଚିତ ଜଳଭଣ୍ଡାର, ଦୂଷିତ ବାୟୁମଣ୍ଡଳ, ଅସନ୍ତୁଳିତ ଜୈବ ବିବିଧତା ଇତ୍ୟାଦି ପରିବେଶଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ବାଲୁକା ସମ୍ପଦର ଅପରିହାର୍ଯ୍ୟ ଆବଶ୍ୟକତା ଅନ୍ତର୍ଜାତୀୟ କ୍ଷେତ୍ରରେ ଏବଂ ଅନ୍ତର୍ଦେଶୀୟ ଦ୍ୱନ୍ଦ୍ୱର ଏକ କାରଣ ବୋଲି ଜାଣି ଆଶ୍ଚର୍ଯ୍ୟ ଲାଗେ। କେତେକ ତଥ୍ୟରୁ ଆକଳନ କରାଯାଇଅଛି ଯେ କେବଳ ଚୀନ ଏକାକୀ ବିଶ୍ୱର ପ୍ରାୟ ଅଧା ବାଲି ବ୍ୟବହାର କରେ। ଏହି କାରଣରୁ ଏହା ଦକ୍ଷିଣ ପୂର୍ବଏସିଆର ଅନେକ ଛୋଟ ଛୋଟ ଦ୍ୱୀପ ଖନନ କରିଚାଲିଥିବାର କେତେକ ପ୍ରମାଣ ମିଳିଛି। ଏହାର ବିସ୍ତାରବାଦୀ ନୀତି ମଧ୍ୟରେ ବାଲୁକା ଭଳି ପ୍ରାକୃତିକ ସମ୍ପଦର ଲୋଭ ବି ରହିଥିବାର ଜଣାଯାଏ। ଦେଶ ପ୍ରଭାବଶାଳୀ ହେଉ ଅବା ନ ହେଉ, ସାଗର ଓ ମହାସାଗର ଭିତରେ ରହିଥିବା ଛୋଟ ଛୋଟ ଦ୍ୱୀପ ବା ଭୂମିରୂପର ସମ୍ପୂର୍ଣ୍ଣ ଖନନ ଅନ୍ତର୍ଜାତୀୟ ସୀମା ପରିବର୍ତ୍ତନ ଏବଂ କିଛି ଭୂରୂପର ନିଶ୍ଚିହ୍ନ ଭଳି ଗୁରୁତର କାରଣ ହେଇପାରେ ବୋଲି କିଛି ବିଶେଷଜ୍ଞ ଆଶଙ୍କା କରୁଛନ୍ତି। ପରିବେଶବିତମାନେ ସମୟର ବହୁ ଆଗରୁ ସତର୍କଘଣ୍ଟି ଦେଇସାରିଲେଣି ଯେ, ଆଜି ବିଶ୍ୱ 'ବାଲିସଙ୍କଟ' ଆଡ଼କୁ ଗତି କରୁଛି। ଏହା ସ୍ପଷ୍ଟ ଯେ, ପ୍ରକୃତିର ଏକ ମାଗଣା ଉପହାର ଭାବେ ସମ୍ବଳ ପ୍ରତି ଆମର ପାରମ୍ପରିକ ଆଭିମୁଖ୍ୟ ଆମକୁ ଆଉ ସାହାଯ୍ୟ କରିବ ନାହିଁ। ତେଣୁ ଉତ୍ତୋଳନ, ଉପଭୋଗ ଓ ସଂରକ୍ଷଣ ପାଇଁ ଏହାର ପରିଚାଳନା ନିତାନ୍ତ ଜରୁରୀ। ବିଶ୍ୱର ଅଧିକାଂଶ ଦେଶରେ ଏକ ସୁଦୃଢ଼ ବାଲି ପରିଚାଳନା ନୀତି ପାଇବା କଷ୍ଟକର।

ବିଳମ୍ବରେ ହେଲେ ମଧ୍ୟ ୨୦୧୬ ମସିହାରେ ଭାରତ ଏହାର 'ସ୍ଥାୟୀ ବାଲି ଖନନ ପରିଚାଳନା ନିର୍ଦ୍ଦେଶାବଳୀ' ଜାରି କରିଥିଲା, ଯେଉଁଥିରେ ବାଲି ସଙ୍କଟର ମୁକାବିଲା ପାଇଁ ଏକ ଅନ୍ତର୍ବିଭାଗୀୟ ତଥା ସମନ୍ୱିତ ବିଭାଗୀୟ ପରିଚାଳନା କମିଟିର ସୁପାରିସ ରହିଛି। ଏହି ଯୋଜନାର ଲକ୍ଷ୍ୟ ଯେ, ଭାରତର ପ୍ରତ୍ୟେକ ଜିଲ୍ଲାକୁ ଏକ ୟୁନିଟ୍ ଭାବରେ ବିବେଚନା କରାଯାଇ ସଠିକ ଓ ବୈଜ୍ଞାନିକ ପଦ୍ଧତିରେ ତଥା ନଦୀପଠାର ଯତ୍ନ ନେଇ ବାଲି ଉତ୍ତୋଳନ କରିବାକୁ ଗୁରୁତ୍ୱ ଦିଆଯିବ। ରିମୋଟ୍ ସେନ୍ସିଂ ଖଣି, ପୂର୍ତ୍ତ, ଭୂତତ୍ତ୍ୱ, ଜଙ୍ଗଲ, ଜଳସେଚନ ବିଭାଗ ଏବଂ ଭୂତଳ ଜଳ ବୋର୍ଡ ସମେତ ଆନୁସଙ୍ଗିକ ବିଭାଗ/ଅନୁଷ୍ଠାନ/ସଂସ୍ଥାଗୁଡ଼ିକର ସହଯୋଗରେ ଗଠିତ କମିଟି ଏହି ଯୋଜନାରେ ପରିକଳ୍ପିତ ଉତ୍ତୋଳନ ସ୍ଥଳଗୁଡ଼ିକୁ ଜିଲ୍ଲା ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (ଡିଇଆଇଏଏ) କୁ ଚିହ୍ନାଇବା, ମାନଚିତ୍ର ପ୍ରସ୍ତୁତ କରିବା, ସୁରକ୍ଷା ଦେବା ଏବଂ ଏହାର ସ୍ଥିରତା ସୁନିଶ୍ଚିତ କରିବା ଲାଗି ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ତଦନୁଯାୟୀ ଆମ ରାଜ୍ୟରେ ବି ଏକ ନୂଆ ଏସଓପି ପ୍ରକାଶ ପାଇଥିବା ସ୍ୱାଗତଯୋଗ୍ୟ। ଇସ୍ପାତ ଓ ଖଣି ବିଭାଗର ଲଘୁ ଖଣିଜ ନିର୍ଦ୍ଦେଶାଳୟ ବାଲି ଖନନ କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବା ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ କମିଟି ଏବଂ ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ କମିଟିଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଏକ ସୁଚିନ୍ତନ ଓ ବିକେନ୍ଦ୍ରୀକରଣ ପଦକ୍ଷେପ। ଏହି କମିଟିଗୁଡ଼ିକ ସ୍ୱଚ୍ଛତା ଏବଂ ସୁରକ୍ଷା ବୃଦ୍ଧି ପାଇଁ ସିସିଟିଭି ନିରୀକ୍ଷଣ ଭଳି ଉନ୍ନତ ପ୍ରଯୁକ୍ତିର ଉପଯୋଗ କରିବା, ୨୦୧୬ ଓଏମଏମସି ନିୟମାନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଏବଂ ଅନ୍ୟ ଅଧିକାରୀଙ୍କ ସହଯୋଗରେ ପାଞ୍ଚ ବର୍ଷ ପାଇଁ ଖଣିଜ କାର୍ଯ୍ୟକଳାପର ତଦାରଖ କରିବା, ଅନ୍-ସାଇଟ୍ ଗାର୍ଡ ଏବଂ ରେକର୍ଡ ରଖିବା ଭଳି ସୁରକ୍ଷା ବ୍ୟବସ୍ଥା ଆଶାନୁରୂପ ଫଳପ୍ରଦ ହୋଇପାରେ ବୋଲି ବିଶ୍ୱାସ କରାଯାଇପାରେ। କିନ୍ତୁ ପ୍ରଶ୍ନ ଉଠେ, ସରକାରଙ୍କ ବ୍ୟବସ୍ଥିତ ନିୟମାବଳୀ ସତ୍ତ୍ୱେ କାହିଁକି ଖବରକାଗଜର ଅପରାଧ ପୃଷ୍ଠାରେ ଦୈନିକ ବାଲୁକା ସମ୍ପଦକୁ ନେଇ ରକ୍ତପାତ, ସଂଘର୍ଷ, ମୃତାହତ ଇତ୍ୟାଦିର ଖବର ପ୍ରାୟତଃ ପ୍ରକାଶ ପାଉଛି?

ଜୀବିକାର ଦ୍ୱାହି ଦେଇ ବାଲି-ସମ୍ବଳ ଅନେକ ବ୍ୟବସାୟୀଙ୍କ ଜୀବନର ମାନ ଉନ୍ନତି କରିଥାଏ ସତ; କିନ୍ତୁ କେତେକ କ୍ଷେତ୍ରରେ ଏହା ବହୁ ଜୀବନକୁ ନଷ୍ଟ ବି କରି ଦେଇଥାଏ। ବାଲି ବ୍ୟବସାୟୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ ସାମୟିକ ଭାବେ ହିଂସାତ୍ମକ ରୂପ ନେଇଥାଏ, ଯଦ୍ୱାରା କିଛି ପରିବାର କ୍ଷତିଗ୍ରସ୍ତ ହୋଇଥା'ନ୍ତି। ବାଲି ମାଫିଆଙ୍କ ଆକ୍ରୋଶର ଶିକାରରୁ ଅନେକ ସରକାରୀ କର୍ମଚାରୀ, ସାଧୁବ୍ୟକ୍ତି ଓ ସାମ୍ବାଦିକ ବି ବର୍ତ୍ତିନାହାନ୍ତି। କିଛି ସ୍ଥଳେ ସଚ୍ଚୋଟ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଏବଂ ମାଫିଆଙ୍କ କଳାକାରନାମାକୁ ଲୋକଲୋଚନକୁ ଆଣିବା ପ୍ରୟାସ ପାଇଁ ସେମାନଙ୍କ ଜୀବନକୁ ବାଜି ଲଗେଇବାକୁ ପଡ଼ିଥାଏ। ଯଦି ଏପରି ହିଂସାତ୍ମକ ଉପାୟ ଅବଲମ୍ବନକୁ ନ ରୋକାଯାଏ, ତା' ହେଲେ ଆଇନ ଓ ନିୟମ ଉପରେ ଜନମାନସଙ୍କ ଆସ୍ଥା ତୁଟିଯିବ। କିଛି ଦୃଷ୍ଟାନ୍ତମୂଳକ ଘଟଣା ଏମିତି ବି ରହିଛି ଯେ ଆମ ରାଜ୍ୟର ଏହି ସମ୍ପଦକୁ ଆମ ରାଜ୍ୟବାସୀ ପାଇବାରୁ ବଞ୍ଚିତ। ଯେହେତୁ ରାଜ୍ୟଦ୍ରୋହୀ ଅସାଧୁ ଓ ଅହିତ ବ୍ୟବସାୟୀଙ୍କ ସମ୍ପୃକ୍ତି ଏହାକୁ ପଡ଼ୋଶୀ ରାଜ୍ୟମାନଙ୍କୁ ଚୋରାଚାଲାଣ କରି ଆମରାଜ୍ୟର ପ୍ରଭୂତ ରାଜସ୍ୱ ହାନି କରି ନିର୍ଭୟରେ ବିଚରଣ କରିବାରେ ସଫଳ ହେଉଛନ୍ତି।

ଏପରି ଅନୈତିକ ଓ ବେପରୁଆଙ୍କୁ ଠିକଣା ବାଟକୁ ଅଣାଯିବା କଷ୍ଟକର ହୋଇଥିଲେ ବି କଠୋର କାର୍ଯ୍ୟପନ୍ଥା ଜରିଆରେ ନିୟନ୍ତ୍ରଣାଧୀନ କରିବା ଅସମ୍ଭବ ନୁହେଁ। ଏହା ସମସ୍ତେ ଜାଣନ୍ତି ଯେ ଜୀବନ ପାଇଁ ଜୀବିକା ରହିଥାଏ, ଜୀବିକା ପାଇଁ ଜୀବନ ନୁହେଁ। ସମ୍ବଳର ମୂଲ୍ୟ ଯେତେ ଅଧିକ ହେଉ ପଛେ ମାନବ ସମ୍ବଳଠାରୁ ଅଧିକ ନୁହେଁ। ତେଣୁ ନ୍ୟାୟିକ, ପ୍ରଶାସନିକ ଓ ବ୍ୟବସ୍ଥାଭିତ୍ତିକ ପଦକ୍ଷେପମାନ ଗ୍ରହଣ କରି; ଏକ ସୁପରିଚାଳନା ଏବଂ ଆଦର୍ଶଗତନୀତି ଆପଣେଇ ପରିବେଶ ସନ୍ତୁଳନ ପାଇଁ ବାଲୁକା ସମ୍ବଳର ଉଚିତ ବ୍ୟବହାର ଏବଂ ଏହାର ଦୁରୁପଯୋଗ ରୋକିବା ପାଇଁ ଏକ ସଚେତନାତ୍ମକ ଆନ୍ଦୋଳନ ଆବଶ୍ୟକ।

ପାରଳାଖେମୁଣ୍ଡି, ମୋ: ୯୦୯୦୭୭୯୭୮୯

# ପ୍ରତିଯୋଗିତାମୂଳକ ପରୀକ୍ଷାରେ ତ୍ରୁଟି ଓ ଏହାର ପ୍ରଭାବ

ଶୁଭ୍ରଜିତ୍ ସାହୁ



ଓଡ଼ିଶାରେ ଯୁବବର୍ଗ ବ୍ୟାପକ ରୂପେ ସରକାରୀ ପରୀକ୍ଷା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଶାର ବେଶି ଭାଗ ଲୋକ ନିମ୍ନ-ମଧ୍ୟବିତ୍ତ ଓ ଗ୍ରାମୀଣ ପରିବାରରୁ ଆସିଛନ୍ତି। ସମସ୍ତେ ନିଜ ଜୀବନର ସୁରକ୍ଷା ଓ ସ୍ଥିରତା ଏବଂ ଆର୍ଥିକ ସଙ୍କଟକୁ ଦୃଷ୍ଟିରେ ରଖି ସରକାରୀ ଚାକିରିକୁ ସର୍ବୋତ୍ତମ ବିକଳ୍ପ ଭାବେ ଗ୍ରହଣ କରି ନେଉଛନ୍ତି। ସରକାରୀ ଚାକିରିରେ ନିୟମିତ ବେତନ, ପେନସନ, ମହଙ୍ଗା ଭତ୍ତା ଓ ଅନେକ ସୁବିଧା ମିଳେ, ଯାହା ପରିବାର ପାଇଁ ସୁଖ ଓ ଶାନ୍ତି ଜୀବନର କାରକ ହୋଇଯାଏ। ଅନ୍ୟପକ୍ଷରେ କିଛି ଦେଶପ୍ରେମୀ ଓ ସମାଜପ୍ରେମୀ ଯୁବକଯୁବତୀ ସମାଜ ଓ ଦେଶ ସେବା ପାଇଁ ସରକାରୀ ଚାକିରିକୁ ଚୟନ କରନ୍ତି। ମାତ୍ର ଦୁର୍ନୀତି କହିଲେ ସରକାରୀ ଚାକିରିର ଅନ୍ୟନାମ ବୋଲି ଅପବାଦ ଆସେ। ପ୍ରତିଦିନ ଖବରକାଗଜରେ ଦୁର୍ନୀତି ସମ୍ପର୍କିତ ଖବର ସହିତ ସରକାରୀ ଚାକିରିଆଙ୍କ ସମ୍ପର୍କ ଦେଖିବାକୁ ମିଳୁଥିବାରୁ ଏଭଳି ଅପବାଦ ଆସିବା ସ୍ୱାଭାବିକ।

ଶହ ଶହ ଯୁବବର୍ଗ ଆଖିରେ ଆଖିଏ ସ୍ୱପ୍ନ ଏବଂ ଆଶା ନେଇ ଦିନ ଦିନ ମାସ ମାସ ପରିଶ୍ରମ କରି ଚଳନ୍ତି ଏହି ଆଶା ରଖି କି ସଂଶୋଧିତ ହୋଇଯିବ ସରକାରୀ ବ୍ୟବସ୍ଥା, ସରକାରୀ ତ୍ରୁଟି। ମାତ୍ର ସରକାରଙ୍କ ପଦକ୍ଷେପ କେତେଦୂର କାର୍ଯ୍ୟ କରୁଛି ତାହା ପ୍ରଶ୍ନବାଚୀ। ନିଜ ପ୍ରାପ୍ୟ ପାଇବାକୁ ଖରାବର୍ଷାରେ ରାଜଧାନୀରେ ଯୁବ ସମାଜ କେତେ ବା ବିରୋଧ କରିବେ? ଏହି ଦୁର୍ନୀତି କେବଳ ଯୁବ ସମାଜର ସ୍ୱପ୍ନ ଭାଙ୍ଗୁଛି ତାହା ନୁହେଁ; ସମାଜ ଓ ଦେଶ ବିକାଶ ପାଇଁ ବଡ଼ ବାଧା ସୃଷ୍ଟି କରୁଛି।

ସରକାରୀ ଚାକିରି ଚୟନ ପ୍ରକ୍ରିୟା ମେରିଟ୍ ଉପରେ ଆଧାରିତ ହେବା ଦରକାର। ତଥାପି ବର୍ତ୍ତମାନ ସମୟରେ ଅଫଲାଇନ୍ ତଥାକଥିତ ଲିଖିତ ଅବା କାଗଜ କଲମ ବ୍ୟବହୃତ ପରୀକ୍ଷା ଆଉ ସୁରକ୍ଷିତ ନାହିଁ। ଅଫଲାଇନ୍ ପରୀକ୍ଷାରେ ଦୁର୍ନୀତିର ଅନେକ ରୂପ ରହିଛି। ଯେପରି, ଅନେକ ପରୀକ୍ଷାର ପ୍ରଶ୍ନପତ୍ର ପୂର୍ବରୁ ଚୋରି ହୋଇ ସାମାଜିକ ଗଣମାଧ୍ୟମମାନଙ୍କରେ ପ୍ରଘଟ ହୋଇଯାଏ। ପରୀକ୍ଷାରେ ଅସଲ ପରୀକ୍ଷାର୍ଥୀ ନ ଯାଇ ତାଙ୍କ ସ୍ଥାନରେ ଅନ୍ୟମାନେ ପରୀକ୍ଷା ଦେଉଥିବା ଦୃଷ୍ଟିକୁ ଆସେ। କେତେକ କେନ୍ଦ୍ରରେ ଅଧିକାରୀ ଓ ଶିକ୍ଷକମାନେ ନିଜେ ନକଲକୁ ସହଯୋଗ କରୁଥିବାର ଅଭିଯୋଗ ମଧ୍ୟ ଆସେ। ଏହି ବ୍ୟବସ୍ଥାରେ ବଳି ପଡୁଛନ୍ତି କିଛି ପରିଶ୍ରମୀ ଓ ଯୋଗ୍ୟ ଯୁବବର୍ଗ।

ସରକାର ଏବେ ପରୀକ୍ଷାକୁ ଦୁର୍ନୀତିମୁକ୍ତ କରିବାକୁ କମ୍ପ୍ୟୁଟରୀକରଣ ବା ଅନ୍‌ଲାଇନ୍‌ର ବିକଳ୍ପ ବାଛିଛନ୍ତି। ଅନେକ ସୁବିଧା ଓ ସରଳ ମଧ୍ୟ ହେଲା ଏ ଧରଣର ପରୀକ୍ଷା। ଘରେ ବସି ମୋବାଇଲ୍, କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍ ଦ୍ୱାରା ସୁବିଧାରେ ପରୀକ୍ଷା ଦେଇହେଉଛି। ସମୟ ଓ ଖର୍ଚ୍ଚ ବଞ୍ଚି ପାରୁଛି। ପରୀକ୍ଷା ଓ ଫଳ ପ୍ରକାଶନ ପ୍ରକ୍ରିୟା ଦ୍ରୁତ ଓ ସଠିକ୍ ହେଉଛି। ଏପରିକି ଅନଲାଇନ୍ ପ୍ଲାଟଫର୍ମ ଦ୍ୱାରା ଏକାଧିକ ପରୀକ୍ଷା ଏକ ସମୟରେ କରାଯାଇପାରିଥାଏ, ଯାହା ମାନବ ସଂସାଧନ ଓ ସମୟ ବଞ୍ଚାଏ। ଅନଲାଇନ୍ ପରୀକ୍ଷା ହେଉଛି ଏକ ଆଧୁନିକ ଓ ଗତିଶୀଳ ବ୍ୟବସ୍ଥା, ଯାହା ଯୁବମାନଙ୍କୁ ସହଜରେ ଏବଂ ଅନ୍ୟ ସହିତ ପ୍ରତିଯୋଗିତା କରିବାରେ ସକ୍ଷମ କରେ।

ମାତ୍ର ଏବେ ଅନଲାଇନ୍ ପରୀକ୍ଷାରେ ସାଇବର ଅପରାଧର ଆଶଙ୍କା ବଢ଼ିବାରେ ଲାଗିଛି। ହ୍ୟାକିଂ ଓ ଚିଟିଂ ସଫ୍ଟୱେୟାର ପାଇଁ କେତେକ ଅନଲାଇନ୍ ପ୍ଲାଟଫର୍ମ ସୁରକ୍ଷିତ ନ ଥିବା ଫଳରେ ହ୍ୟାକିଂ ଦ୍ୱାରା ପ୍ରଶ୍ନ ଓ ଉତ୍ତର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଯାଉଛି। ଅନ୍ୟ ବ୍ୟକ୍ତି ଏକ ଅଭ୍ୟାର୍ଥୀଙ୍କଠାରୁ ଲଗ୍ ଇନ୍ ହୋଇ ପରୀକ୍ଷା ଦେଇପାରୁଛନ୍ତି।

ଏହି ସମସ୍ୟାର ନିରାକରଣ ପାଇଁ ଅଫଲାଇନ୍ ମୋଡ୍, କିମ୍ବା ସିସିଟିଭି କିମ୍ବା ବାୟୋମେଟ୍ରିକ୍ ପ୍ରମାଣନ ବାଧ୍ୟତାମୂଳକ ହେବା ଦରକାର। ପ୍ରଶ୍ନପତ୍ର ସ୍ୱଚ୍ଛ ବଣ୍ଟନ, ଗୁପ୍ତ ଭଣ୍ଡାରଣ ଓ ନିୟମିତ ଯାଞ୍ଚ ମଧ୍ୟ ଆବଶ୍ୟକ। ଦୁର୍ନୀତିଖୋରଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ସରକାରୀ ପୋର୍ଟାଲ୍‌ଗୁଡ଼ିକ ଆଧୁନିକରୁ ଆଧୁନିକ ସୁରକ୍ଷା ବଳୟରେ ରହିବା ଦରକାର।

ଦୁର୍ନୀତି ଏବେ ଏକ ଗଭୀର ସମସ୍ୟା ହୋଇ ଦେଖାଦେଇଛି। ଯୁବମାନଙ୍କର ସ୍ୱପ୍ନ ଓ ଦେଶର ଭବିଷ୍ୟତକୁ ନେଇ ଖେଳ ହେଉଛି। ଏହି ସମସ୍ୟାର ସଠିକ୍ ସମାଧାନ ପାଇଁ ସରକାର, ପରୀକ୍ଷା ପରିଷଦ ଓ ସାଧାରଣ ଲୋକଙ୍କ ସଚେତନତା ଜରିଆରେ ଅନୁଶାସନ ଓ କଠୋର ନୀତି ନିର୍ଦ୍ଧାରଣ ଅତ୍ୟାବଶ୍ୟକ। ତେବେ ଅନଲାଇନ ପରୀକ୍ଷଣ ତଥା କମ୍ପ୍ୟୁଟର ଦ୍ୱାରା ପରୀକ୍ଷା ପାଇଁ ଆମ ସରକାର କେତେଦୂର ଦାୟିତ୍ୱବାନ ହେବେ କିମ୍ବା ତାହା ଆଉ ଏକ ପ୍ରଶ୍ନ।

ମୋ: ୯୩୪୮୦୮୪୮୯୮

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ବାସଙ୍ଗ

ସୌଭାଗ୍ୟସୁନ୍ଦର

ବାସଙ୍ଗ ହେଉଛି ଭାରତରେ ଏକ ସାଧାରଣ ଔଷଧୀୟଉଦ୍ଭିଦ। ଏହାର ମୂଳ ପରିସର ଭାରତ, ବାଂଲାଦେଶ, ପାକିସ୍ତାନ, ନେପାଳ ଏବଂ ଶ୍ରୀଲଙ୍କା, ଲାଓସ, ମିଆଁମାର, ଭିଏତନାମ, ଇଣ୍ଡୋନେସିଆ, ମାଲେସିଆ, ଚୀନ ଏବଂ ଆଫଗାନିସ୍ତାନ ପର୍ଯ୍ୟନ୍ତ ବିସ୍ତାରିତ। ସଂସ୍କୃତରେ ଏହାକୁ ଭାସକ କୁହାଯାଏ। ଏହି ଛୋଟ ଚିରହରିତ ବୁଦା ବା ଗୁଳ୍ମଟିର ପତ୍ର ଲେନ୍ସ ଭଳି ବା ଅଣ୍ଡାକୃତି, ୧୦ ରୁ ୧୬ ସେଣ୍ଟିମିଟର ଲମ୍ବ ଏବଂ ୫ ସେଣ୍ଟିମିଟର ଚଉଡ଼ା। ଶୁଖିଗଲେ ପତ୍ରଟି ଏକ ମଳିନ ବାଦାମୀ-ସବୁଜ ରଙ୍ଗର ହୋଇଯାଏ। କାଣ୍ଡର କାଠ ନରମ ଏବଂ ବାରୁଦ ପାଇଁ ଅଙ୍ଗାରର ଏକ ଉତ୍ସ ତିଆରି କରେ। ଫୁଲର ପାଖୁଡ଼ାଗୁଡ଼ିକ ଧଳା ଓ ତଳପାଖ ବାଇଗଣୀ। ଫଳଟି ଚାରୋଟି ବୀଜ ସହିତ ଏକ ଛୋଟ କ୍ଲବ୍ ଆକାରର କ୍ୟାପସୁଲ୍।

ଆୟୁର୍ବେଦରେ ବାସଙ୍ଗ ଅନେକ ରୋଗ ପାଇଁ ବ୍ୟବହୃତ ହୁଏ। ଯଥା; କୁଷ୍ଠ, ରକ୍ତ ବିଭ୍ରାଟ ରୋଗ, ହୃଦରୋଗ, ଜ୍ୱର, କାଶ, ଥଣ୍ଡା, ବାନ୍ତି, ଗଳାଯନ୍ତ୍ରଣା, ସ୍ମୃତି ହ୍ରାସ, ଲ୍ୟୁକୋଡର୍ମା ବା ଧବଳ ଚର୍ମ, ବାତ, କାମଳ, ଟ୍ୟୁମର, ପତଳା ଝାଡ଼ା, ମ୍ୟାଲେରିଆ, ହଇଜା, ପେଟ ଘା', ହେମୋରୋଏଡ୍ସ ମାଢ଼ିରୁ ରକ୍ତସ୍ରାବ, ମୁଖସମସ୍ୟା, ପିତ୍ତ ଓ କଫ ଦୋଷ, ଆଖି ଯନ୍ତ୍ରଣା, ଗନୋରିଆ। ଆଣ୍ଟିସ୍ପାସ୍ମୋଡିକ୍, କଫ ଏବଂ ରକ୍ତ-ଶୁଦ୍ଧକାରୀ ଗୁଣ ପାଇଁ ଏହା ବେଶ୍ ଜଣାଶୁଣା। ହଜାର ହଜାର ବର୍ଷ ଧରି ପାରମ୍ପରିକ ଭାରତୀୟ ଚିକିତ୍ସାଶାସ୍ତ୍ରରେ ବ୍ରୋଙ୍କାଇଟିଜ୍ ଆଜ୍‌ମା, ଯକ୍ଷ୍ମା, ସାଇନୋସାଇଟିସ୍, ଅବସାଦ, ଫୁସ୍‌ଫୁସ୍ ଜନିତ ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗର ଉପଶମ ପାଇଁ ସମଗ୍ର ଉଦ୍ଭିଦର ବ୍ୟାପକ ଓ ଫଳପ୍ରଦ ଔଷଧୀୟ ପ୍ରୟୋଗ ରହିଛି। ପତ୍ରରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍‌ଫ୍ଲେମାଟ୍ରିକ୍ ଗୁଣ ପାଇଁ କ୍ଷତ ଉପଶମ ଏବଂ ଆଭ୍ୟନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ ନିୟନ୍ତ୍ରଣ, ରକ୍ତଶୋଧକ ଓ ହୃତପିଣ୍ଡ ଟନିକ ପାଇଁ ବ୍ୟବହାର କରାଯାଇଛି। ୟୁନାନୀ ଓ ହୋମିଓପାଥିକ ଔଷଧ ପ୍ରଣାଳୀରେ ମଧ୍ୟ ବାସଙ୍ଗର ଉପଯୋଗ କରାଯାଏ। କିନ୍ତୁ ଗର୍ଭାବସ୍ଥାରେ ଏହାର ସେବନ ନିଷେଧ ଅଟେ। ତେଣୁ ଏହାକୁ କେବଳ ଡାକ୍ତରୀ ତଦାରଖରେ ବ୍ୟବହାର କରାଯିବା ଉଚିତ।

ବାସଙ୍ଗର ବିଭିନ୍ନ ଅଂଶରେ ଭାସିସିନ ପରି କ୍ୱିନାଜୋଲିନ୍ ଆଲକାଲଏଡ୍, ଆଣ୍ଟି-ମାଇକ୍ରୋବାଏଲ୍, ଆଣ୍ଟି-ଅଲସର, ହେପାଟୋପ୍ରୋଟେକ୍ଟିଭ୍, ଆଣ୍ଟି-ଅକ୍ସିଡାଣ୍ଟ, ଲୁଟେଓଲିନ୍, ଟ୍ରିଟ୍ରିଆକୋଣ୍ଟେନ, କ୍ୟାରୋଟିନ୍, ଭାସାକିନ୍, ଭାସିସିନୋନ୍, ଭାସିକୋଲୋନ୍, ଭାସିକୋଲିନୋନ୍, ଆଲକାଲଏଡ୍, ଟାନିନ୍, ସାପୋନିନ୍, ଫେନୋଲିକ୍ସ, ଫ୍ଲାଭୋନଏଡ୍ ଭଳି ଫାଇଟୋକେମିକାଲ୍ସ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଜୈବିକ ସକ୍ରିୟ ଯୌଗିକ ଉପାଦାନ ରହିଛି।

ଭାରତର ଅଧିକାଂଶ ସ୍ଥାନରେ ବାସଙ୍ଗ ଚାଷ କରିବା ସହଜ। ଏଥିପାଇଁ ସର୍ବନିମ୍ନ ଯତ୍ନ ଆବଶ୍ୟକ। ଏହା ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ, ମଧ୍ୟମ ପାଣି ଏବଂ ଭଲ ଜଳ ନିଷ୍କାସନକାରୀ ମାଟି ଆବଶ୍ୟକ କରେ। ଏହାକୁ ପ୍ରାରମ୍ଭିକ ୩-୪ ବର୍ଷ ମଧ୍ୟରେ ଏକ ଶୁଦ୍ଧ ଫସଲ ଭାବରେ କିମ୍ବା ନଡ଼ିଆ ଓ ରବର ବଗିଚାରେ ଏକ ଅନ୍ତଃଫସଲ ଭାବରେ ଚାଷ କରାଯାଇପାରିବ। କୋମଳ କାଣ୍ଡ କଟା ଦ୍ୱାରା ମଧ୍ୟ ବାସଙ୍ଗ ବଂଶ ବିସ୍ତାର କରାଯାଏ। ୧୫-୨୦ ସେମି ଲମ୍ବା ଏବଂ ୩-୪ ଗଣ୍ଠିର କାଣ୍ଡ କଟା ଲଗାଇବା ପାଇଁ ଉପଯୁକ୍ତ। ସବୁଜ ପତ୍ର ହପର, ସବୁଜ ଶିଙ୍ଗଯୁକ୍ତ ପୋକ, ବାଦାମୀ ପତ୍ର ଦାଗ ଓବ୍ଲାଷ୍ଟ ଭଳି ରୋଗ ସାଧାରଣତଃ ଆକ୍ରମଣ କରନ୍ତି। ପ୍ରଥମ ଲକ୍ଷଣ ଦେଖାଯିବା ପରେ ସାତ ଦିନ ବ୍ୟବଧାନରେ ଦୁଇ ଡୋଜ୍ ୧୦% ଗୋମୂତ୍ର ସାର ସିଞ୍ଚନ କରି ଏହି ଆକ୍ରମଣକୁ ପ୍ରତିରୋଧ କରାଯାଇପାରିବ। ଏହାପରେ ତୁରନ୍ତ କୀଟ ପରିଚାଳନା କୌଶଳ ବ୍ୟବହାର କରାଯିବା ଉଚିତ। ଗଛଗୁଡ଼ିକ ଭଲ ଭାବରେ ପ୍ରତିଷ୍ଠା ହେବା ପରେ ୬-୮ ମାସ ପରେ ପତ୍ର ଅମଳ ଆରମ୍ଭ କରାଯାଇପାରିବ। ସର୍ବୋତ୍ତମ ସମୟ ହେଉଛି ଫୁଲ ଫୁଟିବା ପୂର୍ବରୁ, ଶୀତ ଏବଂ ବସନ୍ତ ଋତୁରେ। ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ବାୟୁରେ ଶୁଖିବାକୁ ୫-୭ ଦିନ ସମୟ ଲାଗେ। ଶୁଖିଲା ପତ୍ରଗୁଡ଼ିକୁ ବାୟୁରୋଧୀ ପାତ୍ରରେ ଏକ ଥଣ୍ଡା ଅନ୍ଧାର ସ୍ଥାନରେ ରଖନ୍ତୁ। ପତ୍ରଗୁଡ଼ିକୁ ତାଜା ବ୍ୟବହାର କରାଯାଇପାରିବ। କିନ୍ତୁ ଶୁଖିଲା ପତ୍ରଗୁଡ଼ିକ ଔଷଧୀୟ ଯୌଗିକଗୁଡ଼ିକୁ ଭଲ ଭାବରେ ଧରି ରଖେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ସମୁଦ୍ରକୁ ମାଛ ମାରିବାକୁ ଯାଇ ମତ୍ସ୍ୟଜୀବୀ ନିଖୋଜ ଘଟଣା

# ଦୀଘାରୁ ଜଣେ ଉଦ୍ଧାର, ୩ ଜଣଙ୍କ ପତ୍ତା ମିଳିନି

ଚନ୍ଦନେଶ୍ୱର, ୩।୮ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତ ଅଧୀନ କଙ୍କଡ଼ାପାଳ ଗ୍ରାମର ୪ଜଣ ମତ୍ସଜୀବୀ ଗତକାଲି ସମୁଦ୍ରକୁ ମାଛ



ଧରିବାକୁ ଯାଇ ନିଖୋଜ ଥିଲେ। ସେମାନଙ୍କୁ ଖୋଜା ଚାଲିଥିଲା। ବହୁ ଖୋଜାଖୋଜି ପରେ ଆଜି ଦୀଘା ସମୁଦ୍ର କୂଳଠାରୁ ଅନତିଦୂରରେ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ତିନିଜଣ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀଙ୍କୁ ଦୀଘା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ବାଲିଆପାଳ ବ୍ଲକ୍ କଙ୍କଡ଼ାପାଳ ଗ୍ରାମର ଚାରିଜଣ ମତ୍ସ୍ୟଜୀବୀ ଏକ ଯନ୍ତ୍ରଚାଳିତ ଡ଼ଙ୍ଗାରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ଜୁଆର ମାଡ଼ରେ ଡ଼ଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଥିବା ଚାରିଜଣ ମତ୍ସ୍ୟଜୀବୀ ମଧୁସୂଦନ ଗିରି(୩୫), ତାଙ୍କ ବାପା ଗୋପାଳ ଗିରି (୬୦), ବଡ଼ଭାଇ ରବୀନ୍ଦ୍ର ଗିରି (୩୮) ଓ ତାଙ୍କ ଶାଳକ ଚୌମୁଖ ଗ୍ରାମର ଜଗନ୍ନାଥ ପାଳ(୩୨) ନିଖୋଜ ହୋଇଯାଇଥିଲେ। ପରିବାରଲୋକ କୌଣସି ଦୁର୍ଘଟଣାର ଆଶଙ୍କା କରି ବାଲିଆପାଳ ଅଗ୍ନିଶମ ବିଭାଗ ଓ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ପରେ ଭୋଗରାଇର ତାଳସାରୀ ମେରାଇନ ପୁଲିସ ଓ ବାଲିଆପାଳ ପୁଲିସ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର ପତ୍ତା ମିଳିନଥିଲା। ତେବେ ଆଜି ଚୌମୁଖ ଗ୍ରାମର ଜଗନ୍ନାଥ ପାଳ (୩୨)ଙ୍କୁ ପଶ୍ଚିମବଙ୍ଗର ଦୀଘା ନିକଟସ୍ଥ ମୋହନା ମୁହାଣରୁ ଜୀବନ୍ତ ଅବସ୍ଥାରେ ପୁଲିସ ଉଦ୍ଧାର କରି ଦୀଘା ଷ୍ଟେଟ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଅନ୍ୟ ୩ଜଣ ନିଖୋଜ ମତ୍ସଜୀବୀଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ତରଫରୁ ଉଦ୍ୟମ ଜାରି ରହିଥିବା ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି।

### ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା

# ଅଧକ୍ଷ ଓ ଅଧ୍ୟାପକଙ୍କ ଗିରଫ ଦାବିରେ କଂଗ୍ରେସର ରଘୁନାଥପୁର ଥାନା ଘେରାଉ

ଜଗତସିଂହପୁର/ରଘୁନାଥପୁର, ୩।୮ (ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଥାନା ଅଧୀନସ୍ଥ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଧ୍ୟାପକ ଓ ଅଧକ୍ଷଙ୍କ ଗିରଫ ଦାବିରେ ତିର୍ତ୍ତୋଲ କଂଗ୍ରେସ ପକ୍ଷରୁ ଆଜି ଥାନା ଘେରାଉ କରାଯାଇଥିଲା। ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ମଦନମୋହନ ମଠ ନିକଟରୁ ଶହ ଶହ କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ରଘୁନାଥପୁର ଥାନା ନିକଟରେ ପହଞ୍ଚିଥିଲେ। ସେଠାରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୨୧ ତାରିଖରେ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ କଲେଜ ପରିଚାଳନା କମିଟି ସଭାପତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜଗତସିଂହପୁର ଥାନାରେ ଏତଲା ଦେବା ପରେ ଏହାକୁ ରଘୁନାଥପୁର ଥାନାକୁ ପ୍ରେରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ପକ୍ସୋ ଧାରା ଅନୁସାରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହେବାର ୧୨ଦିନ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଓ ଅଧକ୍ଷଙ୍କୁ ଗିରଫ କରାଯାଇନାହିଁ।




ରଘୁନାଥପୁର ପୁଲିସର ଅପାରଗତା ଦର୍ଶାଇ ଥାନା ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବଳଙ୍ଗା ପୀଡ଼ିତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ମହିଳା କଂଗ୍ରେସର କର୍ମକର୍ତ୍ତା ରଘୁପତି ରାଘବ ରାଜା ରାମ ସଙ୍ଗୀତ ଗାନ କରି ଅହିଂସାତ୍ମକ ଉପାୟରେ ଧାରଣ ଆରମ୍ଭ କରିଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ଏସ୍‌ଡିପିଓ ଚିନ୍ମୟ ରାଉତ ଓ ରଘୁନାଥପୁର ଥାନା ଅଧିକାରୀ ସୁଶାନ୍ତ ସେଠୀ ଧାରଣରତ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ତିନିଦିନ ମଧ୍ୟରେ ଯିଏ ବି ଅଭିଯୁକ୍ତ ଅଛନ୍ତି, ସେମାନଙ୍କୁ ଗିରଫ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସାମୟିକ ଭାବେ ପାଇଁ ସ୍ଥଗିତ ରଖାଗଲା ବୋଲି କହିଛନ୍ତି କଂଗ୍ରେସ ଜିଲ୍ଲା ସଭପତି ନଟବର ବାରିକ। ତେବେ ପୀଡିତାଙ୍କୁ ନ୍ୟାୟ ନ ମିଳିବା ଯାଏଁ ଲଢ଼େଇ ଜାରି ରହିବ ବୋଲି ପିସିସି ସଭ୍ୟ ଦେବପ୍ରସାଦ ନାୟକ ସୂଚନା ଦେଇଛନ୍ତି।

ସେହିପରି ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର ଏଥିରେ ଯୋଗଦେଇ କହିଛନ୍ତି, ଅରୂପାନନ୍ଦ ମହାବିଦ୍ୟାଳୟରେ ଯେଉଁ ନାବାଳିକା ପ୍ରତି ଅସଦାଚରଣ ହୋଇଛି ଏହା ଦୀର୍ଘ ଦିନର ଘଟଣା। କଲେଜ ଆଇସିସି କମିଟି ଏହି ଘଟଣାର ସଠିକ୍ ଭାବେ ତଦନ୍ତ କରି ନଥିଲେ। ପରେ ଯେବେ ଏହି ଘଟଣା ଲୋକଲୋଚନକୁ ଆସିଲା, ସେତେବେଳେ ଉପଜିଲ୍ଲାପାଳ ନିଜ ପକ୍ଷରୁ ଏକ ଏତଲା ଦେଇଥିଲେ। ଏତଲା ଦେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ ରଘୁନାଥପୁର ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେବା ଦୁର୍ଭାଗ୍ୟର ବିଷୟ।

ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅଭିଜିତ ସାହୁ, ନାରୀନେତ୍ରୀ ପ୍ରତୀମା ମଲ୍ଲିକ, ଦୀପ୍ତିରାଣୀ ପ୍ରଧାନ, ଅନସୂୟା ପ୍ରଧାନ, ପ୍ରିୟବ୍ରତ ମିଶ୍ର, ଆତ୍ରର୍ତ୍ତାଣ ପଣ୍ଡା , ମାନସ ରଥ, ଅଭୟ ମହାନ୍ତି, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଧନଞ୍ଜୟ ସୂତାର, ସୃଜନିକା ରାଉତ, ବସନ୍ତ ନାୟକ, ହେମଲତା ସେଠୀ, ପୁଷ୍ପାଞ୍ଜଳି ଦାସ, ପୁଷ୍ପାଞ୍ଜଳି ମହାପାତ୍ର, ସରପଞ୍ଚ କାଳନ୍ଦୀ ମହାନ୍ତି, ସଫି ଆଜମ, ପ୍ରଦ୍ୟୁମ୍ନ ଚଇନି, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ପ୍ରତାପ ସ୍ୱାଇଁ, ଦେବୀପ୍ରସାଦ ପାଳ ପ୍ରମୁଖଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଅବଶିଷ୍ଟାଂଶ

### ଚାପରେ ମୋହନ-ବିଷ୍ଣୁ...

ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି ।

ଛତିଶଗଡ ଜଳସେଚନ ବିଭାଗ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁସାରେ ପୂର୍ବ ପ୍ରକଳ୍ପଗୁଡ଼ିକୁ ବାଦ ଦେଇ ଏବେ ବି ମହାନଦୀରେ ୬ ଟି ଉଦ୍ୟୋଗିକ ବ୍ୟାରେଜ ନିର୍ମାଣାଧୀନ ରହିଛି। ସମୌ÷ାଦା, ଶିଓନାରାୟଣ ବ୍ୟାରେଜ, ବସନ୍ତପୁର, ମିରୋ÷÷ନୀ, ସାରାଡିହି ଓ କଲମା ବ୍ୟାରେଜଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଶିଳ୍ପ ସହ ଜଡ଼ିତ ଥିବାରୁ ଏହି ପ୍ରକଳ୍ପଗୁଡ଼ିକୁ ବନ୍ଦ କରିବା ଛତିଶଗଡ଼ ସରକାରଙ୍କ ପାଇଁ ଆଦୌ ସମ୍ଭବ ନୁହେଁ ।ଅନ୍ୟପକ୍ଷରେ ପ୍ରତିବର୍ଷ ମହାଦୀରେ ଜଳପ୍ରବାହ କମି ଚାଲିଥିବାବେଳେ ୨୦୧୫-୧୬ରୁ ଏହା ଭୟଙ୍କର ରୂପ ଧାରଣ କରିଛି। ୨୦୦୧-୦୨ ମସିହା ରୁ ୨୦୦୫-୦୬ ପର୍ଯ୍ୟନ୍ତ ବାର୍ଷିକ ହରାହାରି ୬୧୬୦.୮୦ ନିୟୁତ ଘନମିଟର ଜଳ ଓଡ଼ିଶାକୁ ପ୍ରବେଶ କରୁଥିଲା। ମାତ୍ର ୨୦୦୬-୦୭ ରୁ ୨୦୧୦-୧୧ ମଧ୍ୟରେ ବାର୍ଷିକ ଜଳ ପ୍ରବାହ ପାଖାପାଖି ୩୦% ହ୍ରାସ ପାଇଥିଲା। ମାତ୍ର ୨୦୧୬ରୁ ୨୦୨୫ ମଧ୍ୟରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରିଛି ।ଅଣ ମୌସୁମୀ ସମୟରେ ମହାନଦୀ ଏକ ମୃତ ନଦୀରେ ପରିଣତ ହୋଇଛି । ପୂର୍ବରୁ ତତ୍କାଳୀନ ବିଜେଡି ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଏହି ପ୍ରସଙ୍ଗରେ ବାରମ୍ବାର ଆପତ୍ତି ଉଠାଇଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରିଲା ନାହିଁ। କେନ୍ଦ୍ରୀୟ ଜଳ ଆୟୋଗ ଏହି ପ୍ରସଙ୍ଗରେ ନିରବ ରହିଲେ। ପରିଣତିସ୍ୱରୂପ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହେଲା। ମାତ୍ର ଟ୍ରିବ୍ୟୁନାଲ ମଧ୍ୟ ଏହାର ସମାଧାନ ପାଇଁ ବିଶେଷ ଗୁରୁତ୍ୱ ଦେଇ ନାହିଁ । ମାତ୍ର ୨୦୨୪ରେ କେନ୍ଦ୍ର ସହ ଛତିଶଗଡ଼ ଓ ଓଡ଼ିଶାରେ ବିଜେପି ସରକାର ଗଠନ ପରେ ଏହି ବିବାଦର ସମାଧାନ ହେବ ବୋଲି ଆଶା କରାଯାଉଥିଲେ ହେଁ ତାହା ସମ୍ଭବ ହୋଇ ନାହିଁ। ଗତ ୧୪ ମାସ ମଧ୍ୟରେ ମହାନଦୀ ବିବାଦର ସମାଧାନ ହେବ ବୋଲି ରାଜ୍ୟ ସରକାର କହୁଛନ୍ତି, ଛତିଶଗଡ଼ ସରକାର ସହଯୋଗ କରିବ ବୋଲି ଆଶ୍ୱାସନା ଦେଉଛି । ମାତ୍ର କୌଣସି ସୁଫଳ ମିଳିନାହିଁ। ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଛତିଶଗଡ଼ କୌଣସି ଆଲୋଚନା କରିବାକୁ ବାସ୍ତବିକ ପ୍ରସ୍ତୁତ ନୁହେଁ । ବର୍ତ୍ତମାନ ଆଲୋଚନା କରାଗଲେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ହୁଏତ ବନ୍ଦ କରିବାକୁ ପଡ଼ିପାରେ ଓ ପ୍ରକଳ୍ପ ବନ୍ଦ ହେଲେ ରାଜ୍ୟରେ ଶିଳ୍ପାୟନ ବାଧାପ୍ରାପ୍ତ ହୋଇପାରେ, ଏହି ଆଶଙ୍କାରେ ଛତିଶଗଡ଼ ସରକାର ସମୟ ଗଡ଼ାଇ ଚାଲିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି । ମହାନଦୀ ପ୍ରସଙ୍ଗରେ ଓଡ଼ିଶା ସରକାର ରାଜ୍ୟବାସୀଙ୍କ ଚାପରେ ଚାପଗ୍ରସ୍ତ ହୋଇଥିବାପରି ଛତିଶଗଡ଼ ସରକାର ଶିଳ୍ପପତିଙ୍କ ଚାପରେ ଚାପଗ୍ରସ୍ତ ଥିବା କୁହାଯାଉଛି ।

### ଗୋଟିଏ ବୈଠକରେ...

ଟାସ୍କଫୋର୍ସ ସଦସ୍ୟ ରହିଥିଲେ। ଏହି ଟାସ୍କଫୋର୍ସ ଦାଦନ ସମସ୍ୟା ଦୂର କରିବାକୁ ବିଭିନ୍ନ କାର୍ଯପନ୍ଥା ସ୍ଥିର କରିବାର ଥିଲା। ପ୍ରତି ୬ ମାସରେ ଅନ୍ୟୁନ ଥରେ ଟାସ୍କ ଫୋର୍ସ ବୈଠକ କରି ଦାଦନ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ଓ ଆନୁସଙ୍ଗିକ ପ୍ରସଙ୍ଗ ଗୁଡ଼ିକର ସମୀକ୍ଷା କରିବ ବୋଲି ସରକାର କହିଥିଲେ। ମାତ୍ର ଏହି ଟାସ୍କଫୋର୍ସ ଗଠନ ହେବାକୁ ପାଖାପାଖି ଗୋଟିଏ ବର୍ଷ ହେବାକୁ ବସିଥିବା ବେଳେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିନାହିଁ। ଟାସ୍କଫୋର୍ସ ଗଠନର ଗୋଟିଏ ସପ୍ତାହ ମଧ୍ୟରେ ଥରେ ବୈଠକ ବସିଥିଲା, ଏହାପରେ ଆଉ ବୈଠକ ବସିନାହିଁ। ବିଧାନସଭାରେ ଶ୍ରମ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ଏବଂ ଦେଶ ବାହାରକୁ କାମ କରିବାକୁ ଯାଇ ୨୦୭ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଛନ୍ତି। ଏଥିରେ ଗଞ୍ଜାମ ଓ ବଲାଙ୍ଗିର ଜିଲ୍ଲାରୁ ମୃତ ଦାଦନଙ୍କ ସଂଖ୍ୟା ସର୍ବାଧିକ। ଦାଦନ ଖଟିବାକୁ ଯାଇ ଗଞ୍ଜାମ ଜିଲ୍ଲାରୁ ୪୯ ଜଣ ପ୍ରାଣ ହରାଇଥିବା ବେଳେ ବଲାଙ୍ଗିରରୁ ୨୩ ଜଣ ଶ୍ରମିକଙ୍କ ପ୍ରାଣ ହରାଇଛନ୍ତି। ସେହିପରି କଳାହାଣ୍ଡି ଓ କନ୍ଧମାଳରେ ୧୬ ଜଣ ଲେଖାଏଁ ଶ୍ରମିକଙ୍କ ଜୀବନ ଯାଇଛି। ନବରଙ୍ଗପୁର ଓ ରାୟଗଡାରେ ୧୩ ଲେଖାଏଁ ଶ୍ରମିକ ଶବ ହୋଇ ରାଜ୍ୟକୁ ଫେରିଛନ୍ତି।

### ବନ୍ଧାହେଲେ ବୋର୍ଡ...

ସ୍କାନରରେ ରହିଥିଲେ ନିହାର। ଗତକାଲି କ୍ରାଇମବ୍ରାଞ୍ଚ ତାଙ୍କୁ ଡାକି ମାରାଥନ ଜେରା କରି ଅନେକ ବିଷୟରେ ପ୍ରଶ୍ନ କରିଥିଲା। ଯେଉଁଥିରେ ସତ ଓଗାଳିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି। ଏହା ପରେ ଆଜି ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି।

କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ, ପ୍ରଶ୍ନପତ୍ର ଲିକ୍ ପ୍ରକ୍ରିୟା ପରୀକ୍ଷା ବୋର୍ଡ ସହିତ କାର୍ଯ୍ୟ କରୁଥିବା ଡାଟାଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ ପୂର୍ବରୁ ଗିରଫ ହୋଇଥିବେର ଅଭିଯୁକ୍ତ ଜିତନ୍ ମହାରଣାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ, ଡାଟାଏଣ୍ଟ୍ରି ଅପରେଟର ଜିତନ୍ ମହାରଣା ଲିକ୍ ଘଟଣାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିବା କହିଛନ୍ତି କ୍ରାଇମ୍‌ବ୍ରାଞ୍ଚ ଡିଜି। ମୁଖ୍ୟ ଅଭିଯୁକ୍ତ ଜିତନଙ୍କ ସହ ବୋର୍ଡ ଉପସଭାପତିଙ୍କ ଘନିଷ୍ଠ ସମ୍ପର୍କ ରହିଥିଲା। ପ୍ରାୟ ୨ମାସ ଭିତରେ ଉଭୟେ ୧୦୦ଥର ଫୋନ୍‌ରେ କଥା ହୋଇଛନ୍ତି। ହେଲେ ପରୀକ୍ଷା ପରିଚାଳନାରେ ଜିତନଙ୍କର କୌଣସି ଭୂମିକା ନ ଥିଲା। ଏହା ସତ୍ତ୍ୱେ ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କ ସହ ଏତେଥର ଉପସଭାପତି କଥା କାହିଁକି ହୋଇଥିଲେ, ତାହା ସନ୍ଦେହ ସୃଷ୍ଟି କରିଥିଲା। ଜିତନଙ୍କ ଭୂମିକା ସନ୍ଦେହଜନକ ଥିଲା ଉପସଭାପତି ସ୍ୱୀକାର କରିଛନ୍ତି। ନୀହାରଙ୍କ ପାଖରେ ଓଟିଏଟି ପ୍ରଶ୍ନପତ୍ର ସମ୍ପର୍କିତ ପାସ୍‌ୱାର୍ଡ ରହିଥିଲା। ପାସୱାର୍ଡ ବ୍ୟବହାର କରି ବୋର୍ଡ ଉପସଭାପତି ଡିଲିଟ୍ କରିବା କଥା, ହେଲେ ସେ ସେପରି କରିନଥିଲେ। ଏଥିସହ ଉପସଭାପତି ଜିତନ ମହାରଣାଙ୍କୁ ଲାପଟପ୍ ବ୍ୟବହାର ପାଇଁ ଅନୁମତି ଦେଇଥିଲେ। ଏତଦ୍ ବ୍ୟତୀତ ମହାରଣାଙ୍କ ଆକାଉଣ୍ଟକୁ ୨.୪ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା, ଯାହା ବେଆଇନ କାର୍ଯ୍ୟକଳାପ ସହିତ ଏକ ସ୍ପଷ୍ଟ ଆର୍ଥିକ ଲିଙ୍କ ସ୍ଥାପନ କରିଥିଲା। ତେବେ ଘଟଣାର ତଦନ୍ତ ଚାଲିଛି। ଅନେକ ଲୋକଙ୍କର ସମ୍ପୃକ୍ତିକୁ ମଧ୍ୟ ଅନୁମାନ କରାଯାଉଛି। ସେହିଭଳି ଅର୍ଥନୈତିକ କାରବାରର ଯାଞ୍ଚ କରାଯାଉଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ପ୍ରଥମତଃ ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌କୁ ପ୍ରଶ୍ନପତ୍ର ଆସିବା କଥା ନୁହେଁ। କିନ୍ତୁ ମୁଦ୍ରଣ ସଂସ୍ଥାରୁ ବୋର୍ଡର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଲାପଟପ୍‌କୁ ଏଫ୍‌ଟିପି (ଫାଇଲ୍ ଟ୍ରାନ୍ସଫର୍ ପ୍ରୋଟକଲ୍) ମାଧ୍ୟମ ବଦଳରେ ଇ-ମେଲ୍‌ରେ ପ୍ରଶ୍ନପତ୍ର ଆସିଥିଲା। ଏଭଳି ସାଂଘାତିକ କାର୍ଯ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରୁ ସାମ୍ନାକୁ ଆସିଛି। କିନ୍ତୁ ବୋର୍ଡରେ ବହୁଦିନରୁ ଚାଲି ଆସିଥିବା ଏଭଳି ଅନିୟମିତତାକୁ ଉଚ୍ଚ କର୍ତ୍ତୃପକ୍ଷ ଚୁପଚାପ୍ ସହିବା ଘଟଣା ଏବେ ଆଲୋଚନାର ପ୍ରସଙ୍ଗ ହୋଇଛି। ବୋର୍ଡର ରେଗୁଲେସନ୍ ଚାପ୍ଟର-୧୧ ଉପଧାରା ୧୫ ଅନୁସାରେ ପ୍ରଶ୍ନପତ୍ର ପ୍ରସ୍ତୁତି, ଗୋପନୀୟ ମୁଦ୍ରଣ ଓ ପ୍ରଶ୍ନ ବିତରଣ ବୋର୍ଡ ସଂପାଦକଙ୍କ ଦାୟିତ୍ୱ। କିନ୍ତୁ ଉପସଭାପତି ନୀହାର କିପରି ପ୍ରଶ୍ନପତ୍ର ପ୍ରସ୍ତୁତିରେ ସଂପୃକ୍ତ ହେଲେ ଓ ତାଙ୍କ ବ୍ୟକ୍ତିଗତ ଲାପ୍‌ଟପ୍‌କୁ ପ୍ରଶ୍ନର ସଫ୍ଟ କପି କାହିଁକି ଆସିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି।

### ସ୍ୱାମୀକୁ ଦଳିଦେଲା...

ହାତୀପଲ ଜନବସତି ଆଡ଼କୁ ମାଡ଼ି ଆସିବା ସହ ଧନଜୀବନ ନଷ୍ଟ କରୁଛନ୍ତି। କିଛି ଦିନ ହେଲା ୭ ଘରିଆ ଏକ ହାତୀପଲ ଏହି ଅଞ୍ଚଳରେ ଘୂରି ବୁଲି ଉତ୍ପାତ କରୁଛନ୍ତି। ହାତୀପଲ ଗତ ରାତିରେ ଗୋବିନ୍ଦପୁରରେ ଫସଲ ନଷ୍ଟ କରୁଥିଲା ବେଳେ ଗ୍ରାମବାସୀମାନେ ଏକତ୍ରିତ ହୋଇ ସେମାନଙ୍କୁ ଘଉଡ଼ାଇଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତାହାତୀ ପଛକୁ ଫେରି ଆକ୍ରମଣ କରିଥିଲା। ଅନ୍ୟମାନେ ଦୌଡ଼ି ପଳାଇଥିଲେ ବେଳେ ଦେବାଦୀ ଖସି ପାରିନଥିଲେ। ହାତୀଟି ତାଙ୍କୁ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ସ୍ଥାନାନ୍ତର ବେଳେ ରାସ୍ତାରେ ତାଙ୍କର ଜୀବନ ଚାଲିଯାଇଥିଲା। ଏହି ଖବର ଶୁଣି ଆଜି ସକାଳେ ଦେବାଦୀଙ୍କ ସ୍ତ୍ରୀ ରୁକ୍ମିଣୀ ବିଷ ପିଇ ଦେଇଥିଲେ।

### କୋଟିପତି ଏମ୍‌ଭିଆଇଙ୍କ...

ହୋଇଛି। ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସୁରାନ୍ସରେ୧କୋଟି ୩୪ ଲକ୍ଷ ୯ହଜାର ୧୯୩ ଟଙ୍କା ରହିଥିବା ବେଳେ ଘରୁ ନଗଦ ୨ଲକ୍ଷ ୩୮ ହଜାର ୭୨୫ ଟଙ୍କା ଠାବ ହୋଇଛି। ଏସବୁ ବାଦ୍ ଝିଅର ମେଡିକାଲ ପାଠପଢ଼ା ବାବଦକୁ ୪୦ ଲକ୍ଷ ଖର୍ଚ୍ଚ କରିଛନ୍ତି। ଏପରି ଜଣେ କୋଟିପତି ସରକାରୀ ବାବୁ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ, ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦା। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ଭିଜିଲାନ୍ସ ତାଙ୍କର ୬ଟି ଠିକଣାରେ ଚଢ଼ଉ କରି ବିପୁଳ ସିମ୍ପତ୍ତି ଠାବ କରିଛି।

ଶ୍ରୀ ହାଁସଦାଙ୍କର ବାରିପଦାସ୍ଥିତ ଘର ସମେତ ବୌଦ୍ଧରେ ଥିବା ତାଙ୍କ ଭଡ଼ାଘର, ବୌଦ୍ଧ ଆରଟିଓ ଅଫିସ୍‌ରେ ଥିବା ତାଙ୍କ ଚାମ୍ବର, ମୟୂରଭଞ୍ଜର ଖୁଣ୍ଟା ଥାନା ଅନ୍ତର୍ଗତ ଗୁଡ଼ିଡ଼ିହା ସ୍ଥିତ ତାଙ୍କ ପୈତୃକ ଘର, ଭୁବନେଶ୍ୱରର ପାଣ୍ଡରା ସ୍ଥିତ ତାଙ୍କ ଝିଅଙ୍କ ଭଡ଼ା ଘର ଓ ବାରିପଦାସ୍ଥିତ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ଘରେ ଏହି ଚଢଉ କରାଯାଇଥିଲା। ଚଢ଼ଉରେ ୪ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର୍ ଓ ଅନ୍ୟ ସହଯୋଗୀ କର୍ମଚାରୀ ସାମିଲ ହୋଇଥିଲେ। ଚଢ଼ଉ ସମୟରେ ତାଙ୍କ ଘରୁ ଭିଜିଲନ୍ସ ବିପୁଳ ପରିମାଣର ସଂପତ୍ତି ଠାବ କରିଛି।

ମୟୂରଭଞ୍ଜ ପ୍ରଫୁଲ୍ଲନଗରରେ ଗୋଟିଏ ଦୁଇ ତାଲା କୋଠା ଥିବା ବେଳେ ତାଙ୍କ ନାମରେ ଥିବା ୪୪ଟି ପ୍ଲଟ୍ ଠାବ କରାଯାଇଛି। ସେଥିମଧ୍ୟରୁ ୪୩ଟି ପ୍ଲଟ୍ ବାରିପଦା ଟାଉନରେ ଥିବା ବେଳେ ଗୋଟିଏ ବାଲେଶ୍ୱର ଟାଉନ୍‌ରେ ରହିଛି। ଏହି ସବୁ ପ୍ଲଟ୍‌ର ସଠକ୍ ମୂଲ୍ୟ ଭିଜିଲାନ୍ସ ଟେକ୍ନିକାଲ ଟିମ୍ କରୁଛନ୍ତି। ଘରୁ ମିଳିଥିବା ଗୋଟିଏ ଡାଏରୀରେ ଏକାଧିକ ବେନାମିକାରବାର ଉଲ୍ଲେଖ ରହିଛି। ସେହିପରି ଗୋଟିଏ ୪ ଚକିଆ ଏବଂ ୩ଟି ଦୁଇ ଚକିଆ ଠାବ ହୋଇଥିବା ବେଳେ ୧୬.୦୬ଲକ୍ଷର ଘରର ଆସବାବପତ୍ର ରହିଛି।

୧୯୬୬ରେ ଜନ୍ମିତ ଗୋଲାପ ଚନ୍ଦ୍ର ହାଁସଦା ୧୯୯୧ ମସିହା ଏପ୍ରିଲ ୧୮ ତାରିଖରେ ଜଣେ ଆଇପିଓ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେ ସମ୍ବଲପୁର ଓ ଦେବଗଡ଼ ଡିଆଇସିରେ କାର୍ଯ୍ୟ କରିଥିଲେ। ୨୦୦୩ରେ ସେ କନିଷ୍ଠ ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇଥିଲେ ଓ ସୁନ୍ଦରଗଡ଼ର ତାପରିଆ ଚେକ୍ ଗେଟ୍ ଓ ସମ୍ବଲପୁରର ଲକ୍ଷ୍ମୀଡୁଙ୍ଗୁରି ଚେକ୍ ଗେଟ୍ କାର୍ଯ୍ୟ କରିଥିଲେ। ପରେ ମୟୂରଭଞ୍ଜ ଓ ବରଗଡ଼ ଆରଟିଓ ଅଫିସରେ ସେ କିଛି ବର୍ଷ କାର୍ଯ୍ୟ କରିଥିଲେ। ୨୦୨୦ରେ ତାଙ୍କୁ ଏମ୍‌ଭିଆଇ ଭାବେ ପଦୋନ୍ନତି ଦିଆଯାଇ ବୌଦ୍ଧ ଆରଟିଓରେ ଅବସ୍ଥାପିତ କରାଯାଇଥିଲା। ସେବଠାରୁ ସେ ସେଠାରେ ଅଛନ୍ତି। ସେ ବର୍ତ୍ତମାନ ମାସିକ ୧.୦୮ ଲକ୍ଷ ଟଙ୍କା ଦରମା ପାଉଛନ୍ତି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କିଛି ଦିନ ତଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କର ୯ଟି ପ୍ଲଟ୍ ଠାବ କରାଯାଇଥିବା ବେଳେ ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କର ୧୩ଟି ପ୍ଲଟ୍ ଠାବ କରାଯାଇଥିଲା। ସେହିପରି ପ୍ରାୟ ୧୦ଦିନ ତଳେ ଭିଜିଲାନ୍ସ ଜାଲରେ ପଡ଼ିଥିବା କେନ୍ଦୁଝର ଜିଲ୍ଲା କେନ୍ଦୁପତ୍ର ଡିଭିଜନର ଡିଏଫଓ ନିତ୍ୟାନନ୍ଦ ନାୟକଙ୍କର ୧୨୩ଟି ପ୍ଲଟ୍ ଠାବ କରାଯାଇଥିଲା।

### ସବୁକିଛି ବଦଳିଗଲା...

ଆଧାରରେ ଅଭିଯୋଗ କରିଥିଲେ। ଏ ସବୁକୁ ଦେଖିଲେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ମତ ବଦଳିଗଲା କେମିତି? ବାସ୍ତବରେ ତଦନ୍ତର କଥା ପଦାକୁ ଆସିଛି ନା ତଦନ୍ତର ମୋଡ଼ ବଦଳାଇ ଦିଆଯାଇଛି? ଜୁଲାଇ ୧୯ ତାରିଖରେ ବଳଙ୍ଗା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ସକାଳ ପ୍ରାୟ ୮ଟା। ବଳଙ୍ଗା ଥାନା ବାୟାବର ନୂଆ ଗୋପାଳପୁରର ନାବାଳିକା ସମ୍ପର୍କୀୟଙ୍କ ଘରକୁ ବହି ଦେବାକୁ ଯାଉଥିଲେ। ବଳଙ୍ଗା-ହରିପୁର କେନାଲ ବନ୍ଧ ରାସ୍ତାରେ ନାବାଳିକା ଏକୁଟିଆ ଯାଉଥିବାବେଳେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ବାଇକ୍‌ରେ ପହଞ୍ଚିଥିଲେ। ରାସ୍ତାରୁ ତାଙ୍କୁ ଜବରଦସ୍ତ ଟେକି ନେଇ ତେରହଲ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳକୁ ନେଇଥିଲେ। ତାଙ୍କ ଦେହରେ ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ। ହେଲେ ନାବାଳିକା ଜଣକ ଗୁରୁତର ଅବସ୍ଥାରେ ତେରହଲ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଆକୁଳ ବିକଳ ହୋଇ ମତେ ରକ୍ଷା କର ବୋଲି ଚିତ୍କାର କରିଥିଲେ। ଦୁଃଖିଶ୍ୟାମ ନାବାଳିକା ଦେହରେ ନିଆଁ ଲାଗିଥିବା ଦେଖି ତତ୍‌କ୍ଷଣାତ୍ ତାଙ୍କୁ ସହଯୋଗ କରିଥିଲେ। ୩ ଜଣ ଦୁର୍ବୃତ୍ତ ଏପରି କରିଥିବା ନାବଳିକା ତାଙ୍କୁ କହିଥିବା ଦୁଃଖିଶ୍ୟାମ ମଧ୍ୟ ଗଣମାଧ୍ୟମ, ପୁଲିସ ଆଗରେ କହିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଦୁଇଟି ବୋତଲରେ ଥିବା କିରାସିନି, ଦିଆସିଲି, ଚପଲ, ଚୁଡ଼ି, ରୁପା ମୁଦି, ଅଧାପୋଡ଼ା ଡ୍ରେସ ଆଦି ଜବତ କରିଥିଲା।

ପରବର୍ତ୍ତୀ ସମୟରେ ଜବତ ରୁପା ମୁଦିକୁ ନେଇ ଉଠିଥିଲା ପ୍ରଶ୍ନ। ପୀଡ଼ିତାଙ୍କ ପରିବାର ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଜବତ ରୁପା ମୁଦି ତାଙ୍କ ଝିଅର ନୁହେଁ। ତେଣୁ ସେ ମୁଦି ସେଠାକୁ ନେଇଥିଲା କିଏ? ଖୋଳତାଡ଼ ପରେ ପୁଲିସ ବଳଙ୍ଗାର ଏକ ଗହଣା ଦୋକାନକୁ ଯାଇ ଯାଞ୍ଚ କରିଥିଲା। ସେହି ମୁଦି ଅଢ଼େଇ ମାସ ପୂର୍ବରୁ ପୀଡ଼ିତାଙ୍କର ଜଣେ ସାଙ୍ଗ କିଣି ନେଇଥିବା ସମ୍ପୃକ୍ତ ଗହଣା ଦୋକାନ ମାଲିକ କହିଥିଲେ। ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ତଦନ୍ତରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିଲା। ନିଜେ ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଆମେ କିଛି ତଥ୍ୟ ପାଇଛୁ ବୋଲି କହିଥିଲେ। ସମସ୍ତଙ୍କ ଭରସା ଥିଲା ନିଶ୍ଚିତ ପୁଲିସ ଘଟଣା ଉପରୁ ପରଦା ହଟାଇବ। ହେଲେ ପୀଡ଼ିତାଙ୍କ ଦେହାନ୍ତ ପରେ ପୂର୍ବର ମତ ଏବଂ ତଦନ୍ତର ଦିଗ କିପରି ବଦଳିଗଲା ବୋଲି ସମସ୍ତଙ୍କ ମନରେ ଉଠିଛି ପ୍ରଶ୍ନ।

ପୀଡ଼ିତାଙ୍କ ବାପା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି, 'ମୋ ପାଖରେ ଝିଅ ନାହିଁ। ତା' ମୃତ୍ୟୁକୁ ନେଇ ରାଜନୀତି ନ କରନ୍ତୁ। ମୋ ଝିଅ ପାଇଁ ସରକାର ଯାହା କରିବା କଥା କରିଛନ୍ତି। ଏହା ସତ୍ତ୍ୱେ ଝିଅ ବଞ୍ଚିଲା ନାହିଁ। ଏହାକୁ ନେଇ କେହି ରାଜନୀତି ନ କରନ୍ତୁ। ମୋ ଝିଅର ଆତ୍ମା କେମିତି ଶାନ୍ତି ପାଇବ ସେ ନେଇ ପ୍ରାର୍ଥନା କରନ୍ତୁ'। ଅନ୍ୟପକ୍ଷରେ ପୁଲିସ ବି ଏଥିରେ କାହାରି ସମ୍ପୃକ୍ତି ନାହିଁ ବୋଲି କହିଛି। ଏବେ ପ୍ରଶ୍ନଉଠୁଛି ହଠାତ୍ କାହିଁକି ପରିବାର ଏବଂ ପୁଲିସର ସ୍ୱର ବଦଳିଗଲା। କାହା ଚାପରେ ସେମାନେ ଏଭଳି ମତ ମନ୍ତବ୍ୟ ଦେଉନାହାନ୍ତି ତ? ଯଦି କାହାର ହାତ ନାହିଁ ତା' ହେଲେ ନାବାଳିକାଙ୍କ କିଏ ଜିଅନ୍ତା ପୋଡ଼ି ମାରିଦେବାକୁ କରିଥିଲା ଉଦ୍ୟମ। ସେ ନିଜେ ନା କେହି ନିକଟ ସମ୍ପର୍କୀୟ ରଚିଥିଲେ ଷଡ଼ଯନ୍ତ୍ର?

ଯଦି ନାବାଳିକା ନିଜେ ଏପରି କାଣ୍ଡ ଭିଆଇଲେ ତେବେ କେଉଁ ପରିସ୍ଥିତି ତାଙ୍କୁ ଏପରି କରିବାକୁ ବାଧ କଲା? ପୁଲିସ ଏ ଦିଗରେ ତଦନ୍ତ କରିଛି ତ? ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ଘଟଣାସ୍ଥଳରୁ ଜବତ ସାମଗ୍ରୀ ନାବାଳିକା ନିଜେ ସାଥିରେ ନେଇ ଯାଇଥିବା ସନ୍ଦେହ ସୃଷ୍ଟି ହେଉଛି। ଜବତ ରୁପା ମୁଦି ତାଙ୍କର ନୁହେଁ ବୋଲି ପରିବାର ପକ୍ଷରୁ ସ୍ପଷ୍ଟ କରାଯିବା ଘଟଣାକୁ ଆହୁରି ରହସ୍ୟମୟ କରିଛି। ଅନ୍ୟ ଏକ ଦିଗକୁ ଦେଖିଲେ ଯଦି କେହି ନିକଟ ସମ୍ପର୍କୀୟ ଏପରି କରିଥା'ନ୍ତି, ତେବେ କାହିଁକି? ଏହା ପଛର ଉଦ୍ଦେଶ୍ୟ କ'ଣ? ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ପ୍ରଥମେ ଠାବ କରିଥିବା ବ୍ୟକ୍ତି ଦୁଃଖିଶ୍ୟାମ କ'ଣ ମିଛ କହିଥିଲେ? ଯଦି ସେ ମିଛ କହିଛନ୍ତି, ତେବେ ସେଥିରେ ତାଙ୍କର ସ୍ୱାର୍ଥ କ'ଣ ଥିଲା? ସବୁଠୁ ବଡ଼ କଥା ହେଉଛି, ପୀଡ଼ିତାଙ୍କ ମୃତ୍ୟୁର ଦିନକ ପୂର୍ବରୁ ତାଙ୍କ ଘରେ ତାଲା ଝୁଲୁଥିଲା। ରବିବାର ଅପରାହ୍ଣ ପର୍ଯ୍ୟନ୍ତ ସେମାନେ କେଉଁଠି ଥିଲେ, ତାହାର ସଠିକ୍ ସୂଚନା କାହା ପାଖରେ ନ ଥିଲା। ସେମାନଙ୍କୁ କେହି ଅନ୍ୟତ୍ର ନେଇ ରଖି ନ ଥିଲେ ତ? ଏମିତି ଅନେକ ପ୍ରଶ୍ନ ଏବେ ରହସ୍ୟ ଘେରରେ ରହିଯାଇଛି।

### ୬ ଓଡ଼ିଆଙ୍କ...

ତେବେ ବିଳମ୍ବିତ ରାତି ସୁଦ୍ଧା ସେଠାକାର ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ମୃତକ କିମ୍ବା ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ଲକ୍ଷ ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି।

### କେନାଲକୁ ଖସିଲା...

ମୃତକଙ୍କ ମଧ୍ୟରେ ୬ ମହିଳା ଓ ୩ ଜଣ ଛୋଟ ପିଲା ରହିଛନ୍ତି। ମନ୍ଦିରରୁ ୨୦ କିମି ପୂର୍ବରୁ ହିଁ ଦୁର୍ଘଟଣା ଘଟିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି।

ବୋଲେରୋରେ ୧୬ ଜଣ ଲୋକ ପୃଥ୍ୱୀନାଥ ମନ୍ଦିରକୁ ଜଳାଭିଷେକ କରିବାକୁ ଯାତ୍ରା କରୁଥିଲେ। କେନାଲକୁ ଗାଡି ଖସିବା ପରେ କୌଣସି ଲୋକ ବାହାରକୁ ବାହାରି ପାରି ନଥିଲେ। ପ୍ରବଳ ବର୍ଷା କାରଣରୁ କେନାଲ ବହୁ ପରିମାଣରେ ପାଣିଥିଲା। କେନାଲ ପଡିବା ପରେ ହିଁ ଗାଡି ସମ୍ପୂର୍ଣ୍ଣ ଭାବେ ବୁଡି ଯାଇଥିଲା। ଗାଡିର ଗେଟ୍ ଲକ୍ ହୋଇଯାଇଥିଲା। ଭିତରେ ଥିବା ଯାତ୍ରୀ ଛଟପଟ ହୋଇଥିଲେ ଓ ବାହାରକୁ ନ ବାହରିପାରି ମୃତ୍ୟୁବରଣ କରିଥିଲେ। ଗାଡି କେନାଲରେ ପଡିବା ପରେ ଡ୍ରାଇଭର ଡୋର ଖୋଲି ପାଣିକୁ ଡେଇଁ ପଡିଥିଲେ। ସେ ଗାଡି ଡୋର ଖୋଲିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଆଗ ସିଟ୍‌ରେ ବସିଥିବା ଦୁଇଜଣ ମଧ୍ୟ ବାହରକୁ ଆସିଥିଲେ। ମଝିରେ ଠିଆ ହୋଇଥିବା ବାଳିକା ପିଙ୍କି ମଧ୍ୟ ଅଚାନକ ବାହାରକୁ ଚାଲିଯାଇଥିଲେ। ସ୍ଥାନୀୟ ଲୋକ ବଲେରୋ ଗେଟ୍ ଖେଲିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ। ଦଉଡିରେ ବାନ୍ଧ ଗାଡିକୁ ଟାଣି କୂଳକୁ ଆଣାଯାଇଥିଲା। ଗାଡିର କିଛି ଅଂଶ ପାଣି ଉପରକୁ ଆସିଥିଲା। ଖାଚ ଭାଙ୍ଗି ଜଣକ ପରେ ଜଣକୁ ବାହରକୁ ଆଣାଯାଇଥିଲା। କିନ୍ତୁ ସେତେବେଳକୁ ସମସ୍ତ ଜୀବନ ଯାଇସାରିଥିଲା।

### ଏବେ ଲାଗୁହେଉ...

ସମ୍ବିଧାନ ଦେଶକୁ ସ୍ଥିରତା ପ୍ରଦାନ କରୁଛି। ଏହି ସମ୍ବିଧାନ ବିଭିନ୍ନ ସମୁଦାୟ, ଧର୍ମ, ଅଞ୍ଚଳ ଏବଂ ସଂସ୍କୃତିକୁ ଏକତାର ସୂତ୍ରରେ ବାନ୍ଧି ରଖି ଏକ ରାଷ୍ଟ୍ର ଭାବେ ଗଢୁଛି। ସମ୍ବିଧାନ ଉପରେ ଥିବା ତଥାକଥିତ ବିପଦ ଏବଂ ସାମ୍ବିଧାନିକ ସଂସ୍ଥାକୁ ନେଇ ବିରୋଧୀଙ୍କ ଚିନ୍ତା ଉପରେ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ସମ୍ବିଧାନ ସବୁଦିନ ପାଇଁ ରହିବ। ଗତ ୭୫ ବର୍ଷରେ ଶାସନ, ମହାମାରୀ ଏବଂ ଅନେକ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଆହ୍ୱାନ ସୃଷ୍ଟି ହୋଇଛି। ଆଉ ଏହି ସମ୍ବିଧାନ ଦେଶକୁ ସ୍ଥିରତା ଦେଇଛି।

### ଗୁପ୍ତାଙ୍ଗ କାଟି...

ଗୋପାଳ ନିଜ ଗାଁରେ ଥିବା ଗୋରୁ, ଗାଈ, ଛେଳି ନେଇ ଶଶୁର ଘରକୁ ଫେରୁଥିବା ବେଳେ ଖବର ପାଇ ଗୁଞ୍ଜିମା ଓ ରାଚାଗୁଡ଼ାର ପ୍ରାୟ ୧୪ ଜଣ ବ୍ୟକ୍ତି ୩ଟି ଅଟୋ ଯୋଗେ ଯାଇ ଗଞ୍ଜାମ ଜିଲ୍ଲା ବଡଗଡ଼ ଥାନା ଅନ୍ତର୍ଗତ ବୁର୍ଦା ଗାଁ ନିକଟରେ ତାକୁ ଅଟକାଇ ପୁଣି ରଚାଗୁଡ଼ା ଗାଁକୁ ଆଣିଥିଲେ। ଗାଁରେ ବୈଠକ କରିବା ପରେ ଅଡ଼ବା ଥାନା ଅନ୍ତର୍ଗତ ହରଭଙ୍ଗୀ ଡ୍ୟାମ୍ ନିକଟକୁ ନେଇ ଯାଇଥିଲେ। ସେଠାରେ ଗୋପାଳଙ୍କ ହାତଗୋଡ଼ ବାନ୍ଧି ଗୁପ୍ତାଙ୍ଗକୁ ଏକ ଧାରୁଆ ଛୁରା ସାହାଯ୍ୟରେ କାଟିବା ସହିତ ତଣ୍ଟିକୁ ଚାଦରରେ ଭିଡ଼ି ହତ୍ୟା କରିବା ପରେ ହରଭଙ୍ଗୀ ଡ୍ୟାମ୍‌ରେ ଫିଙ୍ଗି ଦେଇଥିଲେ।

ଖବର ପାଇ ମୋହନା ଓ ଅଡ଼ବା ପୁଲିସ ଅଭିଯୁକ୍ତଙ୍କୁ ରାତିସାରା ଗୋଡ଼ାଇ ଗୋଡ଼ାଇ ଧରିଥିଲା। ୩ଟି ଅଟୋରେ ସମସ୍ତେ କର୍ଚବାଡ଼ି ପଞ୍ଚାୟତ ଶୁଖିଲାଆମ୍ବ ଛକ ଦେଇ କୌଣସି ଏକ ଅଜ୍ଞାତ ସ୍ଥାନକୁ ଯାଉଥିବା ବେଳେ ପୁଲିସ୍ ଖବର ପାଇ ପିଛା କରି ଚନ୍ଦ୍ରଗିରି ନିକଟରେ ସମସ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଥାନାରେ ମୃତ ଗୋପାଳର ଭାଉଜ ସୀତା ମଲିକ ଲିଖିତ ଅଭିଯୋଗ କରିଛନ୍ତି। ଆଜି ସକାଳୁ ମୋହନା ଓ ଅଡ଼ବା ପୁଲିସ ଏବଂ ଅଗ୍ନିଶମ ବାହିନୀଙ୍କ ସହାୟତାରେ ହତ୍ୟାକାରୀଙ୍କୁ ଡ୍ୟାମ୍ ନିକଟକୁ ନେଇ ସ୍ଥାନ ଚିହ୍ନଟ କରି ଡ୍ୟାମ ଭିତରୁ ଗୋପାଳର ଶବ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଥିବା ବେଳେ ଘଟଣାର ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ଅତିଶୀଘ୍ର ଧରାଯିବ ବୋଲି ରା.ଉଦୟଗିରି ଏସଡ଼ିପିଓ ସୁରେଶ କୁମାର ତ୍ରିପାଠୀ କହିଛନ୍ତି।

ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଓ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡାଙ୍କ ରାତିସାରା ଅକ୍ଳାନ୍ତ ପରିଶ୍ରମ ଫଳରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ, ସୁବାସ ମଲ୍ଲିକ, ଅଜୟ ମଲ୍ଲିକ, ସୀମାଞ୍ଚଳ ମଲ୍ଲିକ, କୁମାର ମଲ୍ଲିକ, ଗୌରା ମଲ୍ଲିକ, ପ୍ରଫୁଲ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଶିବାନନ୍ଦ ମଲ୍ଲିକ, ଘାସିରାମ ମଲ୍ଲିକ, ସୁଦୟ ମଲ୍ଲିକ, ଶିବ ମଲ୍ଲିକ, ରମାକାନ୍ତ ମଲ୍ଲିକ, ମାରା ମଲ୍ଲିକ ଓ ଚନ୍ଦ୍ର ମଲ୍ଲିକ।

**AFFIDAVIT**

I Pankajini Mahananda, W/o-Tapeswar Mahananda, D/o-Sahani Chand, resident of At-Bhadrapali, Po- Pithinda, Ps-Rengali, Dist- Jharsuguda, declare by this affidavit No. 27, Dated. 15-05-2025, before Notary Public, Jharsuguda that I have changed my name from Kanti Chand to Panjakini Mahananda. Now onwards I shall be known as **Pankajini Mahananda** for all future purposes.

**Notice**
(above 18 years of age)

By virtue of an affidavit sworn before Executive Magistrate, Kaptipada, Udala , dated 31-07-2025 I, CHINMAYEE JENA ( new name), Address at-Raidandia P.O.-Udala, Dist-Mayurbhanj, Odisha (Complete Odisha address) declare that I have changed my name from CHINMAYEE MUKHI (old name) to CHINMAYEE JENA (new name) Henceforth, I shall be known as **CHINMAYEE JENA** (new name) for all purposes.

**AFFIDAVIT**

By virtue of an affidavit No. 7379, Dated 31.07.2025, before the Notary Public, Jeypore, Dist-Koraput, I, Subhrata Pattnayak declare that my actual name is Subhrata Pattnayak as per my C.H.S.E certificate, but my name is reflected as Subhadra Patnayak on my Aadhaar Card No. 3828 9918 9730. Hence, the Aadhaar card be corrected as **Subhrata Pattnayak.**

Sd/- Deponent

**AFFIDAVIT**

By virtue of an affidavit No.2885, Dtd.30.07.2025 sworn before the Executive Magistrate, Bhogarai I, Suniti Maity, W/o. Jitendra Nath Maity, At. Haripur, Po. Deulahat, Ps. Bhogarai, Dist. Balasore, Pin-756036, Odisha renounce, relinquish and abandon the use of my daughter former name Prajnaya Pujita Maity (old name) instead of Pragya Pujita Maity (New name). Henceforth, she will be known as **Pragya Pujita Maity** for all purposes.

**AFFIDAVIT**

By virtue of an affidavit No.2878, Dtd.30.07.2025 sworn before the Executive Magistrate, Bhogarai I, Suryakanta Patra, S/o. Ananta Kumar Patra , At. Haripur , Po. Deulahat, Ps. Bhogarai, Dist. Balasore, Pin-756036, Odisha declare that unfortunately my son name spelling as Manaj Kumar Patra instead of correct spelling Manoj Kumar Patra in his Adhar card no. 596195410470 . Henceforth, he will be known as **Manoj Kumar Patra** for all purposes.

**AFFIDAVIT**

Smt. Liril Maharana, W/O-Biranchi Kumar Maharana, Permanent residence of Village - Amalapada, Phulbani, Po-Phulbani, Ps-Phulbani Town, Dist-Kandhamal, Pin-762001, do hereby solemnly affirm & state that my actual name is Liril Maharana which are reflected in the birth certificate & other documents like Residence Certificate etc.But in my Aadhar Card no-3010 7988 3889 & Bank Pass Book my name has been wrongly mentioned as Lila Maharana instead of Liril Maharana. I declare by this affidavit that Liril Maharana & Lila Maharana is one & same person i.e. myself.

# ସରକାର ଓଡ଼ିଶାରେ ମଦ ବନ୍ଦ କରନ୍ତୁ: ମିଳିତ ନିଶା ନିବାରଣ ଅଭିଯାନ

ଭଦ୍ରକ, ୩।୮ (ସମିସ)

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ଉପସଭାପତି ତଥା ଭଦ୍ରକ ଜିଲ୍ଲା ସଂଯୋଜକ ଖେଗଶ୍ୱର ବଳଙ୍କ ସଭାପତିତ୍ୱରେ ଜିଲ୍ଲା କମିଟି ବୈଠକ ସାଳନ୍ଦୀ ଆବାସିକ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ରାଜ୍ୟ ସଭାପତି ତଥା ପୂର୍ବତନ ଶତାୟୁ ବିଧାୟକ ପଦ୍ମଚରଣ ନାୟକ ଓଡିଶାର ଡବଲ୍ ଇଞ୍ଜିନ୍ ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶୃତିକୁ ପାଳନ କରିନାହାନ୍ତି ବୋଲି ଅଭିଯୋଗ କରିବା ସହ ଓଡିଶା ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏହି ବର୍ଷକ ଭିତରେ ଓଡ଼ିଶା ନିଶାମୁକ୍ତ ହେବା ବଦଳରେ ନିଶାଯୁକ୍ତ ହୋଇପଡିଛି ବୋଲି ସେ ଉଦବେଗ ପ୍ରକାଶ କରିଥିଲେ। ଆଗାମୀ ବିଧାନସଭା ଅଧିବେଶନେର ନିଶାମୁକ୍ତ ପାଇଁ ଓ ସରକାରୀ ନିଶା ଦୋକାନ ବନ୍ଦ ପାଇଁ ବିଲ୍ ଆସି ଆଇନରେ ପରିଣତ ନେହେଲ




ତମାମ ଓଡିଶାର ସମସ୍ତ ସରକାରୀ ମଦ ଦୋକାନକୁ ସାଧାରଣ ଜନତା ଭଙ୍ଗାରୁଜା କରିବେ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨ଗାନ୍ଧୀ ଜୟନ୍ତୀ ଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୁଣ୍ୟାତ୍ମା ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ନେଭମ୍ବର-୨୩ ପର୍ଯ୍ୟନ୍ତ ଓଡିଶାକୁ ମଦମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଗଠନର ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଉପସଭାପତି ଅଗଣି ଚରଣ ଜେନା, ଅଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି, ଅମରକୁମାର ପାଣିଗ୍ରାହୀ, ଯୁବ ଆଇନଜୀବୀ ବିକାଶ ନାଥ, ମହିଳା ନେତ୍ରୀ ସରସ୍ୱତୀ ସେନାପତି, ରୁକ୍ମଣୀ ଘଡାଇ, ମିନାକ୍ଷୀ ଜେନା, ଧାମନଗର ବ୍ଲକ ସଭାପତି ସଚିକାନ୍ତ ପଣ୍ଡା, ଯୁବନେତା ଅଲୋକ ସ୍ୱାଇଁ, ଶିକ୍ଷାବିତ୍ ସନାତନ ବେହେରା, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ସମାଜେସବୀ ଗୋଲକ ପ୍ରସାଦ ମଲ୍ଲିକ, ସଂଗଠନର ଜିଲ୍ଲା କମିଟିସଭ୍ୟ ଶ୍ରୀକାନ୍ତ ପଣ୍ଡା, ଜଗନ୍ନାଥ ରାୟ, ଧନଞ୍ଜୟ ଦାସ, ରଘୁନାଥ ସାହୁ, ଅଭିମନ୍ୟୁ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନର ରାଜ୍ୟ ସଂଯୋଜକ ଶୁଭେନ୍ଦୁ ରାଉତରାୟ ଅଂଶଗ୍ରହଣ କରିଥିଲେ। ଭଦ୍ରକ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୮୦ ଜଣ ନାଗରିକ ଉପସ୍ଥିତ ଥିଲେ।

## ପାଣିରେ ପଡ଼ି ଯୁବକ ମୃତ

ବାରିକପୁର,୩।୮(ସମିସ): ଭଣ୍ଡାରିପୋଖରୀ ଥାନା ରହଣିଆ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଜଣେ ଯୁବକ ପାଣିରେ ପଡ଼ି ପ୍ରାଣ ହରାଇଛନ୍ତି। ଗ୍ରାମର ସ୍ୱର୍ଗତ ଅନନ୍ତ ସାମଲଙ୍କ ସାନପୁଅ ତାପସ (୪୩) ଗତ ଶନିବାର ରାତିରେ ଶୌଚ ହେବା ପାଇଁ ବାହାରକୁ ଆସିଥିଲେ। କିଛି ସମୟ ପରେ ସେ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଗାଁମୁଣ୍ଡ ଏକ ଗାଡିଆରେ ଯୁବକ ଜଣକ ଭାସୁଥିବା ଘର ଲୋକ ଦେଖିବାକୁ ପାଇଥିଲେ। ତତକ୍ଷଣାତ ତାଙ୍କୁ ପାଣିରୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ସୁଦ୍ଧା ଡାକ୍ତର ସେଠାରେ ତାପସଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଭଦ୍ରକ ପଠାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକଙ୍କ ଅକାଳ ବିୟୋଗକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବୈତରଣୀ କୂଳ ବାରୁଣୀ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି।

## ନାଗ ସାପ ଉଦ୍ଧାର

ବାରିକପୁର, ୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ଗ୍ରାମରୁ ଏକ ୫ଫୁଟ ଲମ୍ବର ନାଗ ସାପ ଉଦ୍ଧାର ହୋଇଛି। ସାପଟି ଗ୍ରାମର ଗୋବର୍ଦ୍ଧନ ଜେନାଙ୍କ ବାଡ଼ିରେ ଗଚ୍ଛିତ ଥିବା ଇଟା କାଣ୍ଡିରୁ ବାହାରିଥିଲା। କାମ ପାଇଁ ଗୃହସ୍ଥ ଇଟା ବାହାର କରୁଥିବା ବେଳେ ସାପକୁ ଦେଖି ଭୟଭୀତ ହୋଇଯାଇଥିଲେ। ସାପଟି



ଉକ୍ତ ସ୍ଥାନରେ ଦୀର୍ଘ ସମୟ ଧରି ରହିଥିବା ବେଳେ ଭଦ୍ରକ ସାପ ଧରାଳି ସେକ ମିର୍ଜାଙ୍କୁ ଖବର ଦିଆଯାଇଥିଲା। ସାପ ଧରାଳି ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଘଟଣାସ୍ଥଳରେ ପହଞ୍ଚି ନାଗ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

## ବନ୍ଧୁକ ମୁନରେ ଲୁଟ୍ ଘଟଣା: ଦୁଇ ଗିରଫ

ଭଦ୍ରକ, ୩।୮(ସମିସ): ବନ୍ଧୁକ ମୁନରେ ତିହିଡି ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କରୁ ଲୁଟ ଘଟଣାର ପର୍ଦ୍ଦାଫାସ କଲା ପୁଲିସ। ଲୁଟରେ ସାମିଲ ଥିବା ୪ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଛି ତିହିଡି ପୁଲିସ। ଗିରଫ ୨ଜଣଙ୍କ ମଧ୍ୟରେ ଜଣେ ପୂର୍ବତନ କର୍ମଚାରୀ ଓ ଅନ୍ୟ ଜଣେ ସହଯୋଗୀ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନରେ ଥିବା ଏୟୁ ଫାଇନାନ୍ସ ବ୍ୟାଙ୍କରେ ଗତ ଜୁନ ୧୧ ତାରିଖରେ ୪ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ବ୍ୟାଙ୍କକୁ ପଶିଥିଲେ। ପରେ ବନ୍ଧୁକ ଦେଖାଇ ୭ ଲକ୍ଷ ୫୪ ହଜାର ଟଙ୍କା ଲୁଟ କରିଥିଲେ। ତିହିଡି ଥାନାରେ ଏତଲା ପରେ ତିହିଡି ପୋଲିସ ତଦନ୍ତ ଆରମ୍ଭ



କରିଥିଲ। ତଦନ୍ତ ସମୟରେ ଏୟୁ ଫାଇନାନ୍ସ ବ୍ୟାଙ୍କ୍‌ର ପୂର୍ବତନ କର୍ମଚାରୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତଳାଙ୍ଗ ଗାଁର ପ୍ରହଲ୍ଲାଦ ରାଉତଙ୍କ ସହ ଫୁଲବାଣୀ ସଦର ଜାମୁଝରି ଗାଁର ଅନୀଲ ବେହେରାକୁ ପୁଲିସ ଗିରଫ କରିଛି। ଅନ୍ୟ ୨ ଜଣ ଫେରାର ଥିବା ନେଇ ପୁଲିସ ସୂଚନା ଦେଇଥିବା ବେଳେ ମାତ୍ର ୨ ହଜାର ଟଙ୍କା ଓ ୪ଟି ମୋବାଇଲ୍ ଜବତ ହୋଇଥିବା କହିଛି ପୁଲିସ। ତେବେ ଫେରାର ୨ ଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

## ମନୋରମାଙ୍କୁ କେବେ ମିଳିବ ବାସଗୃହ ?

ଅସୁରାଳି, ୩।୮ (ସମିସ): ମନୋରମା ନାଥ ବୟସ ଆସି ୫୮ ହେଲାଣି। ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦପୁର ଗାଁର ବାସିନ୍ଦା। ସ୍ୱାମୀ ଆର ପାରିକୁ ଚାଲି ଗଲେଣି ୫ ବର୍ଷ ହେବ। ପରିବାର କହିଲେ ତାଙ୍କ ଗୋଟିଏ ମାତ୍ର ପୁଅ ଅଜୟ ନାଥ (୩୫)। ପୁଅ ମା'ର ପେଟରେ ମୁଠେ ଦାନା ଦେବା ପାଇଁ ବହୁତ୍ ଦିନ ହେଲା ଦାଦନ ଖଟୁଛନ୍ତି। ଏଠି ମା' ମନୋରମା ଖଣ୍ଡିଏ ଆବାସ



ପାଇଁ ହେଉଛନ୍ତି ହନ୍ତସନ୍ତ। ସରକାରୀ ସହାୟତା ଭାବେ କେବଳ ଭତ୍ତା ଆଉ ରାସନ୍ ସାମଗ୍ରୀ ମିଳୁଛି। ମାତ୍ର ବଂଚିବା ପାଇଁ ଖାଦ୍ୟ, ବସ୍ତ୍ର ପରେ ବାସଗୃହ ନିତାନ୍ତ ମୌଳିକ ଆବଶ୍ୟକ। ଏଯାଏଁ ଖଣ୍ଡେ ବାସଗୃହ ମିଳି ପାରିଲା ନାହିଁ। ପାଲ ଜରି ତଳେ ମଶା, ମାଛି, ସାପ ବେଙ୍ଗ ସହ ରହୁଛନ୍ତି। ବିକାଶର ଡେଙ୍ଗୁରା ପିଟୁଥିବା ସରକାର ମନୋରମାଙ୍କ ପାଖରେ ମାରିଛି ଫେଲ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବାସିନ୍ଦା ମଧ୍ୟ ବହୁ ଥର ପ୍ରଶାସନିକ ସ୍ତରରେ ଦାବି ଉଠାଇଛନ୍ତି କିନ୍ତୁ ବିଫଳ। ଏଣୁ ଆଗାମୀ ଦିନରେ ମନୋରମାଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ନ ଦେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷାସହାୟକଙ୍କ ପରଲୋକ



ଅସୁରାଳି, ୩।୮ (ସମିସ): ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ହରିହଂସ ଗାଁର ଧର୍ମପରାୟଣ ବ୍ୟକ୍ତି, କୋଠାର ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷାସହାୟକ ନବକୁମାର ନାୟକଙ୍କ ୭୨ବର୍ଷ ବୟସରେ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁ ସମୟରେ ପୁଅ ଶୋଭନ ନାୟକ, ଗିରିଶ ନାୟକଙ୍କ ସହ ଅନ୍ୟ ସମସ୍ତ ଭାଇବନ୍ଧୁ, ପରିବାରବର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଧୂଷୁରୀ ଜିଲ୍ଲା ପରିଷଦ ଜୋନ ସଦସ୍ୟ ପ୍ରଦୀପ ମଲ୍ଲିକ, ବରିଷ୍ଠ ସମାଜସେବୀ ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର ଏବଂ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ୧୧ରୁ ସାମୂହିକ ଛୁଟିରେ ଅମଲା ସଂଘ କର୍ମକର୍ତ୍ତା




ଭଦ୍ରକ, ୩।୮ (ସମିସ): ବାରମ୍ବାର ଦାବି ପରେ ମଧ ରାଜ୍ୟ ସରକାର ଦାବିଗୁଡିକ ପ୍ରତି କର୍ଣ୍ଣପାତ ନକରି ଓଲଟା ଦାବି ବିରୋଧରେ ସରକାରଙ୍କ ପଦକ୍ଷେପକୁ ନେଇ ତାତିଛି ଓଡିଶା ରାଜସ୍ୱ ଅମଲା ସଂଘ। ଦାବି ପୂରଣ ନହେଲେ ଆଗାମୀ ୧୧ ତାରିଖରୁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଅମଲା ସାମୂହିକ ଛୁଟିରେ ଯିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜି ଭଦ୍ରକ ସହର କର୍ମଚାରୀ ଭବନରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ସଙ୍ଘର କର୍ମକର୍ତ୍ତାମାନେ ଯୋଗଦାନ କରି ଏହି ନିଷ୍ପତ୍ତି ନେଇଛନ୍ତି। ଅଭିଯୋଗ ଅନୁଯାୟୀ, ଜୁଲାଇ ୯ ତାରିଖରେ ରାଜ୍ୟ ସରକାରଙ୍କ ସହ ଅମଲା ସଙ୍ଘର ୧୦ ଦଫା ଦାବିକୁ ନେଇ ଆଲୋଚନା ସକାରାତ୍ମକ ହୋଇଥିଲେ ମଧ ଏହା କାର୍ଯ୍ୟକାରୀ ହୋଇନାହିଁ। ଓଲଟା ରାଜ୍ୟ ସରକାର ଦାବି ବିରୋଧରେ ଯାଇ ଏକ ପଦୋନ୍ନତିକୁ ବନ୍ଦ କରିବାକୁ ବାହାରିଥିବା ନୋଟିଫିକେସନକୁ ସଂଘ ବିରୋଧ କରିଛି। ଏ ସଂପର୍କରେ ରାଜ୍ୟର ସମସ୍ତ ବିଧାୟକ, ସାଂସଦ, ଜିଲ୍ଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ବେଳେ ଏଥିନେଇ ସରକାର କୌଣସି ଆଲୋଚନା ପାଇଁ ଡାକି ନାହାନ୍ତି। ଯାହାକୁନେଇ ଆସନ୍ତା ୧୧ରୁ ରାଜ୍ୟତମାମ ଅମଲାମାନେ ସାମୂହିକ ଛୁଟିରେ ଯିବାକୁ ନିଷ୍ପତ୍ତି ନେବା ସହିତ ଲୋକଙ୍କ କାର୍ଯ୍ୟରେ ସମସ୍ତ ବାଧା ପାଇଁ ସରକାର ଦାୟୀ ରହିବେ ବୋଲି ଓଡିଶା ରାଜସ୍ୱ ଅମଲା ସଂଘ ଭଦ୍ରକ ଜିଲ୍ଲା ସଭାପତି ତାପସ ସ୍ୱାଇଁ ସୂଚନା ଦେଇଛନ୍ତି।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ




ଦୋବଲ, ୩।୮ (ସମିସ): ଧାମନଗର ଅଞ୍ଚଳର ବିଶିଷ୍ଟ ସମାଜସେବୀ ଶିକ୍ଷାବିତ ତଥା ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜୁନ କୁଣ୍ଡଙ୍କ ନିଜ ଗ୍ରାମ ସୋଧ ଗ୍ରାମରେ ପରଲୋକ ଘଟିଛି। ଦୋବଲସ୍ଥିତ ଏସଏଜେ ହାଇସ୍କୁଲରେ ପୂରାତନ ଛାତ୍ରଙ୍କ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ଭୋଳାନାଥ ସାହୁଙ୍କ ସଂଯୋଜନାରେ ପୁରାତନ ଛାତ୍ର ତଥା ଏବିଇଓ ତପନ ଦ୍ୱିବେଦୀ, ଶିକ୍ଷାବିତ ଶରତ ସାହୁ, ସେକ ତାୟୁଦୀନି, ହେମେନ୍ଦ୍ର ମହାନ୍ତି, ପ୍ରମୋଦ ନାୟକ, ଶରତ ସାହୁ, ଶ୍ରୀକାନ୍ତ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ଗୌରଚନ୍ଦ୍ର ପଣ୍ଡା ଇଷ୍ଟକୋଷ୍ଟ ରେଲୱେ ଡିଆରୟୁସିସି ସଦସ୍ୟ



ଭଦ୍ରକ, ୩।୮ (ସମିସ): ଭଦ୍ରକ ଚ୍ୟାମ୍ବର ଅଫ କମର୍ସର ସଭାପତି ତଥା ବିଶିଷ୍ଟ ସମାଜସେବୀ ଗୌରଚନ୍ଦ୍ର ପଣ୍ଡାଙ୍କୁ ଇଷ୍ଟକୋଷ୍ଟ ରେଳବାଇ ଖୋର୍ଦ୍ଧା ଡିଭିଜନ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି(ଡିଆରୟୁସିସି) ସଦସ୍ୟ ଭାବେ ମନୋନୀତ କରିଛି। ଶ୍ରୀ ପଣ୍ଡା ଆସନ୍ତା ୨ ବର୍ଷ ପାଇଁ ଏହି କମିଟି ସଦସ୍ୟ ଭାବେ ଦାୟିତ୍ୱ ତୁଲାଇବେ। ଭଦ୍ରକ ସାଂସଦ ତଥା ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଡିଭିଜନ ଡିଆରୟୁସିସି ସଦସ୍ୟ ଅଭିମନ୍ୟୁ ସେଠୀଙ୍କ ସୁପାରିସକ୍ରମେ ଇଷ୍ଟକୋଷ୍ଟ ରେଳବାଇ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଶ୍ରୀ ପଣ୍ଡାଙ୍କ ଏହି ନିଯୁକ୍ତିରେ ଜିଲ୍ଲାବାସୀ ଉତ୍ତମ ରେଳସେବା ପାଇବା ସହିତ ଭଦ୍ରକ ରେଳଷ୍ଟେସନରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**ସ୍ୱଚ୍ଛଭାରତ ବାଟବଣା**

## ଅପନ୍ତରା ପାଲଟିଛି କୃଷି କାର୍ଯ୍ୟାଳୟ

ବନ୍ତ/ଆଗରପଡ଼ା,୩।୮ (ସମିସ): ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁଁ ଆଗରପଡ଼ାଠାରେ ଥିବା ସରକାରୀ କାର୍ଯ୍ୟାଳୟ ବର୍ତ୍ତମାନ ସଂରକ୍ଷିତ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ସ୍ୱଚ୍ଛତାକୁ କେତେ ଗୁରୁତ୍ୱ ଦିଆଯାଇଛି ତାହା ଉକ୍ତ କାର୍ଯ୍ୟାଳୟର ପରିସରକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ଏହି ସରକାରୀ କାର୍ଯ୍ୟାଳୟକୁ ପ୍ରତିଦିନ ଲୋକମାନେ ଯାଆଆସ କରିଥାନ୍ତି। କୃଷି କାର୍ଯ୍ୟାଳୟ ପରିସରରେ ଅନାବନା ଗଛ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ କାଟି ସଫା କରିବା ପାଇଁ ବିଭାଗୀୟ କର୍ମଚାରୀମାନେ ଦୃଷ୍ଟି ନଦେବାକୁ ନେଇ ।ଚଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଭାବ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବିଭିନ୍ନ ସମୟରେ ଏହି କାର୍ଯ୍ୟାଳୟକୁ ବିଭିନ୍ନ ଉଦ୍ଦେଶ୍ୟ ରଖି ଆସିଥାନ୍ତି; ମାତ୍ର କାର୍ଯ୍ୟାଳୟ ପ୍ରବେଶ ପଥ ଉଭୟ ପାଶ୍ୱର୍ରେ ନାନାଦି ଅନାବନା ଗଛ ଉଠି ଅପରିଷ୍କାର ପରିବେଶ ସୃଷ୍ଟି କରିବା ସହ ଏଥି ମଧ୍ୟରେ ବିଷଧର ସାପମାନେ ରହିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ବିଶେଷ କରି ସାପ ଭୟରେ ଚାଷୀମାନେ ଏହି କାର୍ଯ୍ୟାଳୟକୁ ଆସିବା ପାଇଁ ନାପସନ୍ଦ କରୁଛନ୍ତି। ସେହିପରି ଉକ୍ତ କାର୍ଯ୍ୟାଳୟର



ପ୍ରବେଶ ପଥରେ ବଜାର ଅଞ୍ଚଳରେ ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ ପାଣି ଜମି ରହି ଅପରିଷ୍କାର ପରିବେଶ ସୃଷ୍ଟି କରିବା ସହ ଡେଙ୍ଗୁକୁ ଆମନ୍ତ୍ରଣ କରୁଥିବାରୁ ସରକାରଙ୍କ ସ୍ୱଚ୍ଛଭାରତ ଅଭିଯାନ ଏଠାରେ ସଂପୂର୍ଣ୍ଣ ବାଟବଣା ହୋଇପଡ଼ିଛି। ଆଗରପଡ଼ାର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଏଠାରେ ଏକ କୃଷି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ୫୦ରୁ ଅଧିକ ବର୍ଷ ବିତି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ଏହା ଚାଷୀଙ୍କ ଯେତିକି ସୁବିଧା ଯୋଗାଇବା କଥା ତାହା ଯୋଗାଇପାରୁନାହିଁ ବୋଲି ଅଭିଯୋଗ ହେଉଛି। ନା ସହକାରୀ କୃଷି ଅଧିକାରୀ ନା କର୍ମଚାରୀ କେହିବି ଏଠାକୁ ଆସୁଛନ୍ତି। ଜଣେ ମାତ୍ର କର୍ମଚାରୀ (ଡ଼ାଟା ଏଣ୍ଟ୍ରି ଅପରେଟର)ରେ ଉକ୍ତ କାର୍ଯ୍ୟାଳୟ ଚାଲିଛି। ଖରିଫ ଋତୁ ଏବଂ ରବି ଋତୁରେ ଉକ୍ତ କାର୍ଯ୍ୟାଳୟରୁ ସମସ୍ତ ପ୍ରକାର ଚାଷ ଉପକରଣ ସାମଗ୍ରୀ ଯେପରିକି ଟ୍ରାକ୍ଟର, ପାୱାର ଟିଲର, ବିଷପକା ମେସିନ ଓ କୃଷି ଯନ୍ତ୍ରପାତି ସମେତ ଧାନ, ମୁଗ, ବିରି, ବାଦାମ, ସୂର୍ଯ୍ୟମୁଖୀ, ସୋରିଷ, ଗହମ ବିହନ ଇତ୍ୟାଦି ସରକାରଙ୍କ ଦ୍ୱାରା ପ୍ରଦତ୍ତ ରିଆତି ମୂଲ୍ୟରେ କ୍ରୟ କରିଥାନ୍ତି। କିଛି ବର୍ଷ ହେବ ଉକ୍ତ କାର୍ଯ୍ୟାଳୟଟି ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏହାର ପାରିପାର୍ଶ୍ୱିକ ପରିସ୍ଥିତିରେ କୌଣସି ଉନ୍ନତି ହେଉନାହିଁ। ଚାଷୀଙ୍କୁ ସେମାନଙ୍କ ମୌଳିକ ସୁବିଧା ଯୋଗାଇ ଦେବାକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଥିଲେ ମଧ୍ୟ ତାହାର ସୁଫଳ ଆଜି ସୁଦ୍ଧା ମିଳି ପାରିନାହିଁ। ଅପରପକ୍ଷରେ ଜିଲ୍ଲାର ପ୍ରତି ବ୍ଲକ୍‌ର ଗୋଟିଏ ଲେଖାଏଁ କୃଷି କାର୍ଯ୍ୟାଳୟ ଥିବାରୁ ବନ୍ତ ବ୍ଲକର ବନ୍ତଠାରେ କାର୍ଯ୍ୟାଳୟଥିବା ହେତୁ ଆଗରପଡ଼ାରେ କାର୍ଯ୍ୟାଳୟର କୌଣସି ଆବଶ୍ୟକତା ନଥିବାରୁ ଏହାର ଉନ୍ନତି ପ୍ରତି ବିଭାଗ ଦୃଷ୍ଟି ଦେଉ ନଥିବା ଜଣାପଡ଼ିଛି। ଆଗରପଡ଼ା ଅଞ୍ଚଳର ଗୁରୁତ୍ୱକୁ ବିଚାରକୁ ନେଇ କୃଷି କାର୍ଯ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**କାଗଜକଲମରେ ସୀମିତ ସରକାରୀ ନିର୍ଦ୍ଦେଶ**

## ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନ୍ ବ୍ୟାନ୍ ଜରୁରୀ

ବନ୍ତ/ଆଗରପଡ଼ା, ୩।୮ (ସମିସ)

ବିନା ମୋବାଇଲରେ ଜୀବନ ଅତିବାହିତ କରିବା କଷ୍ଟକର ବ୍ୟାପାର ପାଲଟିଛି। ଏହାର ପ୍ରଭାବ ଏତେ ବଢି ଯାଇଛି ଯେ ବର୍ତ୍ତମାନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ହାତରେ ପଡ଼ି ଭବିଷ୍ୟତ ଅନ୍ଧକାର ହେବାର ଆଶଙ୍କା ରହୁଛି। ସେହିପରି ଶିକ୍ଷାନୁଷ୍ଠାନରେ ଯେଉଁ ପବିତ୍ରତା ରହୁଥିଲା ତାହା ମୋବାଇଲ ଫୋନର ପ୍ରବେଶ ଦ୍ୱାରା ନିଶ୍ଚିତ ଭାବରେ ବ୍ୟାଘାତ ହେଉଛି। ଶିକ୍ଷାନୁଷ୍ଠାନ ଯେଉଁ ନୈତିକତା ଓ ମୂଲ୍ୟବୋଧକୁ ନେଇ ଯୁଗ ଯୁଗ ଧରି ଠିଆ ହେଇଥିଲା ତାହା ଆଉ ରହିନାହିଁ। ହଜିଯାଉଛି ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଭିତରେ ପୁରୁଣା ଆଦର୍ଶ। ଛାତ୍ର ଓ ଛାତ୍ରୀଙ୍କ ଭିତରେ ମଧ ଗୁରୁ ଭକ୍ତି ଓ ଗୁରୁ ପାଇଁ ସମର୍ପଣର ଭାବ ଦୁର୍ଲଭ ହୋଇଯାଇଛି। ଏଥିପାଇଁ



କେତେକାଂଶରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ ଦାୟୀ। ବିଦ୍ୟାଳୟରେ ଶିକ୍ଷାଦାନ ସମୟରେ ଶ୍ରେଣୀ ଗୃହରେ କୌଣସି ଶିକ୍ଷକ ମୋବାଇଲ ଫୋନ ବ୍ୟବହାର ନକରିବା ପାଇଁ ସରକାରୀ ନିର୍ଦ୍ଦେଶ ଅଛି। ଶ୍ରେଣୀ ଗୃହକୁ ଯିବା ପୂର୍ବରୁ ନିଜ ମୋବାଇଲକୁ ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରିବା ନିୟମ ଥିଲେ ସୁଦ୍ଧା ଉକ୍ତ ନିୟମକୁ କେହି ପାଳନ କରୁ ନଥିବାରୁ ଏହା କେବଳ କାଗଜ କଲମରେ ସୀମିତ ରହିବା ଦ୍ୱାରା ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି।

ଜଣେ ଦଶମ ଶ୍ରେଣୀର ଛାତ୍ର ଓ ଅନ୍ୟ ତିନି ଜଣ ମିଶି ଶିକ୍ଷୟିତ୍ରୀଙ୍କ ଏକ ଭିଡ଼ିଓ ଉଠାଇବା ଓ ତାଙ୍କୁ ବ୍ଲାକମେଲ କରିବା ନଜିରରହିଛି। ସେହିପରି ଅନେକ ସ୍ଥାନରେ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କ ଭିଡିଓ ଉଠାଇବା ଓ ବ୍ଲାକମେଲ କରିବା ଖବର ମଧ ନଜରକୁ ଆସିଛି। ଶିକ୍ଷାନୁଷ୍ଠାନରେ ପ୍ରଶ୍ନପତ୍ର ଲିକ ହେବା ଖବର ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପାଉଛି। ଯଦ୍ୱାରା ବହୁ ମେଧାବୀ ଛାତ୍ରଙ୍କ ଭବିଷ୍ୟତ ଉପରେ ଏହାର ପ୍ରଭାବ ପଡୁଛି। ଆଗାମୀ ଦିନରେ ଆମ ଦେଶ ତଥା ରାଜ୍ୟର କୋ÷ଣସି ଶିକ୍ଷାନୁଷ୍ଠାନରେ ଏକ ବଡ ଧରଣର ଅଘଟଣ ଘଟିବାକୁ ପ୍ରତୀକ୍ଷା ନକରି ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନର ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଇବା ଜରୁରୀ ହୋଇପଡ଼ିଛି। ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ ଶିକ୍ଷାନୁଷ୍ଠାନରେ ଏହାକୁ ବ୍ୟବହାର କରିବାରୁ ଯେପରି ନିବୃତ ରହିବେ ଓ ସରକାରୀ ନିର୍ଦ୍ଦେଶକୁ ଯେପରି ମାନିବେ ସେଥିପ୍ରତି ବିଭାଗୀୟ ଅଧିକାରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ମଧ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

### ସେମାନେ ଯାହା କହନ୍ତି..



ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ମୋବାଇଲ ଫୋନର କୌଣସି ଆବଶ୍ୟକତା ନାହିଁ। ସେମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ସ୍ମାର୍ଟ କ୍ଲାସ ରୁମ, କମ୍ପ୍ୟୁଟର ଲ୍ୟାବ ଆଦିର ବ୍ୟବସ୍ଥା ରହିଛି। ଦୈନିକ ଘଟଣାବଳିର ତଥ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଦାନ ପାଇଁ ସରକାର କିଛି ନୀତିନିୟମ ଲାଗୁ କରିଥିବାରୁ ପ୍ରଧାନଶିକ୍ଷକଙ୍କ ନିମନ୍ତେ ମୋବାଇଲ ଫୋନର ଆବଶ୍ୟକତା ରହିଛି। ଅନ୍ୟ ଶିକ୍ଷକଙ୍କ ପାଇଁ ଏହାର କୌଣସି ଆବଶ୍ୟକତା ନାହିଁ। ସରକାରୀ ସ୍ତରରେ ଏଥିପାଇଁ ନିୟମ ପ୍ରଣୟନ ହୋଇଥିଲେ ସୁଦ୍ଧା ଏହାକୁ ବହୁ ଶିକ୍ଷକ ମାନୁ ନାହାନ୍ତି। ଏହିପରି ଅଭିଯୋଗ ଆସିଲେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସଂପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅନୁରୋଧ କରାଯିବ।

- ନିରଞ୍ଜନ ଖିଲାର, ସିଆରସିସି, ତୋଫାବିବି କ୍ଲଷ୍ଟର



ଶିକ୍ଷାନୁଷ୍ଠାନପରି ଏକ ପବିତ୍ର ସ୍ଥାନରେ ମୋବାଇଲ ଫୋନ ବ୍ୟବହାରକୁ ବ୍ୟାନ କରା ନଗଲେ ମଣିଷ ଗଢା କାରଖାନାରେ ଗୁରୁ ଓ ଶିଷ୍ୟଙ୍କ ସଂପର୍କରେ ଅବନତି ଘଟିବା ସୁନିଶ୍ଚିତ। ତେଣୁ ଏହା ଉପରେ ରୋକ୍ ଲାଗିବା ଜରୁରୀ।

- ମନ୍ମଥ ଦାଶ, ଯୁବ ସମାଜସେବୀ, ଆଗରପଡ଼ା



ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନ ବ୍ୟବହାରକୁ ବ୍ୟାନ କରିବା ଜରୁରୀ କାରଣ କୁନିକୁନି ପିଲାମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ସୁନିଶ୍ଚିତ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଓ ପିଲାଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାରୁ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଉଭୟ ମୋବାଇଲ ଫୋନ ବ୍ୟବହାରରୁ ନିବୃତ୍ତ ନରହିଲେ ସରକାରଙ୍କ ଯୋଜନାର ସଫଳ ରୂପାୟନରେ ଏହା ପ୍ରତିବନ୍ଧକ ସାଜିବା ସୁନିଶ୍ଚିତ।

- ପ୍ରଭାତ ନାୟକ, ସହକାରୀ ଶିକ୍ଷକ, ଆପ୍ତିରା ୟୁଜିମଇ ସ୍କୁଲ



କମ୍ପ୍ୟୁଟର ଯୁଗରେ ମୋବାଇଲ ଫୋନର ଆବଶ୍ୟକତା ବୃଦ୍ଧି ପାଇଥିଲେ ସୁଦ୍ଧା ଶିକ୍ଷାନୁଷ୍ଠାନରେ ଏହାର ବ୍ୟବହାରକୁ ବ୍ୟାନ କରିବା ଜରୁରୀ। ଏହା ଉପରେ କୌଣସି ପ୍ରତିବନ୍ଧକ ନଥିବାରୁ ଶିକ୍ଷା ପରିସରରେ ଛାତ୍ର ଓ ଶିକ୍ଷକଙ୍କ ସମ୍ପର୍କରେ ଏହାର ପ୍ରଭାବ ପଡ଼ିବା ସହ ଏକ ପବିତ୍ର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି। ତେଣୁ ବିଭିନ୍ନ ଦୃଷ୍ଟି କୋଣରୁ ଏହା ଉପରେ ରୋକ୍ ଲାଗିବା ଜରୁରୀ।

- ବିନୋଦ କୁମାର ଧଳସାମନ୍ତ, ନିର୍ଦ୍ଦେଶକ, କଳିଙ୍ଗ କମ୍ପ୍ୟୁଟର୍ସ,

## ବର୍ଷାପାଣିରେ ଉବୁଟୁବୁ ବିଇଓ କାର୍ଯ୍ୟାଳୟ



ଭଦ୍ରକ,୩।୮ (ସମିସ): ଅସରାଏ ବର୍ଷାରେ ଉବୁଟୁବୁ ହୋଇପଡିଛି ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ବିଶେଷ କରି କମ୍ପ୍ୟୁଟର ସେକ୍ସନରେ ଦୁଇଫୁଟରୁ ଊର୍ଦ୍ଧ୍ୱ ପାଣି ଲହଡି ଖେଳୁଛି। ସେହି ପାଣି ଭିତରେ ପଶି କାମ କରୁଛନ୍ତି କର୍ମଚାରୀ। ଦିନ ଦିନ ପାଣି ଜମି ରହିବା ଫଳରେ ନଷ୍ଟ ହେଉଛି ଆସବାବପତ୍ର, ବିଭିନ୍ନ ଦରକାରୀ କାଗଜପତ୍ର। ତାସହିତ ସାପର ଭୟ। ପାଣିରେ ପଶି କାର୍ଯ୍ୟ କରିବା ଫଳରେ ଜ୍ୱର, ଥଣ୍ଡା ଆଦି ବିଭିନ୍ନ ରୋଗରେ ପଡୁଛନ୍ତି କର୍ମଚାରୀ। ଏଥିପ୍ରତି କାହାରି ଦୃଷ୍ଟି ନାହିଁ। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କାର୍ଯ୍ୟରତ କର୍ମଚାରୀ। ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଏହି କାର୍ଯ୍ୟାଳୟକୁ ପ୍ରତିଦିନ ଆସୁଥିବାବେଳେ ଏପରି ଦୃଶ୍ୟ ଦେଖି ଆସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ଦାବି କରିଛନ୍ତି।

## ପୂର୍ତ୍ତ ମୁଖ୍ୟରାସ୍ତା ମରଣଯନ୍ତା



ଧାମନଗର, ୩।୮(ସମିସ): ଜାତୀୟ ରାଜପଥ ୧୬ନମ୍ବର ବାରିକପୁର-ଧାମନଗର ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତା ଶୋଚନୀୟ ହୋଇଥିବା ବେଳେ ମଝିରେ ମଝିରେ ଖାଲଢିପ ଓ ଗର୍ତ୍ତ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଥିବା ବେଳେ ପ୍ରତ୍ୟେକ ଦିନ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ରାସ୍ତାରେ ବାଇକ ଆରୋହୀ ଏବଂ କାର ଚଳାଚଳ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇ ମେଡିକାଲରେ ଭର୍ତ୍ତି ହେବା ସହ ଧନଜୀବନ କ୍ଷତି ହେଉଛନ୍ତି। ଏହି ଘଟଣାର ଓ ଦୁର୍ଘଟଣା ସମ୍ପର୍କରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମ ଖବରକାଗଜରେ ଖବର ପ୍ରକାଶ ପରେ ମଧ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ନିରବଦ୍ରଷ୍ଟାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀ ଟେଣ୍ଡର ନେଇଥିବା ଉକ୍ତ ଠିକାଦାର ପ୍ରତି କାର୍ଯ୍ୟାନୁଷ୍ଠାନ ସହିତ ଶୋଚନୀୟ ଓ ମରଣଯନ୍ତା ରାସ୍ତାକୁ ଯଥାଶୀଘ୍ର କାର୍ଯ୍ୟ କରିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ସୁଧାଙ୍ଗନା ପତିଙ୍କ ସ୍ମୃତିରେ ଦ୍ୱାଦଶାହରେ ଚାରା ରୋପଣ



ଦୋବଲ, ୩।୮(ସମିସ): ଦୋବଲ ପଞ୍ଚାୟତ ଶୋଧ ଗ୍ରାମର ସମାଜସେବୀ ରମାକାନ୍ତ ପତିଙ୍କ ଧର୍ମପତ୍ନୀ ସୁଧାଙ୍ଗନା ପତିଙ୍କ ଦ୍ୱାଦଶାହ ଉପଲକ୍ଷେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱାଦଶାହ କ୍ରିୟାରେ ପ୍ରାକ୍ତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ଓ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବିଜେଡି ନେତା ସଞ୍ଜୟ କୁମାର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ ସାହୁ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, କଂଗ୍ରେସ ନେତା ଅଭିଷେକ ରାଉତ, ବିଦ୍ୟାଧର ଯେନା, ନାରଣଚନ୍ଦ୍ର ପାଢ଼ୀ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପୂର୍ବତନ ସଭାପତି ଉମେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ପତି ପରିବାର ଓ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ସ୍ୱର୍ଗତ ପତିଙ୍କ ପୁଅ କୃଷ୍ଣଚନ୍ଦ୍ର ପତି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଶିକ୍ଷାବିତ ଭୋଲାନଥ ସାହୁ ସ୍ମୃତି ଚାରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ରାସ୍ତା ନବୀକରଣ ଚିହ୍ନବର୍ଣ୍ଣ ନାହିଁ

# ନାଉରିଗଡ଼ିଆ-ଦୋବଲ ଗମନାଗମନ ଅତି ସଂକଟାପନ୍ନ





ବାରିକପୁର, ୩।୮ (ସମିସ)

ଗମନାଗମନ ସୁବିଧା ପାଇଁ ରାଜ୍ୟ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟ ହେଉଛି। ରାସ୍ତା ନବୀକରଣ ହେଉ କିମ୍ବା ପ୍ରଶସ୍ତିକରଣ ଏଥିରେ ପାଣି ଭଳି ଟଙ୍କା ଖର୍ଚ୍ଚ କରା ଯାଉଛି। ଚିନ୍ତାର ବିଷୟ କାମ ସରିବାର ବର୍ଷେ ଦୁଇ ବର୍ଷ ଭିତରେ ରାସ୍ତା ଗୁଡିକ ଜରାଜୀର୍ଣ୍ଣ ପାଲଟି ଯାଉଛି। ଫଳରେ ନବୀକରଣ ପୂର୍ବ ପରିସ୍ଥିତି ଭଳି ପଥଗୁଡିକ ଯାତାୟତ ଅନୁପଯୋଗୀ ହୋଇ ପଡୁଛି। ଏମିତି ଏକ ଗମନାଗମନ ରାସ୍ତାର ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ନାଉରିଗଡିଆ ଗାଁ ନିକଟରେ। ଗ୍ରାମର ଆଲାମଚଣ୍ଡି ପୋଖରୀ ସଂଲଗ୍ନ ଦୋଳଗୋବିନ୍ଦପୁର ମାଇନରଠାରୁ ପଡୋଶୀ ଧାମନଗର ବ୍ଲକ ଦୋବଲ ବସ ଷ୍ଟାଣ୍ଡକୁ ଗେଙ୍ଗୁଟି ବାମପାର୍ଶ୍ୱ ନଦୀ ବନ୍ଧ ରାସ୍ତାଟି ସଂଯୋଗ ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବର୍ଷାନୁକ୍ରମିକ ଏହି ରାସ୍ତାଟିର ରକ୍ଷଣାବେକ୍ଷଣ ହୋଇଥାଏ। ପ୍ରାୟ ୪କିମି ଦୈର୍ଘ୍ୟ ବିଶିଷ୍ଟ ଏହି ବନ୍ଧ ରାସ୍ତା ଦେଇ ରାତିପାହିଲେ ଦୁଇଗୋଟି ବ୍ଲକର ହଜାର ହଜାର ଜନ ସାଧାରଣ ଯାତାୟତ କରିଥାନ୍ତି। ୧୯୯୯ ବାତ୍ୟା ଯାଏଁ ବନ୍ଧଟି ସମ୍ପୂର୍ଣ୍ଣ ମାଟି ନିର୍ମାଣ ଥିଲା। ପରେ ପରେ ବର୍ଷକୁ ବର୍ଷ ଜଳସମ୍ପଦ ବିଭାଗ ଏହା ଉପରେ କିଛି କିଛି ବାଲି ମୋରମ ପକାଇ ବନ୍ଧ ରାସ୍ତାଟିକୁ ଗମନାଗମନ ଉପଯୋଗୀ କରିଥିଲା। ଦୈନନ୍ଦିନ ରାସ୍ତା ଦେଇ ଛୋଟମୋଟ ଯାନବାହାନ ଚଳାଚଳ ବୃଦ୍ଧି ପାଉଥିବା ବେଳେ ଅନେକ ଜନସାଧାରଣ ଏହା ଉପରେ ଯାତାୟତ ପାଇଁ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଥିଲେ। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ବନ୍ଧ ରାସ୍ତାଟିର ସୁଦୃଢ଼ିକରଣ ପାଇଁ ଜଳସମ୍ପଦ ବିଭାଗ ୨୦୨୧-୨୨ରେ ପ୍ରାୟ ୭କୋଟି ଟଙ୍କା ବ୍ୟୟବରାଦ କରିଥିଲା। ଟେଣ୍ଡର ଜରିଆରେ ଜଣେ ଠିକାଦାର କାମ ଆରମ୍ଭ କରିଥିବା ବେଳେ ରାସ୍ତାର ସ୍ଥାୟୀତ୍ୱକୁ ନେଇ ଲୋକ ଅନେକ ପ୍ରଶ୍ନ ଉଠାଇଥିଲେ। ସେ ଯାହାବି ହେଉ ଠିକା ସଂସ୍ଥା ଯେନତେନ ଉପାୟରେ ପର୍ଯ୍ୟାୟକ୍ରମେ ମେଟାଲ ବଜୁରି ପକାଇ ବନ୍ଧ ରାସ୍ତାଟିକୁ ମେସିନ ପିଚ ଦେଇ ନିର୍ମାଣ କରିଥିଲା। ନିର୍ମାଣ କାର୍ଯ୍ୟ ସରିବାର ଅଳ୍ପ କିଛିଦିନ ପରେ ବନ୍ଧ ରାସ୍ତାରୁ ପିଚ ଉଠିଥିବା ବେଳେ ବ୍ୟବହାର ହୋଇଥିବା ସାମଗ୍ରୀ ଧିରେ ଧିରେ ବାହାରି ଯାଇଥିଲା। ରାସ୍ତା ରକ୍ଷଣାବେକ୍ଷଣ ବାବଦରେ ଏହାକୁ ମରାମତି ପାଇଁ କୌଣସି ନିୟମ ନଥିବା ବେଳେ କିଛି ମାସ ମଧ୍ୟରେ ବନ୍ଧ ରାସ୍ତାଟି ଏକପ୍ରକାର ମରଣଯନ୍ତା ପାଲଟି ଯାଇଥିଲା। ଏବେ ରାସ୍ତାଟିକୁ ଦେଖିଲେ ଯେମିତି ଲାଗୁଛି ସତେଯେମିତି କେବେ ବି ଏହାର ନବୀକରଣ କାର୍ଯ୍ୟ ହୋଇନାହିଁ। ନାଉରିଗଡିଆ ଠାରୁ ରାଣୀପୋଖରୀ ଯାଏଁ ରାସ୍ତାର ଗୋଟିଏ ପାର୍ଶ୍ୱ ଦବି ଯାଇଥିବା ବେଳେ ରାସ୍ତା ତମାମ ଅନେକାଂଶରେ ମେଟାଲ ବଜୁରୀ ମଧ୍ୟ ଉଠି ଗଲାଣି। ବାଇକ ଓ ସାଇକେଲ ଆରୋହୀ ମାନେ ବନ୍ଧ ରାସ୍ତାରେ ଯିବା ଏକ ପ୍ରକାର କଷ୍ଟସାଧ୍ୟ ହୋଇପଡୁଛି। ଜରୁରୀକାଳୀନ ଗାଡିଟେ ଯିବା ଆସିବା ପାଇଁ ସେତେ ସହଜ ହେଉନାହିଁ। ୧୦ମିନିଟ ରାସ୍ତାକୁ ପାର ହେବା ପାଇଁ ଜନସାଧାରଣଙ୍କୁ ଏବେ ଅଧଘଣ୍ଟାଏ ସମୟ ଲାଗୁଛି। ଖରା ହେଲେ ରାସ୍ତା ସାରା ଧୂଳି ଉଡୁଥିବା ବେଳେ ବର୍ଷା ହେଲେ ପାଣି ଜମି ଯାଉଛି। ଏବେ ଗମନାଗମନ ପାଇଁ ହଜାର ହଜାର ଲୋକ ଯନ୍ତ୍ରଣା ଜର୍ଜରିତ ପରିସ୍ଥିତିକୁ ସାମ୍ନା କରୁଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହିତ ବନ୍ଧ ରାସ୍ତାଟିକୁ ତୁରନ୍ତ ମରାମତି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଛି।

## ଚାଲିଛି ରାସ୍ତାପାର୍ଶ୍ୱ ଗଛକଟା



ଭଣ୍ଡାରିପୋଖରୀ, ୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକର ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ-ଭାୟା ତୁଆଗଡିଆଠାରୁ ମଞ୍ଜୁରୀରୋଡକୁ ସଂଯୋଗକାରୀ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଦୁଇ ପାଶ୍ୱର୍ରେ ପଞ୍ଚାୟତ ପକ୍ଷରୁ ରୋପଣ କରାଯାଇଥିବା ଗଛଗୁଡିକୁ ପ୍ରତିଯୋଗିତା ପୂର୍ଣ୍ଣ ଭାବେ କଟାଯାଉଥିବା ଅଭିଯୋଗ ହୋଇଛି। ଗଛଟି ଲଗାଇବା ଦୂରର କଥା, ରୋପଣ ହୋଇଥିବା ଗଛଗୁଡିକୁ ଅବାଧରେ କାଟି ଦିଆଯିବା ପରିବେଶ ପ୍ରେମୀଙ୍କୁ ବ୍ୟଥିତ କରିଛି। ୨୦୧୯ରେ ବୃକ୍ଷରୋପଣ କରାଯାଇ ରାସ୍ତାକୁ ସବୁଜ ଆଚ୍ଛାଦିତ କରାଯାଇଥିଲା। ଏହି ରାସ୍ତାର ପାଶ୍ୱର୍ ଜମିକୁ ଅବରୋଧ କରାଯାଇ ଚାଷ କରାଯିବା ପରେ ଗଛଗୁଡିକ ଚାଷ ପ୍ରତି ସମସ୍ୟା ଭାବେ କୁହାଯାଇ ଗଛଗୁଡିକୁ ସମ୍ପୂର୍ଣ୍ଣ ଅଥବା ଆଂଶିକ କାଟି ଦିଆଯାଇଛି। ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ଏହି କାର୍ଯ୍ୟକୁ ଦେଖି ନଦେଖିଲା ପରି ଆଡେଇ ଚାଲିଯାଉଛନ୍ତି। ଫଳରେ ଗଛକଟାଳିମାନେ ନିର୍ଭୟ ହୋଇ ଏହି ବେଆଇନ କାର୍ଯ୍ୟ କରୁଥିବା ଜଣାଯାଇଛି। ଏଭଳି ବେଆଇନ ଗଛକଟା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଙ୍ଗଲ ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କେ ମତ ଦେଇଛନ୍ତି।

## ମଠଜମିରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ ବିଲ୍ ଉଠାଇବା ମସୁଧା

ଭଣ୍ଡାରିପୋଖରୀ, ୩।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଖଡ଼ିସିଙ୍ଗା ଗ୍ରାମର ମଠଜମିରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରାଯାଇ ବିଲ୍ ଉଠାଇ ନେବାକୁ ବ୍ଲକ ପ୍ରଶାସନ ମସୁଧା ପଦାରେ ପଡିଛି। ଉଭୟ ନିର୍ମାଣ କାର୍ଯ୍ୟ ଓ ବିଲ ଉଠାଇବାକୁ ବିରୋଧ କରି ଆସୁଥିବା ମଠ ମହନ୍ତଙ୍କୁ ଠିକାଦାର ସଲାସୁତୁରାରେ ବ୍ଲକ ପ୍ରଶାସନ ପ୍ରଭାବିତ କରି ଅଭିଯୋଗ ଖଣ୍ଡନ ଲେଖା ହାସଲ କରିଥିବା ଜଣାଯାଇଛି। ଗ୍ରାମର ଖାତାନଂ ୧୫୨ରେ ଖସଡା ନଂ ୬୫୨ ରକବା ଏ୦.୦୬ ଡେସିମିଲ ଘରବାଡି କିସମ ଅଟେ। ଏହି ଜମିର ମାଲିକ ଯାଜପୁର ଜିଲ୍ଲା ଗୁରୁଦାସପୁର ଗ୍ରାମର ଶ୍ରୀଚୈତନ୍ୟ ମଠ ମାର୍ଫତ ମହନ୍ତ ନିମାଁଇ ଚରଣ ଦାସଙ୍କ ନାମରେ ରହିଛି। ଏହା ଦେବୋତ୍ତର



ସମ୍ପତ୍ତି ଅଟେ। ବ୍ଲକ ପକ୍ଷରୁ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୦୨୩-୨୪ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଗୋଷ୍ଠୀକେନ୍ଦ୍ର ଏହି ଜମି ଉପରେ ବିଭାଗୀୟ ଭାବେ ବଳପୂର୍ବକ ନିର୍ମାଣ କରାଯାଇଛି। ବହୁ ଦୂରରେ ଥିବାରୁ ଜମିକୁ ମଠ ପକ୍ଷରୁ ଜଗାରଖା କରିବା ସମ୍ଭବ ହେଉନାହିଁ। ଏହାର ସୁଯୋଗ ନେଇ ଏହି ଜମି ଉପରେ ସରକାରୀ ପ୍ରକଳ୍ପ ନିର୍ମାଣ କରି ବିଲ କରାଇ ନେବାକୁ ଉଦ୍ୟମ ବହୁବାର କରାଯାଇଛି। ସଂପୃକ୍ତ ମଠ ମହନ୍ତ ଏଥିପାଇଁ ଆରମ୍ଭରୁ ବିରୋଧ କରିଆସିଛନ୍ତି। ପ୍ରଥମେ ନିର୍ମାଣ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ମହନ୍ତଙ୍କ ନାମରେ ଏକ ମିଥ୍ୟା ଶପଥପାଠ ବ୍ଲକରେ ଦାଖଲ କରି ବିଲ ଉଠାଇବାକୁ ପ୍ରୟାସ କରିଥିଲେ। ଗତ ମାର୍ଚ୍ଚ ୧୮ ତାରିଖରେ ଖୋଦ ମଠ ମହନ୍ତ ବିଡିଓଙ୍କ ନିକଟରେ ଏଭଳି ଲିଖିତ ଅଭିଯୋଗ କରିବା ସହ ଏଥିପ୍ରତି ସତର୍କ ରହିବାକୁ ଅନୁରୋଧ କରିଥିଲେ। ଏବେ ମଠ ମହନ୍ତଙ୍କଠାରୁ ଅଭିଯୋଗ ପ୍ରତ୍ୟାହାର ଲେଖା ବ୍ଲକ ପ୍ରଶାସନ ହାସଲ କରିଥିବା ଜଣାଯାଇଛି। ମଠ ମହନ୍ତ ବ୍ୟକ୍ତିଗତ ଇଚ୍ଛାରେ କାହାକୁ ମଠ ସମ୍ପତ୍ତି ବ୍ୟବହାର ପାଇଁ ଅନୁମତି ଦେବା ବେଆଇନ ଅଟେ। ଆଇନଗତ ବାଧକ ସତ୍ତ୍ୱେ ମଠ ମହନ୍ତଙ୍କ ଅଭିଯୋଗ ପ୍ରତ୍ୟାହାର ଲେଖାକୁ ଢାଲ କରି ଦାୟିତ୍ୱରେ ଥିବା ଯନ୍ତ୍ରୀ ଯଥାଶିଘ୍ର ବିଲପାସ କରି ବିଡିଓଙ୍କ ଅନୁମୋଦନ ପାଇଁ ପଠାଇଥିବାରୁ ଉଦବେଗ ପ୍ରକାଶ ପାଇଛି। ତେବେ, ଏହି ପ୍ରକଳ୍ପ ବିଲ ହୋଇନାହିଁ ଓ ଅଭିଯୋଗ ସମ୍ପର୍କରେ ଅବଗତ ଅଛନ୍ତି ବୋଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ନାରାୟଣ ସ୍ମୃତିସେବା ଓ ସାହିତ୍ୟ ଗବେଷଣା ପରିଷଦର ଆଲୋଚନାଚକ୍ର



ତିହିଡି, ୩।୮(ସମିସ): ତିହିଡ଼ି ସାହିତ୍ୟ ଗବେଷଣା ପରିଷଦର ଏକ ଆଲୋଚନାଚକ୍ର ପରିଷଦର ସଭାପତି ବିଭୂତି ଭୂଷଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯେଉଁଠି ନାରୀମାନେ ପୂଜାପାଆନ୍ତି ସେଠାରେ ଦେବତାମାନେ ଅବସ୍ଥାନ କରନ୍ତି ଏହି ଆପ୍ତବାକ୍ୟ ଯୁଗେ ଯୁଗେ ସ୍ମରଣୀୟ। ସଂପ୍ରତିକ ସମାଜରେ ଇତିଶ୍ରୀ, ସନ୍ଧ୍ୟାରାଣୀ, ସୁଜାତା ବେଂ ସୌମ୍ୟାଶ୍ରୀ ପର୍ଯ୍ୟନ୍ତ ରମଣୀମାନେ ସମାଜରେ ନିର୍ଯାତନାର ଶିକାର ହୋଇଥିବାରୁ ଉଦେବେଗ ପ୍ରକାଶ କରାଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସମ୍ମାନିତ ଅତିଥି ଓ ବକ୍ତା ଭାବେ ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ, ସୁରୁଚିପ୍ରଭା ଦାସ, ରବିକୁମାର ମହାନ୍ତି, ଶିକ୍ଷାବିତ୍ ଶୀତଳ ବେହେରା, ସମାଜସେବୀ ସାବିତ୍ରୀ ବାନାର୍ଜୀ, କବି କୃପାସିନ୍ଧୁ ମହାନ୍ତି, ନୀଳମାଧବ ସେନାପତି, କୈଳାସଚନ୍ଦ୍ର ବେହେରା, ମୁସ୍ତାକ ଗୌହର, ଶେଖ୍ ଅବଦୁଲ ଦୟାନ, ଆଶୁତୋଷ କରଣ, ସୁବାସ ମହାନ୍ତି, ବୈକୁଣ୍ଠନାଥ ଓଝା, ରଶ୍ମିତା ମହାନ୍ତି ଓ ଶାନ୍ତିଲତା ଗିରି ବକ୍ତବ୍ୟ ରଖିଥିଲେ। କବି ବିଶ୍ୱମୈତ୍ରୀ ନାୟକଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ ପରେ ସାଧାରଣ ସଂପାଦକ ସଂଯୁକ୍ତା ଭାରତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଗାୟତ୍ରୀ ନାୟକ, ରୂପ୍ସା ସାହୁ, ବୈଶାଖୀ ପରିଡ଼ା, ଯଶୋଦା ନାୟକ, ଶ୍ରଦ୍ଧାସୁମନ ସାହୁ, ରଚନା ପରିଡ଼ା, ପ୍ରିୟାଂଶୁ ସାହୁ, ପ୍ରଜ୍ଞାପାରମିତା ଦାସ, ସ୍ୱାଗତିକା ବେହେରା, ରୀତିରେଖା ମହାଳିକ, ସାଇକ୍ରିଷ୍ଟା ବାରିକ ଓ ସୁଲଗ୍ନା ଦାସ 'ନାରୀ ନରନାରାୟଣୀ' ଉପରେ ସ୍ୱରଚିତ କବିତା ପାଠ କରିଥିଲେ। କବି କୈଳାସଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଚୋରାକାଠ ବ୍ୟବସାୟକୁ ପ୍ରୋତ୍ସାହନ

ଧାମନଗର, ୩।୮(ସମିସ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଚୋରା କାଠ ବ୍ୟବସାୟକୁ ବନବିଭାଗ ପଛପଟରୁ ପ୍ରୋତ୍ସାହନ ଯୋଗାଉଥିବା ସାଧାରଣରେ ଅଭିଯୋଗ କରିଛନ୍ତି। ଧାମନଗର ବନବିଭାଗ ତଥା ଫରେଷ୍ଟର, ରେଞ୍ଜର ଅଫିସରଠାରୁ ଅଳ୍ପ ଦୁରରେ ଛତୁ ଫୁଟିଲା ଭଳି ଚାଲିଛି ଚୋରା କାଠ ବେପାର। ମୋଟା ଅଙ୍କରେ ଅର୍ଥ ଆଦାୟ କରି ସବୁ ଜାଣି ଚୁପ୍ ବସିଛନ୍ତି ରେଞ୍ଜ ଅଧିକାରିଣୀ ଓ କର୍ମଚାରୀ। କାଠ ବ୍ୟବସାୟଙ୍କ ସୂତ୍ରରୁ ଯାହା ଜଣାଯାଏ, ତଳୁ ନେଇ ଉପର ପର୍ଯ୍ୟନ୍ତ ମାସିକ ବଟିରେ ଦିଆଯାଉଛି। ତେବେ ଧାମନଗର ଅଞ୍ଚଳରେ ବେଆଇନ କରତକଳ ଏବଂ ଚୋରା କାଠ ବ୍ୟବସାୟ ଚାଲିଛି କାହା ଇଙ୍ଗିତରେ ଏସବୁର ସୂଚନା ଚାନ୍ଦବାଲି ଡିଏଫ୍ଓଙ୍କ ଦୃଷ୍ଟିରେ ଅଛି ତ ! ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଫରେଷ୍ଟର ସହ ଯୋଗାଯୋଗ କରିଥିଲେ ମଧ୍ୟ ମୁଁ ଏବେ ନୂଆ ଆସିଛି ମତେ ସମୟ ଦରକାର ସବୁ ଜାଣିବା ପାଇଁ ବୋଲି କହିବା ସହ ରେଞ୍ଜର ସବୁ ବୁଝୁଥିଲେ ବୋଲି କହିଛନ୍ତି।

## ଶ୍ରାବଣୀ ଯାତ୍ରାରେ ଆଖଣ୍ଡଳମଣିଙ୍କୁ ପୂଜାର୍ଚ୍ଚନାକଲେ ଉଚ୍ଚ ଶିକ୍ଷାମନ୍ତ୍ରୀ

ଆରଡି,୩।୮ (ସମିସ)



ପବିତ୍ର ଶ୍ରାବଣୀ ଯାତ୍ରା ଅବସରରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରବିବାର ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିଧାମ ଗସ୍ତରେ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରାବଣୀ ମହାଦେବଙ୍କ ଉପରେ ଜଳଲାଗି କରି ମନ୍ଦିର ବେଢ଼ା ବୁଲିଥିଲେ। ମନ୍ତ୍ରୀ ଆରଡ଼ିପୀଠର କିଛି ସମୟ ରହି ପୀଠର ବିକାଶ ପାଇଁ ସରକାର ଆଗକୁ କଣ କଣ ପଦକ୍ଷେପ ନେବେ ସେ ବାବଦରେ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ମହାଶିବରାତ୍ରି ଦିନ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ସହ ମନ୍ତ୍ରୀ ଆରଡ଼ିପୀଠକୁ ଆସିଥିଲେ ପୀଠର ବିକାଶ ପାଇଁ ୧୦କୋଟି ଟଙ୍କା ଘୋଷଣା କରିଥିଲେ ହେଲେ ଅଦ୍ୟାବଧି ସେ କାମ ଆରମ୍ଭ ହୋଇ ନଥିବାରୁ ସେବାୟତମାନେ ମନ୍ତ୍ରୀଙ୍କ ନଜରକୁ ଆଣିଥିଲେ। ଏଥିସହ ପୀଠରେ ଏକ ଗୋଶାଳା, ସଂସ୍କୃତ ବିଦ୍ୟାଳୟ ସହ ଯୁକ୍ତ ଦୁଇ କଲେଜର ବ୍ୟବସ୍ଥା କରିବାକୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବି କରିଥିଲେ ସ୍ଥାନୀୟ ଲୋକ। ତେବେ, ମନ୍ତ୍ରୀଙ୍କ ଗସ୍ତରେ ଆରଡି, ନାନ୍ଦପୁର, ଓଳଗ ପଞ୍ଚାୟତର ବିଜେପି ଦଳର ସଭାପତିଙ୍କ ସହ ପୁରୁଖା କର୍ମୀଙ୍କୁ ଦେଖିବାକୁ ମିଳି ନଥିଲା। ଏପରିକି ଆରଡି ପଞ୍ଚାୟତର ବିଜେପି ସଭାପତି ଦେବଦତ୍ତ ପାଢ଼ୀ, ବରିଷ୍ଠନେତା ଜୀବନାନନ୍ଦ ପାଢ଼ୀ, ଆଶିଷ ପାଢ଼ୀ, ନାନ୍ଦପୁର ପଞ୍ଚାୟତର ସଭାପତି ସ୍ୱଦେଶ ପଣ୍ଡା, ସରପଞ୍ଚଙ୍କ ପ୍ରତିନିଧି ଗଣେଶ ବିଶ୍ୱାଳ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିବା ସହ ମନ୍ତ୍ରୀ ଆରଡି ପୀଠକୁ ଆସିବା ସମୟରେ ତାଙ୍କୁ ଜଣାଯାଇ ନଥିବା କହିଛନ୍ତି।

## 'ଆଖିର ପଲକ ତଳେ' ଲୋକାର୍ପିତ

ବାରିକପୁର, ୩।୮ (ସମିସ): ଗଠନମୂଳକ ସାହିତ୍ୟସୃଷ୍ଟି ପାଠକ ଆଦୃତ ଲାଭ କରିଥାଏ ବୋଲି ମଞ୍ଜୁରୀରୋଡସ୍ଥିତ ପ୍ରତିଭା ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ନବଘନ ପଣ୍ଡା ସ୍ମାରକୀ ସମ୍ମାନ ଓ ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାହ୍ନୁଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଡ. ନିରଞ୍ଜନ ପତି, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ଶ୍ରୀଅରବିନ୍ଦ ଦର୍ଶନର ଗବେଷକ ରବୀନ୍ଦ୍ରନାଥ ପାଢ଼ୀ ଯୋଗ ଦେଇଥିଲେ। ଉତ୍ସବ ଅବସରରେ କବି ଡ. କୁଞ୍ଜବିହାରୀ ଧଳଙ୍କୁ 'ନବଘନ ପଣ୍ଡା ସ୍ମୃତିଶିକ୍ଷା' ଓ ଅଧ୍ୟାପକ ଡ. ଅଜୟ କୁମାର ପ୍ରଧାନଙ୍କୁ 'ନବଘନ ପଣ୍ଡା ପାଠକ ସମ୍ମାନ' ପ୍ରଦାନ କରାଯାଇଛି। ନବଘନ ପଣ୍ଡାଙ୍କ 'ଆଲୋକ ପଥ', ଡ. ନିରଞ୍ଜନ ପତିଙ୍କ 'ଆଖିର ପଲକ ତଳେ' ଓ ସୁରଞ୍ଜନ ପଣ୍ଡାଙ୍କ 'କବିତାର ଶବ୍ଦ କବିତା' ପୁସ୍ତକ ଅତିଥିଙ୍କ ଗହଣରେ ପାଠକାର୍ପଣ କରାଯାଇଥିଲା। କବି ଅଧ୍ୟାପିକା ମନୋରମା ଖଣ୍ଡାଇ, ରତିକାନ୍ତ ବେହେରା, ରାହୁଲ ସେଠୀ ପ୍ରମୁଖ ସ୍ୱରଚିତ କବିତା ପାଠ



କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଶ୍ୱନାଥ ବାରିକ ସ୍ୱାଗତ ଭାଷଣ, ଆବାହକ ପ୍ରକାଶ ମହାପାତ୍ର ଅତିଥି ପରିଚୟ, ସୁରଞ୍ଜନ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ, କିଶୋର ଦାସ ସ୍ମୃତିଚାରଣ ଓ ଧନେଶ୍ୱର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ରମଣୀ ରଞ୍ଜନ ଦାଶ, ଡ. କେଶବ ମହାପାତ୍ର, ମନ୍ମୟୀ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୧୫ ● ପାଉଣ୍ଡ ୧୧୫.୨୬
- ୟୁରୋ ୧୦୦.୮ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୭,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୧୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୫୯୯.୦୦
- ନିଫ୍ଟି ୨୪,୫୬୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବ୍ୟକ୍ତିଗତ ଅଣ-ବାଣିଜ୍ୟିକ ଯାନ ପାଇଁ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍

- ଫାସ୍‌ଟ୍ୟାଗ୍‌ରେ କେବଳ ଚେସିସ୍ ନମ୍ବର ଥିଲେ ମିଳିବନି ପାସ୍
- ଅଗଷ୍ଟ ୧୫ରୁ ହେବ ଉପଲବ୍ଧ




ନୂଆଦିଲ୍ଲୀ,୩।୮ (ଏଜେନ୍ସି):କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି। ଏହା ଅଗଷ୍ଟ ୧୫ରୁ ଉପଲବ୍ଧ ହେବ। ଏହାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି ରହିବ। ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାଁନ୍ତି, ସେମାନେ ପୂର୍ବପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ। ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ। ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରୀ। ଏହାବାଦ୍ ଗାଡ଼ିର ପଞ୍ଜିକରଣ ନମ୍ବର କଳା ତାଲିକାରେ ନ ରହିଥିବା ଉଚିତ୍। ଯଦି କେବଳ ଚେସିସ୍ ନମ୍ବର ଫାସ୍‌ଟ୍ୟାଗରେ ପଞ୍ଜିକୃତ ହୋଇଥାଏ, ତେବେ ଏଥିରେ ବାର୍ଷିକ ପାସ୍ ଜାରି କରାଯିବନାହିଁ। ଏଥିପାଇଁ ଗାଡ଼ିର ପଞ୍ଜିକରଣ ନମ୍ବର ଅପଡେଟ୍ କରିବା ଆବଶ୍ୟକ। ଏହି ପାସ୍ କେବଳ କାର୍, ଜିପ୍ ଏବଂ ଭ୍ୟାନ ଭଳି ବ୍ୟକ୍ତିଗତ ଅଣ-ବାଣିଜ୍ୟିକ ଯାନ ପାଇଁ ବୈଧ ହେବ। ଫାସ୍‌ଟ୍ୟାଗ୍ ସକ୍ରିୟ କରିବା ପୂର୍ବରୁ ଫାସ୍‌ଟ୍ୟାଗ୍ ଡାଟାବେସ୍‌ରୁ ଯାଞ୍ଚ କରାଯିବ। ଯଦି କୌଣସି ବାଣିଜ୍ୟିକ ଯାନ ଏହାକୁ ବ୍ୟବହାର କରେ, ତେବେ ମନ୍ତ୍ରଣାଳୟ ଅନୁଯାୟୀ ସେହି ପାସ୍ କୌଣସି ସୂଚନା ବିନା ତୁରନ୍ତ ବାତିଲ ହୋଇଯିବ। ଏହି ପାସ୍ କେବଳ ଜାତୀୟ ରାଜପଥ (ଏନ୍‌ଏଚ୍) ଏବଂ ଜାତୀୟ ଏକ୍ସପ୍ରେସୱେ (ଏନ୍‌ଇ) ର ଟୋଲ୍ ପ୍ଲାଜାରେ ବୈଧ ହେବ। ଯଦି ଆପଣ ଏହାକୁ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ରାଜ୍ୟ ରାଜପଥ (ଏସ୍‌ଏଚ୍) କିମ୍ବା ଏକ୍ସପ୍ରେସୱେ ଟୋଲ୍‌ରେ ବ୍ୟବହାର କରନ୍ତି, ତେବେ ଏଥିପାଇଁ ଏକ ପୃଥକ ଉପଭୋକ୍ତା ଶୁଳ୍କ ଦେବାକୁ ପଡିପାରେ। ବାର୍ଷିକ ପାସ୍ ଥିବା ଫାସ୍‌ଟ୍ୟାଗ୍ କେବଳ ସେହି ଯାନ ପାଇଁ ବୈଧ ହେବ ଯେଉଁଥିରେ ଫାସ୍‌ଟ୍ୟାଗ୍ ଲାଗିଛି ଏବଂ ପଞ୍ଜିକୃତ ହୋଇଛି। ଯଦି ଅନ୍ୟ କୌଣସି ଯାନରେ ବ୍ୟବହାର କରାଯାଏ, ତେବେ ପାସ୍ ତୁରନ୍ତ ବାତିଲ ହୋଇଯିବ। ଦେୟ ନିଶ୍ଚିତ ହେବା ପରେ ୨୦୨୫-୨୬ ବର୍ଷ ପାଇଁ ପାସ୍ ୩,୦୦୦ ଟଙ୍କା ପଡ଼ିବ। ଏହି ପାସ୍ ସାଧାରଣତଃ ୨ ଘଣ୍ଟା ମଧ୍ୟରେ ସକ୍ରିୟ ହୋଇଯିବ। ଏହି ପାସ୍ ନିର୍ଦ୍ଦିଷ୍ଟ ଜାତୀୟ ରାଜପଥ ଏବଂ ଜାତୀୟ ଏକ୍ସପ୍ରେସୱେ ଟୋଲ୍ ପ୍ଲାଜାରେ ଏକ ବର୍ଷ କିମ୍ବା ୨୦୦ ଯାତ୍ରା (ଯେଉଁଟି ପୂର୍ବରୁ ହେବ) ପାଇଁ ବ୍ୟକ୍ତିଗତ କାର, ଜିପ୍ ଏବଂ ଭ୍ୟାନ ନିମନ୍ତେ ମାଗଣା ଯାତ୍ରା ଅନୁମତି ଦେବ। ଥରେ ଏହାର ସୀମା ବା ଲିମିଟ୍‌ରେ ପହଞ୍ଚିବା ପରେ ପାସ୍ ସ୍ୱୟଂଚାଳିତ ଭାବରେ ଏକ ସାଧାରଣ ଫାସ୍‌ଟ୍ୟାଗ୍‌ରେ ପରିବର୍ତ୍ତିତ ହେବ।

## ନିଜ ଜାଲରେ ଫସିବେ ଟ୍ରମ୍ପ

# ଗେମ୍ ବଦଳାଇବ ଭାରତ; ଇୟୁ, ମଧ୍ୟପ୍ରାଚ୍ୟମୁହାଁ ବ୍ୟବସାୟୀ

ନୂଆଦିଲ୍ଲୀ,୩।୮ (ଏଜେନ୍ସି)

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଆଲୋଚନା ଅଧା ବାଟରେ ଥିବାବେଳେ ଅଚାନକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଦିଛନ୍ତି ୨୫% ଶୁଳ୍କ। ଚୁକ୍ତି ଚୂଡ଼ାନ୍ତ ହୋଇନି, ହେଲେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଫାଟ। ନୂଆ ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହେବ। ପୂର୍ବ ଅପେକ୍ଷା ୧୦ ଗୁଣା ଶୁଳ୍କ ବୃଦ୍ଧି କରିଛନ୍ତି ଟ୍ରମ୍ପ। କେବଳ ଟାରିଫ ନୁହେଁ, ଭାରତ ଋଷ ସହ ବ୍ୟବସାୟ କରୁଥିବାରୁ ଜରିମାନା ବି ଆଦାୟ କରିବାକୁ ଧମକ ଦେଇଛନ୍ତି। ଟ୍ରମ୍ପଙ୍କର ଏହି ଅଚାନକ ପଦକ୍ଷେପ ପରେ ଭାରତର ପ୍ରାୟ ୮୭ ବିଲିୟନ ଡଲାର ରପ୍ତାନି ଏବେ ବିପଦରେ।

ଋଷ ସହିତ ବ୍ୟବସାୟିକ ସମ୍ପର୍କ ଯୋଗୁ ଆମେରିକାର ଆକ୍ରୋଶର ଶିକାର ହୋଇଛି ଭାରତ। ଟ୍ରମ୍ପଙ୍କ ଟାରିଫ୍କୁ ବିଭିନ୍ନ ଦୃଷ୍ଟିକୋଣରେ ଦେଖାଯାଉଛି। ଏହା ତାଙ୍କର ବ୍ୟବସାୟିକ ନୀତି ନୁହେଁ, ବଂର ଚାପ ପକାଇବାର ଏକ ଉଦ୍ୟମ ବୋଲି ଅର୍ଥନୀତିଜ୍ଞମାନେ କହିବା ଆରମ୍ଭ କଲେଣି। ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା




**ଆମେରିକାର ମୁଦ୍ରାସ୍ଫୀତି ବଢ଼ିବ; ପ୍ରଭାବିତ ହେବେ ଉପଭୋକ୍ତା**

ପାଇଁ ଅଗଷ୍ଟ ୨୫ରେ ଭାରତ ଆସୁଛନ୍ତି ଆମେରିକା ପ୍ରତିନିଧି ଦଳ। ତା' ପୂର୍ବରୁ ଏଭଳି ଆକ୍ରମଣାତ୍ମକ ମନୋଭାବ ପ୍ରୟୋଗ କରି ଟ୍ରମ୍ପ ଭାରତକୁ ଭୟଭୀତ କରାଇବାକୁ ଚାହୁଁଛନ୍ତି। ସେହିପରି ଋଷ ସହ ସମ୍ପର୍କ ବିଗାଡ଼ି ନିଜେ ଫାଇଦା ନେବାକୁ ଚାହୁଁଛି। ରୁଷଠାରୁ ଭାରତର ତୈଳ ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ବିରୋଧ କରିଆସୁଛନ୍ତି ଟ୍ରମ୍ପ। ୟୁକ୍ରେନ୍ ଯୁଦ୍ଧ ରୋକିବା ଆଳରେ ଯେମିତି ଭାରତ ଋଷ ଠାରୁ ସାମଗ୍ରୀ ନ କିଣି ଆମେରିକାଠାରୁ ଅଧିକ ସାମଗ୍ରୀ କିଣିବ ତାହା ହିଁ ଟ୍ରମ୍ପଙ୍କର ଟାର୍ଗେଟ୍। କାରଣ ୟୁରୋପୀୟ ସଂଘ ଏବଂ ବ୍ରିଟେନ୍, ଇଣ୍ଡୋନେସିଆ, ଫିଲିପାଇନ୍ସ ଏବଂ ଭିଏତ୍ନାମ ଭଳି ରାଷ୍ଟ୍ରଗୁଡ଼ିକ ଅପେକ୍ଷା ଭାରତ ଉପରେ ଟ୍ରମ୍ପ ଅଧିକ ଶୁଳ୍କ ଲଗାଇଛନ୍ତି। ତେବେ ଚୀନ୍ ଉପରେ ଲାଗିଥିବା ୩୦% ଶୁଳ୍କ ତୁଳନାରେ ଏହା କମ୍ ରହିଛି। ପରୋକ୍ଷରେ କହିବାକୁ ଗଲେ ଆମେରିକାର ଶତ୍ରୁ ଟାର୍ଗେଟ୍‌ରେ ଚୀନ ପରେ ଏବେ ଦ୍ୱିତୀୟରେ ରହିଛି ଭାରତ।

ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ ଟ୍ରମ୍ପଙ୍କ ଶୁଳ୍କ ଆମେରିକା ପାଇଁ ବୁମେରାଂ ହେବ ବୋଲି କୁହାଯାଇଛି। ଏସ୍‌ବିଆଇ କହିଛି ଏହା ଆମେରିକାର ସବୁଠାରୁ 'ଖରାପ ବାଣିଜ୍ୟ ନୀତି'। କାରଣ ଏହା ଦ୍ୱାରା ଆମେରିକାର ଘରୋଇ ମୁଦ୍ରାସ୍ଫୀତି ବଢ଼ିବ। ଏଥିରେ ଆମେରିକାର ଉପଭୋକ୍ତା ପ୍ରଭାବିତ ହେବେ। ଟ୍ରମ୍ପଙ୍କ ଶୁଳ୍କ ମାଡ଼ ପରେ ଭାରତ ସରକାର ହଠାତ୍ ପ୍ରତିକ୍ରିୟାଶୀଳ ନ ହୋଇ ନିରବରେ ରାସ୍ତା ଖୋଜୁଛନ୍ତି। ଅନ୍ୟପଟେ ଭାରତର ବ୍ୟବସାୟୀମାନେ ଏବେ ଆମେରିକା ପରିବର୍ତ୍ତେ ବିକଳ୍ପ ବଜାର ସନ୍ଧାନରେ ମୁହାଁଇଛନ୍ତି। ଭାରତୀୟ ରପ୍ତାନିକାରୀମାନେ ୟୁରୋପୀୟ ସଂଘ(ଇୟୁ),ଅନ୍ୟ ଏସୀୟ ଦେଶ ଏବଂ ମଧ୍ୟପ୍ରାଚ୍ୟ ବଜାର ଆଡ଼କୁ ମୁହାଇଁଲେଣି। ବିଶେଷ କରି ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଜଳବାୟୁ-ସମୃଦ୍ଧ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକ ଟ୍ରାକ୍ ଚେଞ୍ଜ ପାଇଁ ଉଦ୍ୟମ ଆରମ୍ଭ କରିଦେଲେଣି।

# କେ ଜେ ପଟେଲ ଇଫ୍‌କୋର ନୂଆ ଏମ୍‌ଡି

ଭୁବନେଶ୍ୱର,୩।୮ (ସମିସ): କେ ଜେ ପଟେଲ ହୋଇଛନ୍ତି ଇଫ୍‌କୋର ନୂତନ ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି)। ଏହି ନୂଆ ପଦ ପାଇଁ ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସଂଘାନି ଶ୍ରୀ ପଟେଲଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ଶ୍ରୀ ପଟେଲ ଡାଇରେକ୍ଟର (ଟେକ୍ନିକାଲ, ଇଫ୍‌କୋ) ଭାବରେ କାର୍ଯ୍ୟ କରୁଥିଲେ। ସାର ଶିଳ୍ପରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ଶ୍ରୀ ପଟେଲ ସୌରାଷ୍ଟ୍ର ୟୁନିଭରସିଟିର ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ନାଇଟ୍ରୋଜେନସ୍ ଓ ଫସଫେଟିକ ଫର୍ଟିଲାଇଜର ପ୍ଲାଣ୍ଟଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣରେ ତାଙ୍କର ୩୨ ବର୍ଷରୁ ଅଧିକ କାଳ ଅଭିଜ୍ଞତା ରହିଛି। ପରିଚାଳନାଗତ ଉତ୍କର୍ଷତା ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ଆଗେଇନେବାରେ ତାଙ୍କର ମଜଭୁତ ପିଛିଲା ରେକର୍ଡ ନିମନ୍ତେ ସେ ସୁପରିଚିତ। ସେ ଭାରତରେ ସର୍ବବୃହତ କମ୍ପ୍ଲେକ୍ସ ସାର କାରଖାନା



ପାରାଦୀପ ପ୍ଲାଣ୍ଟର ନେତୃତ୍ୱ ନେଉଥିଲେ। ଏହି ନିଯୁକ୍ତି ଉପରେ ଶ୍ରୀ ସଂଘାନି କହିଛନ୍ତି ଯେ, ଶ୍ରୀ ପଟେଲଙ୍କର ଶିଳ୍ପ ସମ୍ପର୍କିତ ଗଭୀର ଜ୍ଞାନ, ପ୍ରମାଣିତ ରଣକୌଶଳାତ୍ମକ ଚିନ୍ତନ ଆଭିମୁଖ୍ୟ ରହିଛି, ଯାହା ଇଫ୍‌କୋର ଲକ୍ଷ୍ୟ ସମୂହ ସହିତ ମେଳ ଖାଉଛି। ଏଥିସହ ସେ କହିଥିଲେ ଯେ, ବୋର୍ଡ ଦୃଢ ନିଶ୍ଚିତ ଯେ ଶ୍ରୀ ପଟେଲ ଇଫ୍‌କୋକୁ ନବସୃଜନ ଏବଂ ମୂଲ୍ୟ ସୃଷ୍ଟି କ୍ଷେତ୍ରରେ ଏକ ନୂତନ ଯୁଗକୁ ଆଗେଇନେବେ ଏବଂ ଇଫ୍‌କୋ ତାହାର ମଜଭୁତ ମୂଳଦୁଆ ଉପରେ ଆଗକୁ ବଢିବା ଜାରି ରଖିବା ସହିତ କୃଷକ ଓ ସମବାୟ ସଂସ୍ଥାଗୁଡିକର କଲ୍ୟାଣ ଦିଗରେ ନିରନ୍ତର କାର୍ଯ୍ୟ କରିବ। ଶ୍ରୀ ସଂଘାନି ମଧ୍ୟ ବିଦାୟୀ ଏମ୍‌ଡି ଡଃ.ୟୁ ଏସ ଅୱସ୍ଥିଙ୍କୁ ଇଫ୍‌କୋ ଓ ସମଗ୍ର ଦେଶରେ କୃଷକ ସମୁଦାୟଙ୍କ ପ୍ରତି ବହୁମୂଲ୍ୟ ଅବଦାନ ଓ ଉତ୍ସର୍ଗୀକୃତ କାର୍ଯ୍ୟ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି।

# ଟାରିଫ୍‌ରୁ ଆୟ ଅର୍ଥକୁ ଆମେରିକା ଲୋକଙ୍କ ମଧ୍ୟରେ ବାଣ୍ଟିବେ ଟ୍ରମ୍ପ

ୱାଶିଂଟନ୍,୩।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଯୋଜନାରେ କାମ କରୁଛନ୍ତି ଯାହା ଶୁଣିବାକୁ ଅଜବ ଲାଗୁଥାଇପାରେ, କିନ୍ତୁ ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଏହା ସାଧାରଣ ଆମେରିକୀୟ ନାଗରିକଙ୍କ ପାଇଁ ଏକ ବଡ଼ ଖବର ପ୍ରମାଣିତ ହୋଇପାରେ। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ କହିଛନ୍ତି ଯେ ସେ ଅନ୍ୟ ଦେଶରୁ ଶୁଳ୍କ ମାଧ୍ୟମରେ ସଂଗ୍ରହ କରୁଥିବା ଟଙ୍କାର ଏକ ଅଂଶକୁ ଲାଭାଂଶ ଭାବରେ ତାଙ୍କ ଦେଶର ଲୋକଙ୍କ ମଧ୍ୟରେ ବଣ୍ଟନ କରିବାକୁ ବିଚାର କରୁଛନ୍ତି। ଅର୍ଥାତ୍, ଭାରତ ସମେତ ଅନେକ ଦେଶରୁ ଆମଦାନୀ ଉପରେ ଲାଗୁ ହୋଇଥିବା ଭାରୀ ଟିକସରୁ ସୃଷ୍ଟି ହେଉଥିବା ଆୟ ସିଧାସଳଖ ଆମେରିକୀୟ ନାଗରିକଙ୍କୁ ଲାଭ ଦେଇପାରିବ।

ଗତ ସପ୍ତାହରେ, ଟ୍ରମ୍ପ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ୨୫% ଶୁଳ୍କ ଘୋଷଣା କରିଥିଲେ। ଏହି ଟିକସ ଅଗଷ୍ଟ ୭ରୁ ଲାଗୁ କରାଯିବ। ସେହିଦିନ, ଟ୍ରମ୍ପ ଏହା ମଧ୍ୟ ସୂଚାଇ ଦେଇଥିଲେ ଯେ ଶୁଳ୍କରୁ ଉପାର୍ଜନ ହୋଇଥିବା ଟଙ୍କାର ଏକ ଅଂଶ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇପାରିବ। ଏହି ଯୋଜନା ପଛରେ ଟ୍ରମ୍ପଙ୍କ ଯୁକ୍ତି ହେଉଛି ଯେ ଯେତେବେଳେ ବିଦେଶୀ କମ୍ପାନୀଗୁଡ଼ିକ ଆମେରିକୀୟ ବଜାରରେ ସାମଗ୍ରୀ ବିକ୍ରି କରିବା ପାଇଁ ଭାରୀ ଟିକସ ଦେବେ, ସେତେବେଳେ ସରକାର ଏଥିରୁ ଏକ ବିପୁଳ ପରିମାଣର ରାଜସ୍ୱ ପାଇବେ। ସରକାର ସେହି ଟଙ୍କା ସିଧାସଳଖ ତାଙ୍କ ନାଗରିକଙ୍କୁ ଦେଇପାରିବେ। ଏହା ଏପରି ହେବ, ଯେପରି କମ୍ପାନୀଗୁଡ଼ିକ ସେମାନଙ୍କର ଲାଭରୁ ସେମାନଙ୍କର ଅଂଶୀଦାରମାନଙ୍କୁ ଲାଭାଂଶ ଦେଇଥାନ୍ତି। ଯଦିଓ ଏହି ଯୋଜନାର କୌଣସି ସରକାରୀ ଘୋଷଣା ଏ ପର୍ଯ୍ୟନ୍ତ କରାଯାଇନାହିଁ, କିନ୍ତୁ ଟ୍ରମ୍ପଙ୍କ ଏହି ବକ୍ତବ୍ୟକୁ ନିଜ ଭିତରେ ଏକ ବଡ଼ ରାଜନୈତିକ ସଙ୍କେତ ବୋଲି ବିବେଚନା କରାଯାଉଛି।

# ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଦୁଇ ଗୁଣ ତେଲ ଆମଦାନୀ

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଭାରତ ତା'ର ତୈଳ ଆମଦାନୀ ବୃଦ୍ଧି କରିଛି। ଜାନୁଆରୀ ୨୦୨୫ ପରଠାରୁ ଭାରତ ଆମେରିକାରୁ ଅଧିକ ତେଲ କିଣିବା ଆରମ୍ଭ କରିଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ

**ଜାନୁଆରୀଠାରୁ କାରବାର ୫୧% ବଢ଼ିଛି**




ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଭାରତର ଅଶୋଧିତ ତୈଳ ଆମଦାନୀ ୫୧ ପ୍ରତିଶତ ବୃଦ୍ଧି ପାଇଛି। କାରଣ ଗତ ବର୍ଷ ତୁଳନାରେ ଆମଦାନୀ ଅଧାରୁ ଅଧିକ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୫ ପରଠାରୁ ଭାରତ ଆମେରିକାରୁ ତେଲ କିଣିବାର ଗତି ବୃଦ୍ଧି କରିଛି। ଗତ ବର୍ଷ ଏହି ସମୟ ମଧ୍ୟରେ, ଭାରତ ପ୍ରତିଦିନ ୦.୧୮ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଥିଲା। ଯାହା ଚଳିତବର୍ଷ ପ୍ରତିଦିନ ୦.୨୭୧ ନିୟୁତ ବ୍ୟାରେଲକୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ଏପ୍ରିଲ-ଜୁନ୍ ୨୦୨୫ରେ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ୨୦୨୪ ତୁଳନାରେ ୧୧୪% ଅଧିକ। ୨୦୨୪-୨୫ର ପ୍ରଥମ ତ୍ରୈମାସିକରେ ଭାରତ ୧.୭୩ ବିଲିୟନ ଡଲାର ମୂଲ୍ୟର ତେଲ ଆମଦାନୀ କରିଥିଲା। ସେହି ସମୟରେ, ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ଏହି ପରିମାଣ ୩.୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜୁଲାଇରେ ଭାରତ ଜୁନ୍ ତୁଳନାରେ ଆମେରିକାରୁ ୨୩% ଅଧିକ ଅଶୋଧିତ ତେଲ ଆମଦାନୀ କରିଥିଲା। ଭାରତର ମୋଟ ଅଶୋଧିତ ଆମଦାନୀରେ ଆମେରିକାର ଅଂଶ ପୂର୍ବରୁ ୩% ଥିଲା, ଯାହା ଜୁଲାଇରେ ୮%କୁ ବୃଦ୍ଧି ପାଇଛି। ଭାରତୀୟ କମ୍ପାନୀଗୁଡ଼ିକ ୨୦୨୫-୨୬ ଆର୍ଥିକ ବର୍ଷରେ ଆମେରିକାରୁ ଅଶୋଧିତ ତୈଳ ଆମଦାନୀ ୧୫୦% ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ତେଲ ବ୍ୟତୀତ, ଭାରତ ଆମେରିକାରୁ ପେଟ୍ରୋଲିୟମ ଗ୍ୟାସ (ଏଲପିଜି) ଏବଂ ପ୍ରାକୃତିକ ଗ୍ୟାସ (ଏଲଏନଜି) ଆମଦାନୀ ମଧ୍ୟ ବୃଦ୍ଧି କରିଛି।

## ରାଜ୍ୟ ଖବର

## ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ଦାବି

# ବିଜେପି ସରକାର ପ୍ରତିଶ୍ରୁତି ରକ୍ଷା କରୁ: କୋଶଳ ରାଜ୍ୟ ସମନ୍ୱୟ ସମିତି



ବଲାଙ୍ଗିର,୩।୮ (ସମିସ): ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ବେଞ୍ଚ ସ୍ଥାପନ କରିବା ପାଇଁ ଦାବି ଉପସ୍ଥାପନ କରିଛି କୋଶଳ ରାଜ୍ୟ ସମନ୍ୱୟ ସମିତି। ବଲାଙ୍ଗିର ସାମ୍ବାଦିକ ଭବନଠାରେ ସମିତି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆବାହକ ପ୍ରମୋଦ ମିଶ୍ର କହିଛନ୍ତି ଯେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ସହ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ। ଇତିମଧ୍ୟରେ, ବମ୍ବେ ହାଇକୋର୍ଟର ଚତୁର୍ଥ ବେଞ୍ଚ କୋହ୍ଲାପୁରଠାରେ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ନାଗପୁର, ଔରଙ୍ଗାବାଦ ଓ ଗୋଆ ନିକଟବର୍ତ୍ତୀ ଅଞ୍ଚଳରେ ତିନୋଟି ବେଞ୍ଚ ଥିବା ବେଳେ ଏବେ ଚତୁର୍ଥ ବେଞ୍ଚକୁ ଅନୁମୋଦନ ମିଳିଛି। ଏହାବ୍ୟତୀତ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ ହାଇକୋର୍ଟ, ଆଲ୍ଲାବାଦ ହାଇକୋର୍ଟ, ଗୌହାଟୀ ହାଇକୋର୍ଟ, ମଧ୍ୟପ୍ରଦେଶ ହାଇକୋର୍ଟ, କେରଳ ହାଇକୋର୍ଟ ଓ ଅନ୍ୟ କିଛି ହାଇକୋର୍ଟର ମଧ୍ୟ ସ୍ଥାୟୀ ହାଇକୋର୍ଟ ବେଞ୍ଚ ରହିଛି। କିନ୍ତୁ ଓଡ଼ିଶାରେ ନାହିଁ। ଓଡ଼ିଶା ହାଇକୋର୍ଟଠାରୁ କୋଶଳାଞ୍ଚଳର ବିଭିନ୍ନ ଜିଲ୍ଲାର ଦୂରତ୍ୱ, ମକଦ୍ଦମା ସଂଖ୍ୟା, ଲୋକଙ୍କ ଅର୍ଥନୈତିକ ଅବସ୍ଥା ଓ ଅନ୍ୟାନ୍ୟ ବିଷୟବସ୍ତୁକୁ ଦୃଷ୍ଟିରେ ରଖି ଯଶୋବନ୍ତ ସିଂ କମିଶନର ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଦୀର୍ଘ ଚାରିଦଶକ ହେଲା ଦାବି ହୋଇଆସୁଛି। ଗତ ୧୫ବର୍ଷ ଧରି ଆଇନଜୀବୀ ଓ ଜନସାଧାରଣଙ୍କ ତରଫରୁ ସାରା କୋଶଳାଞ୍ଚଳରେ ଲମ୍ବା ଲଢ଼େଇ ମଧ୍ୟ ହୋଇଥିଲା। ବର୍ତ୍ତମାନର ବିଜେପି ସରକାର ବିରୋଧୀ ଦଳରେ ଥିବା ବେଳେ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାକୁ ଆସିଲେ କୋଶଳାଞ୍ଚଳରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବେ ବୋଲି କହିଥିଲେ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ସମୟ ଆସିଛି, ବିଜେପି ସରକାର ତାଙ୍କର ପ୍ରତୁଶ୍ରୁତି ପୂରଣ କରୁ। କୋଶଳାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିକୁ ନେଇ ଅଞ୍ଚଳର ନିର୍ବାଚିତ ପ୍ରତିନିଧିମାନେ ତୁରନ୍ତ ସରକାରଙ୍କୁ ପ୍ରଭାବିତ କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି।

କୋଶଳାଞ୍ଚଳର ଦୁଇଟି ମୁଖ୍ୟ ଦାବି ହେଲା ସମ୍ବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଓ କୋଶଳାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ। ଏହି ଉଭୟ ଦାବି ହାସଲ କରିବା ପାଇଁ ଲମ୍ବା ଲଢେଇ କରିବାକୁ ପଡ଼ିବ। ଏଥିପାଇଁ କୋଶଳାଞ୍ଚଳର ଜନସାଧାରଣ ଛୋଟଛୋଟ ଗୋଷ୍ଠୀରେ ବିଭକ୍ତ ନ ହୋଇ ଦଳୀୟ ବିଚାରଧାରା ଓ ଅଞ୍ଚଳଗତ ବିଚାରଧାରାରୁ ଉଚ୍ଚକୁ ଆସି ଏକତ୍ରିତ ଭାବରେ ଲଢ଼ିବାକୁ ସମର୍ପିତ ହୁଅନ୍ତୁ ବୋଲି ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି। ଏହି ଦାବି ନେଇ ଖୁବ୍‌ଶୀଘ୍ର କୋଶଳ ଆନ୍ଦୋଳନ ତରଫରୁ ଏକ ପ୍ରତିନିଧି ଦଳ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖକୁ ଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।

**ଅନ୍ତ୍ୟୋଦୟ ହିତାଧିକାରୀ ହନ୍ତସନ୍ତ**

# ମିଳୁନି ଦ୍ୱିତୀୟ କିସ୍ତି; ଆଗଉନି କାମ

ଭୁବନେଶ୍ୱର, ୩।୮ (ସମିସ): ଗତ ମାର୍ଚ୍ଚ ୩୦ରେ ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା ଲାଗୁ କଲେ। ପ୍ରାଥମିକ ପର୍ଯ୍ୟାୟରେ ପୂର୍ବ ଓ ଚଳିତ ଆର୍ଥିକ ବର୍ଷକୁ ମିଶାଇ ୫୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେଲେ। ମାତ୍ର ୫ ମାସ ବିତି ଯାଇଥିଲେ ବି ଲୋକଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ହିତାଧିକାରୀମାନେ ପ୍ରଥମ କିସ୍ତି ଟଙ୍କା ପାଇବାରେ ପରେ ଧାର୍‌ଉଧାର୍ କରି ଘରର ଅଧାଅଧି କାମ ସାରି ଦେଇଛନ୍ତି। ଏବେ ଦ୍ୱିତୀୟ କିସ୍ତି ଟଙ୍କା ନ ମିଳିବାରୁ କେମିତି ଘର କାମ କରିବେ ଓ ଉଧାର ଶୁଝିବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି। ହେଲେ ଅନ୍ତ୍ୟୋଦୟ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲୁ ନ ଥିବାରୁ ତୃଣମୂଳସ୍ତରରେ ପ୍ରଶାସନ ବି କିଛି କରିପାରୁନି। ତେଣୁ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଯେଉଁ ହିତାଧିକାରୀମାନଙ୍କୁ ଚୟନ କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପାଇବାର ମାସକ ପରେ ପ୍ରଥମ କିସ୍ତି ଟଙ୍କା ଦିଆଯାଇଥିଲା। ଏବେ ବି ଅଧିକାଂଶ ଲୋକଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିନି। ଯେଉଁମାନେ ପ୍ରଥମ କିସ୍ତ ପାଇଥିଲେ, ସେମାନଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ଏଯାଏଁ ମିଳିନି। ପ୍ରାୟ ୩ ମାସ ହେବ ସରକାରଙ୍କ ଅନ୍ତ୍ୟୋଦୟ ପୋର୍ଟାଲ ଖୋଲୁନଥିବାରୁ ଏହି ସମସ୍ୟା ହୋଇଥିବା ଜଣାପଡ଼ିଛି। ସାରା ରାଜ୍ୟରେ ଏଭଳି ସମସ୍ୟା ଦେଖାଦେଇଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାର ପୋର୍ଟାଲ୍ ଠିକ୍‌କରି ଲୋକଙ୍କୁ ଠିକଣା ସମୟରେ ଟଙ୍କା ଦେବା ବ୍ୟବସ୍ଥା କରିବା ଜରୁରୀ ବୋଲି ଦାବି କରାଯାଉଛି। ପୋର୍ଟାଲ ଖୋଲୁ ନ ଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ହିତାଧିକାରଙ୍କ ପାଖକୁ ଆସିପାରୁ

- ପୂରଣ ହୋଇପାରୁନି କୋଠା ଘର ସ୍ୱପ୍ନ
- ୩ ମାସ ହେଲା ପୋର୍ଟାଲ୍ ଅଚଳ

ନାହିଁ। ଫଳରେ ସରକାରୀ ନିୟମ ଅନୁସାରେ କାର୍ଯ୍ୟାଦେଶ ମିଳିବାର ୪ମାସ ଭିତରେ ଘର ସମ୍ପୂର୍ଣ୍ଣ କଲେ, ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ପାଇବାରୁ ହିତାଧିକାରୀ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି, ପୂର୍ବରୁ ହିତାଧିକାରୀ ନାମାନୁସାରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଉଥିଲା। ହିତାଧିକାରୀ ଅବା ସେମାନଙ୍କ ବାପାଙ୍କର ସମାନ ନାଁ ଥିବା କ୍ଷେତ୍ରରେ ଟଙ୍କା ଅନ୍ୟ ଆକାଉଣ୍ଟକୁ ଚାଲିଗଲା। ତେଣୁ ଏବେ ଡିବିଟି ବ୍ୟବସ୍ଥା ଅନୁସାରେ ଟଙ୍କା ଦିଆଯାଉଛି। ଯେଉଁ ବ୍ୟାଙ୍କ୍ ଆକାଉଣ୍ଟ ଆଧାର କାର୍ଡ ସହ ଲିଙ୍କ୍ ଥିବା ସେହି ଆକାଉଣ୍ଟକୁ ଟଙ୍କା ସିଧାସଳଖ ଯିବ। ତେଣୁ ଏହି ବ୍ୟବସ୍ଥା ସଜାଡ଼ିବାରେ ସମୟ ଲାଗୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କାର୍ଯ୍ୟାଦେଶ ପାଇ ମଧ୍ୟ ବିଳମ୍ବରେ ଟଙ୍କା ମିଳିବା, ପୋର୍ଟାଲ୍ କାମ ନ କରିବା ଏବଂ ବର୍ଷାଦିନ ଯୋଗୁଁ ଘର ତିଆରି ପାଇଁ ଆବଶ୍ୟକ ଉପକରଣ ସହଜରେ ମିଳୁ ନ ଥିବାରୁ ହିତାଧିକାରୀ ଚିନ୍ତାରେ ପଡ଼ିଛନ୍ତି।

ଉଲ୍ଲେଖଥାଉ କି, ରାଜ୍ୟ ସରକାରଙ୍କ ଏହା ନିଜସ୍ୱ ଯୋଜନା। କ୍ୟାନ୍ସର ରୋଗୀ, ଦିବ୍ୟାଙ୍ଗ, ବିଧବା, ସହିଦ ପରିବାର, ହାତୀ ଉପଦ୍ରବ ଏବଂ ଘରପୋଡ଼ିରେ କ୍ଷତିଗ୍ରସ୍ତ ଆଦି ୧୧ଟି ବର୍ଗର ଲୋକଙ୍କୁ ଅଗ୍ରାଧିକାର ଦିଆଯାଇ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ବଜେଟ୍‌ରେ ୭୫୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଆରମ୍ଭରୁ ଏହି ଯୋଜନାରେ କେଁ ଦେଖିବାକୁ ମିଳିଲାଣି। ପୂର୍ବରୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିଲେ ବି ଟଙ୍କା ମିଳୁ ନ ଥିଲା। ଏବେ ପୁଣି ପୋର୍ଟାଲ୍ ଖୋଲୁ ନ ଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ସରକାର କେବଳ ଯୋଜନା କରି ନିଜ ଦାୟିତ୍ୱ ସାରିଦେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ଏହାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ସାଧାରଣ ଗରିବ ହିତାଧିକାରୀ ଘରଟିଏ ତୋଳିବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛି, ତାହା ପୂରଣ ହୋଇପାରୁନି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୩।୮ (ସମିସ): ଆଉ ନିଯୁକ୍ତି ହେବେନି କନିଷ୍ଠ ସ୍କିମାଟିକ୍ ଶିକ୍ଷକ। ପ୍ରାଥମିକ ଶିକ୍ଷକ ନିଯୁକ୍ତିରୁ ଏହାକୁ ଉଠାଇ ଦିଆଯିବ। ସ୍କିମାଟିକ୍ ବଦଳରେ ସରକାରୀ ଶିକ୍ଷକ ଭାବେ ନିଯୁକ୍ତି ମିଳବ। ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକଙ୍କ ପରି ପ୍ରାଥମିକ ଶିକ୍ଷାରେ ମଧ୍ୟ ନିୟମିତ ଶିକ୍ଷକ ନିଯୁକ୍ତି କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ଏପ୍ରିଲ୍ ମାସରେ ହୋଇଥିବା ବୈଠକ ଅନୁଯାୟୀ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଠିକା ବା ସ୍କିମାଟିକ୍ ନିଯୁକ୍ତି ସମୟସୀମାକୁ ସେମାନଙ୍କ ମୂଳ ଚାକିରିରେ ଗଣାଯିବ। ଅବସରକାଳୀନ ସହାୟତା ସମୟରେ ଏହା ସହାୟକ ହେବ। ହେଲେ ସେମାନେ ଏରିଅର୍ ଦରମା ପାଇଁ ଦାବି କରିପାରିବେ ନାହିଁ। ନିୟମିତ ତାରିଖ ଅନୁଯାୟୀ ସେମାନଙ୍କୁ ବରିଷ୍ଠ ଭାବେ ଗଣନା କରାଯିବ। ଭବିଷ୍ୟତରେ ସମସ୍ତ ପ୍ରକାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ରେଗୁଲାର୍ କରାଯିବ ବୋଲି ପ୍ରସ୍ତାବରେ କୁହାଯାଇଛି।

ଅନୁରୂପ ଭାବେ ପ୍ରଥମରୁ ପଞ୍ଚମ ଶେଣୀ ପର୍ଯ୍ୟନ୍ତ ଛାତ୍ର-ଶିକ୍ଷକ ଅନୁପାତ ଉପରେ ମଧ୍ୟ

- ପ୍ରଥମରୁ ପଞ୍ଚମ ଛାତ୍ର-ଶିକ୍ଷକ ଅନୁପାତ ୪୦:୧
- ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ସର୍ବନିମ୍ନ ୩ ଶିକ୍ଷକ
- ଡିସେମ୍ବର ସୁଦ୍ଧା ନିଯୁକ୍ତ ହେବେ ଆଉ ୫୦୬୭

ଗୁରୁତ୍ୱ ଦିଆଯାଇଛି। ୬୦ଜଣ ଯାଏଁ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୨ ଜଣ ଶିକ୍ଷକ ରହିବେ। ସେହିପରି ୬୧ରୁ ୯୦ ଯାଏଁ ଛାତ୍ରଛାତ୍ରୀ ଥିଲେ ୩ ଜଣ, ୯୧ରୁ ୧୨୦ ଛାତ୍ରଛାତ୍ରୀଙ୍କ ପାଇଁ ୪ଜଣ ଏବଂ ୧୨୧ରୁ ୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ୫ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୫ଜଣ ଶିକ୍ଷକଙ୍କ ସହ ଜଣେ ପ୍ରଧାନ ଶିକ୍ଷକ ରହିବେ। ୨ଶହରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତ ୪୦ ରହିବ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ପିଛା ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତି ହେବେ। ଅର୍ଥାତ୍ ସର୍ବନିମ୍ନ ୩ଜଣ ଶିକ୍ଷକ ଯଥାକ୍ରମେ ବିଜ୍ଞାନ ଓ ଗଣିତ, ସୋସିଆଲ୍ ଷ୍ଟଡିଜ୍ ଓବଂ ଭାଷା ପାଠ୍ୟକ୍ରମରେ ଶିକ୍ଷାଦାନ କରିପାରିବେ। ପ୍ରତି ୩୫ ଜଣ ପିଲାରେ ସର୍ବନିମ୍ନ ଜଣେ ଶିକ୍ଷକ ରହିବେ। ଶହେରୁ ଅଧିକ ପିଲା ଥିବା ବିଦ୍ୟାଳୟରେ ଜଣେ ପୂର୍ଣ୍ଣକାଳୀନ ପ୍ରଧାନଶିକ୍ଷକ ନିଯୁକ୍ତ କରାଯିବ।

ରାଜ୍ୟରେ ସମୁଦାୟ ୪୫,୨୯୨ ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଏଥିପାଇଁ ୧ଲକ୍ଷ ୯୯ହଜାର ୬୮୫ ଶିକ୍ଷକ ପଦ ରହିଛି। ୧ଲକ୍ଷ ୬୦ ହଜାର ୩୧୯ ଜଣ ଶିକ୍ଷକ ନିଯୁକ୍ତ ଥିବା ବେଳେ ୩୯ହଜାର ୩୬୬ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ଆସନ୍ତା ଡିସେମ୍ବର ସୁଦ୍ଧା ୫୦୬୭ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମଗ୍ର ଶିକ୍ଷକ ପଦ ମଧ୍ୟ ବଢ଼ାଇବାକୁ ପ୍ରସ୍ତାବ ରହିଛି। ଆଉ ଅଧିକ ୪୪ହଜାର ୪୩୩ ଜଣ ଶିକ୍ଷକ ନିଯୁକ୍ତି କରିବାକୁ କମିଟି ପ୍ରସ୍ତାବ ରଖିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୮୭୦-ବ୍ରିଟିଶ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା।
- ୧୯୨୯- ଅଭିନେତା ତଥା ଗାୟକ କିଶୋର କୁମାରଙ୍କ ଜନ୍ମ।
- ୧୯୪୭- ଜାପାନରେ ସୁପ୍ରିମ୍‌କୋର୍ଟର ସ୍ଥାପନା ହେଲା।
- ୧୯୬୭- ଆମେରିକାର ନେଭାଡ଼ାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୭- ନାସା ଫୋନିକ୍ସ ମାର୍ସ ଲ୍ୟାଣ୍ଡର ମହାକାଶଯାନ ଲଞ୍ଚ୍ କଲା।



## ଏହି ଜୀବ ଉପରେ ପଡ଼େନି ପରମାଣୁ ବୋମାର ପ୍ରଭାବ

ପରମାଣୁ ବୋମା ସୃଷ୍ଟି ବିନାଶର କାରଣ ବୋଲି ସମସ୍ତେ ଜାଣନ୍ତି। ଏବେ ଦେଶ-ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପରମାଣୁ ଅସ୍ତ୍ର କଥା ଶୁଣିବାକୁ ମିଳୁଛି। ପରମାଣୁ ବୋମା ବିସ୍ଫୋରଣର କିଛି ମିନିଟ୍ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇପାରେ। ପରମାଣୁ ବୋମାର ଭୟାବହତା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦେଖିବାକୁ ମିଳିଥିଲା। ହେଲେ ଜାଣନ୍ତିକି ଏମିତି ଏକ ଜୀବ ରହିଛି, ଯାହା ଉପରେ ପରମାଣୁ ବୋମାର ବିକିରଣ ମଧ୍ୟ କିଛି ପ୍ରଭାବ ପକାଇ ପାରେ ନାହିଁ। ପରମାଣୁ ବୋମା ଦ୍ୱାରା ପ୍ରଭାବିତ ହେଉ ନ ଥିବା ଜୀବର ନାଁ ହେଉଛି ଅସରପା। ପରମାଣୁ ବୋମାରେ ସବୁକିଛି ଧ୍ୱଂସ ହୋଇଯାଉଥିବାବେଳେ ଅସରପା ଉପରେ ଏହାର କିଛି ବି ପ୍ରଭାବ ପଡ଼େନାହିଁ। ପରମାଣୁ ବୋମା ବିସ୍ଫୋରଣ ପରେ ଏଥିରୁ ବାହାରୁଥିବା ବିକିରଣକୁ ଅସରପା ସହ୍ୟ କରିପାରୁଥିବାବେଳେ ମଣିଷ, ପ୍ରାଣୀ କିମ୍ବା ଉଦ୍ଭିଦ ଆଦି ଧ୍ୱଂସ ହୋଇଯାଆନ୍ତି। ସାଧାରଣତଃ ଅସରପା ୧୦୦୦୦ ରାଡ୍‌ର ବିକିରଣକୁ ସହ୍ୟ କରିବାରେ ସକ୍ଷମ। ସେଥିପାଇଁ ପରମାଣୁ ବିକରଣ ଅସରପା ଉପରେ ପ୍ରଭାବ ପକାଇ ପାରେ ନାହିଁ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ୮୦୦ ରାଡ୍‌ର ବିକିରଣରେ ମଣିଷର ମୃତ୍ୟୁ ହୋଇପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରମାଣୁ ବୋମା ବିସ୍ଫୋରଣରେ ପୂରା ସହର ଧ୍ୱଂସବିଧ୍ୱସ୍ତ ହୋଇଯାଇଥିବାବେଳେ କିଛି ଅସରପା ଜୀବିତ ଥିବା ଜଣାପଡ଼ିଥିଲା।


## 'ଟକ୍ସିକ୍' ନିଜେ କରିବେ କଳାକାର ଷ୍ଟଣ୍ଟ ସିନ୍



'କେଜିଏଫ୍' ଷ୍ଟାର୍ ଯଶ୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ରାମାୟଣ' ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏଥିରେ ସେ ରାବଣ ଭୂମିକାରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିବେ। 'ରାମାୟଣ' ବ୍ୟତୀତ ଯଶ୍ 'ଟକ୍ସିକ୍' ଫିଲ୍ମର ସୁଟିଂ ମଧ୍ୟ କରୁଛନ୍ତି। ଆକ୍ସନ୍‌ରେ ଭରପୂର ଏହି ଫିଲ୍ମଟି ଆସନ୍ତା ବର୍ଷ ଆସିବ। ଆସନ୍ତା ବର୍ଷ ଦୀପାବଳିରେ ମଧ୍ୟ 'ରାମାୟଣ'ର ପ୍ରଥମ ପାର୍ଟ ଆସିବ। ୨୦୨୬ ବର୍ଷ ଯଶ୍‌ଙ୍କ ବର୍ଷ ହେବ ବୋଲି ଏବେଠାରୁ ଚର୍ଚ୍ଚା ହେବାକୁ ଲାଗିଲାଣି। 'ଟକ୍ସିକ୍'ରେ ଯଶ୍‌ଙ୍କ ସହ କିଆରା ଆଡ଼ଭାନୀ, ଅକ୍ଷୟ ଓବରୟ, ତାରା ସୂତାରିୟା, ହ୍ୟୁମା କ୍ୟୁରେସି ନଜର ଆସିବେ। ତେବେ ଏହାର ସବୁ କଳାକାରମାନେ ନିଜେ ହିଁ ଷ୍ଟଣ୍ଟ ସିନ୍‌ଗୁଡ଼ିକ କରିବେ ବୋଲି ଜଣାପଡ଼ିଛି। ସବୁ ଅଭିନେତା ଅଭିନେତ୍ରୀ ବଡି ଡବଲ୍ ବିନା ଆକ୍ସନ୍ ସିନ୍‌ଗୁଡ଼ିକ କରିବେ। ଏବେ ଯଶ୍, ହ୍ୟୁମା, ତାରା ଓ ଅକ୍ଷୟ ମୁମ୍ବାଇରେ ଏହାର ସୁଟିଂ କରୁଛନ୍ତି। ଯଶ୍ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଗୀତୁ ମୋହନଦାଶ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ଏଆଇ ଇଞ୍ଜିନିୟର

### ଖାଇବନି, ଶୋଇବନି, ପଦୋନ୍ନତି ମାଗିବନି



ଆଜିକାଲି ପ୍ରତ୍ୟେକ କ୍ଷେତ୍ରରେ ଏଆଇର ପ୍ରବେଶ ଦେଖିବାକୁ ମିଳିଛି। ଏହି କ୍ରମରେ ବର୍ତ୍ତମାନ ଇଞ୍ଜିନିୟରିଂ କ୍ଷେତ୍ରରେ ପାଦ ରଖିଛି ଏଆଇ ଇଞ୍ଜିନିୟର୍ 'ଦେବିନ'। ଏହାକୁ ଲଣ୍ଡନର ଏକ ଷ୍ଟାର୍ଟଅପ୍ ବିକଶିତ କରିଥିବାବେଳେ ଆମେରିକାର ବହୁରାଷ୍ଟ୍ରୀୟ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାକ୍ସ ଏହାକୁ ପରିଚିତ କରାଇଛି। 'ଦେବିନ' ହେଉଛି ଏକ ସ୍ୱୟଂଚାଳିତ ଏଆଇ ସଫ୍ଟୱେର ଇଞ୍ଜିନିୟର। ଏହି ଏଆଇ ଇଞ୍ଜିନିୟର ନ ଖାଇ, ନ ଶୋଇ ଲଗାତାର କାମ କରିବ। ଏପରିକି ଏହା ପାରିଶ୍ରମିକ ନେବ ନାହିଁ କିମ୍ବା ପଦୋନ୍ନତି ଦାବି କରିବ ନାହିଁ। ସେହିପରି ଏହା ମଣିଷ ଭଳି ଉନ୍ନତ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବାକୁ ସକ୍ଷମ। ଉକ୍ତ ବ୍ୟାଙ୍କରେ ପ୍ରାୟ ୧୨ ହଜାର ସଫ୍ଟୱେର ଡେଭଲପର କାମ କରୁଥିବାବେଳେ ଏବେ କିନ୍ତୁ ଏଠାରେ ଏଆଇ ଇଞ୍ଜିନିୟରଙ୍କ ସଂଖ୍ୟାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅବଶ୍ୟ ଏହା ପଛରେ କାରଣ ବି ଅଛି। ଏଆଇ ଇଞ୍ଜିନିୟରଙ୍କ ମାଧ୍ୟମରେ କାର୍ଯ୍ୟର ଗତି ବୃଦ୍ଧି ହେବା ସହ ଗୁଣବତ୍ତା ଉନ୍ନତମାନର ହେବ। କେବଳ ସେତିକି ନୁହେଁ, ଏଆଇ ଇଞ୍ଜିନିୟରଙ୍କ ଦ୍ୱାରା ସମୟ ଓ ସମ୍ବଳ ସଞ୍ଚୟ ମଧ୍ୟ ହେବ। ଏଆଇ ଇଞ୍ଜିନିୟର୍‌ର କାମ ହେଉଛି, ପୁରୁଣା କୋଡ୍‌କୁ ଅପଡେଟ୍ କରିବା, ବଗ୍ସ ଫିକ୍ସ କରିବା ଏବଂ ଲଗାତାର କାମକୁ ନୂଆ ରୂପ ପ୍ରଦାନ କରିବା। ତେବେ ଏଆଇର ଏହି ବଢ଼ୁଥିବା ଚଳଣିର ପ୍ରଭାବ ଏଣ୍ଟ୍ରି-ଲେବଲ ଇଞ୍ଜିନିୟରଙ୍କ ଉପରେ ପଡ଼ିପାରେ। ବିଶେଷକରି କୋଡିଂ, ରିସର୍ଚ୍ଚ ଏବଂ ଡାଟା ଆନାଲିସିସ୍ ପଦବିରେ କାମ କରୁଥିବା ଲୋକଙ୍କ ପାଇଁ ଏଆଇ ଇଞ୍ଜିନିୟର ସମସ୍ୟା ସୃଷ୍ଟି କରିପାରେ। ଅନ୍ୟପଟେ ଏହା ଯୋଗୁଁ ଯୁବପିଢ଼ିଙ୍କ ପାଇଁ ଇଞ୍ଜିନିୟରିଂ କ୍ଷେତ୍ରରେ କମ୍ ଅବସର ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଟେକ୍‌ନିକ୍ ସହ ସନ୍ତୁଳନ ବନେଇବାର ଆବଶ୍ୟକତା ଅଛି ବୋଲି କୁହାଯାଉଛି।



## ଶ୍ରାବଣ ଶେଷ ସୋମବାର

ଶେଷ ହେଲା ପବିତ୍ର ଶ୍ରାବଣ ସୋମବାର। ଏହି ମାସରେ ପ୍ରତି ସୋମବାର ଭଗବାନ ଶିବଙ୍କ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସୋମବାର ବ୍ରତ ରଖିବା ଦ୍ୱାରା ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ତା'ସହ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ। ତେବେ ଏଥର ଶ୍ରାବଣ ଶେଷ ସୋମବାରରେ ଶୁଭ ସଂଯୋଗ ସୃଷ୍ଟି ହୋଇଛି। ଏହା ହେଉଛି ସ୍ୱାର୍ଥ ସିଦ୍ଧି ଯୋଗ। ଏହିଦିନ ଚନ୍ଦ୍ର ଅନୁରାଧା ନକ୍ଷତ୍ର ଏବଂ ଚିତ୍ରା ନକ୍ଷତ୍ରରୁ ବୃଷ ରାଶିକୁ ଗୋଚର କରିବେ। ଏହାସହ ଶ୍ରାବଣ ଶେଷ ସୋମବାରରେ ବ୍ରହ୍ମା ଏବଂ ଇନ୍ଦ୍ର ଯୋଗର ସଂଯୋଗ ବି ରହିବ। ଫଳରେ ଅନ୍ତିମ ସୋମବାରରେ ଶିବଭକ୍ତଙ୍କ ଉପରେ ଶିବଙ୍କ ବିଶେଷ କୃପା ରହିବ।

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ। ମହାଦେବଙ୍କ ପୂଜାର୍ଚ୍ଚନା କରନ୍ତୁ। ତେବେ ଏହିଦିନ ୧୦୮ ବେଲପତ୍ର ଶିବଲିଙ୍ଗ ଉପରେ ଲାଗି କରିବା ଭଲ। ବେଲ ଗଛ ମୂଳେ ଘିଅ ଦୀପ ଜାଳନ୍ତୁ। ଏହାଦ୍ୱାରା ଆର୍ଥିକ ଲାଭ ମିଳିବ। ବିବାହରେ ସମସ୍ୟା ତଥା ବିବାହରେ ବିଳମ୍ବ ହେଉଥିଲେ, ଶ୍ରାବଣ ଶେଷ ସୋମବାରରେ ଶିବଲିଙ୍ଗଙ୍କୁ ପଞ୍ଚାମୃତରେ ଅଭିଷେକ କରନ୍ତୁ। ଏହାସହ ୫ଟି ନଡ଼ିଆ ମଧ୍ୟ ଚଢ଼ାନ୍ତୁ।

## ସ୍ୱସ୍ତି

## ରାକ୍ଷୀ ପୂର୍ଣ୍ଣିମା



**ପ୍ରତ୍ୟେକ ବର୍ଷ ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଭାଇ ଭଉଣୀଙ୍କ ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପର୍ବ ହେଉଛି ରକ୍ଷା ବନ୍ଧନ। ଏହାକୁ ଝୁଲଣ ପୂର୍ଣ୍ଣିମା ତଥା ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହାକୁ ଭଗବାନ ବଳଭଦ୍ରଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଏ। ତେଣୁ ଏହିଦିନ ଗୋମାତାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ।**

ରାକ୍ଷୀ ପୂର୍ଣ୍ଣିମାରେ ଗାଈଙ୍କ ଶିଂଘରେ ରାକ୍ଷୀ ବନ୍ଧାଯିବା ସହ ଖାଇବା ପାଇଁ ପିଠା ଦିଆଯାଏ। ଘରେ ମଧ୍ୟ ପିଠାମିଠା ପ୍ରସ୍ତୁତ କରାଯାଏ। ବିଭିନ୍ନ ବିପଦ ଆପଦରୁ ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ଏହିଦିନ ରକ୍ଷାସୂତ୍ର ବାନ୍ଧିଥାଏ। ଭଉଣୀ ପ୍ରତି ଥିବା ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ନେଇ ଭାଇ ପ୍ରତିଶ୍ରୁତି ଦେଇଥାଏ। ତା'ସହ ଭଉଣୀ ମଧ୍ୟ ଭଗବାନଙ୍କ ପାଖରେ ଭାଇର ଦୀର୍ଘାୟୁ କାମନା କରେ।

ଅନ୍ୟପଟେ ଏହା ପଛରେ ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ଶିଶୁପାଳଙ୍କ ବଧ ପରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିରୁ ଖଣ୍ଡେ ଚିରି ଦେଇ ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଭଉଣୀର ସମ୍ମାନ ଦେଇ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁରୁସଭାରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କରି ତାଙ୍କ କଥା ରଖିଥିଲେ। ଏହି ଆଧାରରେ ରକ୍ଷା ବନ୍ଧନ ପାଳନ କରାଯାଏ।

## ଖୁଦୁରୁକୁଣୀ ଓଷା

**ଓଡ଼ିଶାର ପାରମ୍ପରିକ ଓଷା ମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହା ଭାଲୁକୁଣୀ ଓଷା ଭାବେ ମଧ୍ୟ ପରିଚିତ। ଭାଦ୍ରବ ମାସର ପ୍ରତି ସପ୍ତାହର ଶେଷ ଦିନ ବା ରବିବାର ଦିନ କୁଆଁରୀ ଝିଅମାନେ ଏହି ପୂଜା କରିଥାନ୍ତି। ଭାଇର ଶୁଭ ମନାସି ଭଉଣୀମାନେ ମା' ମଙ୍ଗଳାଙ୍କୁ ପୂଜା କରନ୍ତି। ଗାଁରେ ଏହି ଓଷାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। କେଉଁଠି ଏହାକୁ ପାଞ୍ଚ ପାଳି ପାଳନ କରାଯାଏ ତ ଆଉ କେଉଁଠି ଚାରି ପାଳି ପାଳିତ ହୁଏ।**



କିମ୍ବଦନ୍ତୀ ଅନୁସାରେ, ସାତଜଣ ସାଧବ ବୋଇତରେ ଦୂର ଦେଶକୁ ବଣିଜ କରିବା ପାଇଁ ଯାଇଥିଲେ। ବର୍ଷର ଗୋଟିଏ ଦିନରେ ଘରକୁ ଲେଉଟି ଆସୁଥିଲେ। ସେମାନଙ୍କର ଏକମାତ୍ର ଅଲିଅଳୀ ଭଉଣୀ ତଅପୋଇ ଭାଇଙ୍କ ସୁରକ୍ଷା ଏବଂ ଶୁଭ ମନାସି ଏହି ବ୍ରତ ପାଳନ କରୁଥିଲେ। ସେବେଠୁ କୁଆଁରୀମାନେ ଏହାକୁ ପାଳନ କରିବା ବିଧି ରହିଛି।

ଖୁଦୁରୁକୁଣୀ ପୂଜା ଦିନ ଝିଅମାନେ ସକାଳୁ ନଦୀରେ ସ୍ନାନ ସାରି ବାଲୁକା ପୂଜା କରନ୍ତି ଏବଂ ସନ୍ଧ୍ୟାରେ ଝୋଟି ଚିତା ପକାଇ ଖୁଦୁରୁକୁଣୀଙ୍କୁ ରଙ୍ଗବେରଙ୍ଗ ଫୁଲରେ ସଜାନ୍ତି। ଏହାସହ ଲିଆ, ଖୁଦ ଆଦି ଭୋଗ ଲଗାଇ ପୂଜା କରିଥାନ୍ତି। ତେବେ ଠାକୁରାଣୀଙ୍କ ପ୍ରିୟ ଖୁଦ ହୋଇଥିବାରୁ ତାଙ୍କ ନାଁ ଖୁଦୁରୁକୁଣୀ। ଅନ୍ୟପକ୍ଷରେ ଏହି ଓଷା ସାଧବ ଝିଅ ତଅପୋଇର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୁରାଚାର, ସାନ ଭାଉଜର ଦୟା ଏବଂ ତଅପୋଇର ଉଦ୍ଧାର କଥାକୁ ଦର୍ଶାଇ ଥାଏ।



## ରାକ୍ଷୀ ଉତାରିବାର ନିୟମ

**ରାକ୍ଷୀ ବାନ୍ଧିବାର ଯେଭଳି ନିୟମ ଅଛି, ଠିକ୍ ସେମିତି ରାକ୍ଷୀ ଉତାରିବାର ବି ନିୟମ ରହିଛି। ଏହାକୁ ପାଳନ ନ କରିବା ଦ୍ୱାରା ବାସ୍ତୁ ଦୋଷ ସୃଷ୍ଟି ହୁଏ।**

- ଜ୍ୟୋତିର୍ବିଦଙ୍କ ଅନୁସାରେ, ରାକ୍ଷୀ ବାନ୍ଧିବାର ୨୪ ଘଣ୍ଟା ପରେ ରାକ୍ଷୀ ଉତାରିବା ଉଚିତ। ବର୍ଷ ତମାମ ହାତରେ ରାକ୍ଷୀ ବାନ୍ଧି ରଖିଲେ, ଦୋଷ ଲାଗେ। ରାକ୍ଷୀ ଅଶୁଦ୍ଧ ହୋଇଯାଏ।
- ରାକ୍ଷୀକୁ ଉତାରି ଘରର କୌଣସି ସ୍ଥାନରେ ରଖିବା ଅଶୁଭ। ରାକ୍ଷୀକୁ ଉତାରି ଏହାକୁ ବିସର୍ଜନ କରିବା ଭଲ।
- ସେହିପରି ରାକ୍ଷୀକୁ ବିସର୍ଜନ କରି ନ ପାରିଲେ ଏହାକୁ ଗଛରେ ବାନ୍ଧନ୍ତୁ।
- ତେବେ ସୁନା କି ରୁପା ରାକ୍ଷୀକୁ ବିସର୍ଜନ କରନ୍ତୁ ନାହିଁ। ଏଭଳି ରାକ୍ଷୀକୁ ବର୍ଷଯାକ ପିନ୍ଧିପାରିବେ।
- ଅନେକ ସମୟରେ ହାତରୁ ରାକ୍ଷୀ ଛିଣ୍ଡି ଗଲେ ଏହାକୁ ଉତାରି ଫିଙ୍ଗି ଦିଆଯାଏ। ଏହାକୁ ନ ଫିଙ୍ଗି ଜଳରେ ପ୍ରବାହିତ କରନ୍ତୁ।

## ଇଂଲଣ୍ଡର ଜୋ ରୁଟ୍, ହ୍ୟାରୀ ବ୍ରୁକ୍ଙ୍କ ଲଢୁଆ ବ୍ୟାଟିଂ

# ପଞ୍ଚମ ଟେଷ୍ଟ: ବ୍ୟାକ୍‌ଫୁଟ୍‌ରେ ଭାରତ







ଓଭାଲ,୩।୮ (ଏଜେନ୍ସି)

ବରିଷ୍ଠ ଖେଳାଳି ଜୋ ରୁଟ୍‌ଙ୍କ ଦମ୍‌ଦାର ଓ ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ (୧୧୧)ଙ୍କ ଦୃଢ଼ ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟରେ ଭାରତ ବ୍ୟାକ୍‌ଫୁଟ୍‌କୁ ଚାଲିଆସିଛି। ଏହି ଟେଷ୍ଟର ତୃତୀୟ ଦିନରେ ଭାରତ ଘରୋଇ ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ଚତୁର୍ଥ ଦିନ ଶେଷ ରିପୋର୍ଟ ଲେଖା ହେଲା ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୩୧୭ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ରୁଟ୍ ୯୮ ଓ ଜ୍ୟାକବ ବେଥେଲ ୧ ରନ୍ ସଂଗ୍ରହ କରିବା ଫଳରେ ଇଂଲଣ୍ଡ ବିଜୟର ନିକଟବର୍ତ୍ତୀ ହୋଇଛି। ଏହି ସମୟରେ ମ୍ୟାଚ୍ ଜିତିବାକୁ ଇଂଲଣ୍ଡକୁ ଆଉ ୫୭ ରନ୍ ଆବଶ୍ୟକ ହେଉଛି। ଆଉଟ ହୋଇଥିବା ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ ହ୍ୟାରୀ ବ୍ରୁକ୍ ୧୧୧, ବେନ୍ ଡକେଟ ୫୪, କାମଚଳା ଅଧିନାୟକ ଓଲି ପୋପ୍ ୨୭ ଓ ଓପନର କ୍ୟାକ୍ କ୍ରଲୀ ୧୪ ରନ୍‌ରେ ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ମହମ୍ମଦ୍ ସିରାଜ ୨ଟି, ପ୍ରସିଦ୍ଧ କ୍ରିଷ୍ଣା ଓ ଆକାଶ ଦୀପ୍ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ୨-୧ରେ ସିରିଜ୍ ଆଗୁଆ ରହିଥିଲା। ଏଠାରେ ମ୍ୟାଚ୍ ଜିତି ସିରିଜ୍ ବରାବର କରିବାକୁ ଯୋଜନା କରିଥିବା ଭାରତକୁ ବୋଲରଙ୍କ ଶୃଙ୍ଖଳା ଅଭାବ ଯୋଗୁ ନିରାଶ ହେବାକୁ ପଡ଼ିଛି। ଏହି ସିରିଜ୍ ପରେ ଭାରତ ସେପ୍ଟେମ୍ବର ୯ରୁ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ରେ ଭାଗନେବ। ଏହା ପୂର୍ବରୁ ଶ୍ରୀଲଙ୍କା ବିପକ୍ଷରେ ଏକ ସୀମିତ ଓଭର ସିରିଜ୍ ଖେଳିବାର ଯୋଜନା କରାଯାଇଥିଲେ ମଧ୍ୟ ଆଜି ସୁଦ୍ଧା ଚୂଡ଼ାନ୍ତ ହୋଇପାରି ନାହିଁ।

ପୂର୍ବରୁ ରବିବାର ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ୧ ୱିକେଟରେ ୫୦ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର ବେନ୍ ଡକେଟ ୫୦ ଓ ଓଲି ପୋପ୍ ୨୭ ରନ୍ କରି ଆଉଟ ହୋଇଥିଲେ। ଇଂଲଣ୍ଡ ଦଳ ୧୦୬ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଭାରତୀୟ ଶିବିର ଉତ୍ସାହିତ ହୋଇଥିଲା। କିନ୍ତୁ ବିଶ୍ୱରେ ବର୍ତ୍ତମାନ ସବୁଠାରୁ ଅଭିଜ୍ଞ ଟେଷ୍ଟ ଖେଳାଳି ଜୋ ରୁଟ୍ ଓ ଉଦୀୟମାନ ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ ଦମ୍‌ର ସହ ବ୍ୟାଟିଂ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଗୋଟିଏ ପରେ ରୁଟ୍ ଦୃଢ଼ତାର ସହ ଖେଳୁଥିଲାବେଳେ ଅନ୍ୟପଟେ ବ୍ରୁକ୍ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଫଳରେ ବ୍ରୁକ୍ ୩୯ ବଲ୍‌ରେ ଓ ରୁଟ୍ ୮୧ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ପୂର୍ବରୁ ଲଞ୍ଚ ସୁଦ୍ଧା ଇଂଲଣ୍ଡ ୩ ୱିକେଟରେ ୧୬୪ ରନ୍ କରିବାରେ ସମର୍ଥ ହୋଇଥିଲା।

### ସିରିଜ୍‌ରେ ସିରାଜଙ୍କୁ ସର୍ବାଧିକ ୱିକେଟ

ରୁଟ୍ ଓ ବ୍ରୁକ୍‌ଙ୍କ ପାର୍ଟନରସିପ୍ ଯୋଗୁଁ ଏହି ଇନିଂସରେ ଭାରତର ବୋଲର ନିଷ୍ପ୍ରଭ ହୋଇପଡ଼ିଥିଲେ। ଯାହା ଫଳରେ ଏମାନେ ଚତୁର୍ଥ ୱିକେଟରୁ ୧୯୫ ରନ୍‌ର ପାର୍ଟନରସିପ୍ କରିଥିଲେ। ଯାହା ଫଳରେ ଭାରତ ହାତରୁ ଏହି ମ୍ୟାଚ୍ ହାତଛଡ଼ା ହୋଇଯାଇଥିଲା। ଅନ୍ୟପକ୍ଷରେ ଓଲି ପୋପ୍‌ଙ୍କୁ ଆଉଟ କରି ସିରାଜ ଏହି ସିରିଜ୍‌ରେ ତାଙ୍କ ୱିକେଟ ସଂଖ୍ୟା ୨୦ରେ ପହଞ୍ଚାଇଥିଲେ। ଏହା ସିରିଜ୍‌ରେ ସର୍ବାଧିକ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।

ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/୧୦ (କ୍ରଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।

ଭାରତ ଦ୍ୱିତୀୟ ଇନିଂସ: ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/ ୯୮)।

ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୧୭/୪, ୬୬ ଓଭର (ହ୍ୟାରୀ ବ୍ରୁକ୍-୧୧୧, ଜୋ ରୁଟ-ବ୍ୟାଟିଂ- ୯୮, ବେନ୍ ଡକେଟ-୫୪, ମହମ୍ମଦ୍ ସିରାଜ-୨/ ୯୧, ଆକାଶଦୀପ-୧/ ୭୩)।

### ୱାର୍ଲ୍ଡ ଚାମ୍ପିଅନ୍‌ସିପ ଅଫ୍ ଲେଜେଣ୍ଡସ

## ପାକିସ୍ତାନକୁ ହରାଇ ଦ.ଆଫ୍ରିକା ଚାମ୍ପିଅନ

ବର୍ମିଂହାମ,୩।୮ (ଏଜେନ୍ସି): ପାକିସ୍ତାନକୁ ୯ ୱିକେଟରେ ହରାଇ ଦକ୍ଷିଣ ଆଫ୍ରିକା ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲେଜେଣ୍ଡସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ରାତିରେ ଖେଳାଯାଇଥିବା ଏହି ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ କିଂବଦନ୍ତୀ ବ୍ୟାଟର ଏବି ଡି ଭିଲର୍ସ ୧୨୦ ଓ ଜେବି ଡୁମିନି ୫୦ ରନ କରି ଅପରାଜିତ ରହିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡି ଭିଲର୍ସ ପ୍ଲେୟର ଅଫ୍ ଦି ଫାଇନାଲ ଓ ମୋଟ ୪୨୯ ରନ୍ କରି ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲା। ସେମିଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ନ ଖେଳି ଭାରତ ଓହରିଯାଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ଫାଇନାଲରେ ପ୍ରବେଶ କରିଥିଲା।

### ■ ଦ୍ୱିତୀୟ ଟି-୨୦ରେ ହାରିଲା ପାକିସ୍ତାନ

## ୧୦ମ ମ୍ୟାଚ୍‌ରେ ଇଣ୍ଡିଜ୍‌ର ପ୍ରଥମ ବିଜୟ

ଫ୍ଲୋରିଡା,୩।୮ (ଏଜେନ୍ସି): ଜେସନ ହୋଲ୍ଡର ଓ ଗୁଡକେଶ ମୋତିଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଶନିବାର ରାତିରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ଠାରୁ ୨ ୱିକେଟରେ ହାରିଛି। ପାକିସ୍ତାନ। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଜୁଲାଇ ୩୧ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ପାକିସ୍ତାନ ୧୪ ରନ୍‌ରେ ଜିତିଥିଲା। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଏଠାରେ ଆଜି ରାତିରେ ଖେଳାଯିବ। ଏହି ମ୍ୟାଚ୍‌ରେ ହୋଲ୍ଡର ୧୯ ରନ୍‌ରେ ୪ଟି ଓ ଗୁଡକେଶ ମୋତି ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୯ ୱିକେଟରେ ୧୩୩ ରନ୍ କରିଥିଲା। ଜବାବରେ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଗୁଡକେଶ ମୋତିଙ୍କ ୨୮ ରନ୍ ଓ ହୋଲ୍ଡରଙ୍କ ଅପରାଜିତ ୧୬ ରନ୍ ବଳରେ ଇଣ୍ଡିଜ୍ ଏହି ମ୍ୟାଚ୍‌କୁ ୨ ୱିକେଟରେ ଜିତିନେଇଥିଲା। ହୋଲ୍ଡର ଶେଷ ବଲରେ ଚୌକା ମାରି ଦଳକୁ ଜିତାଇଥିଲେ।



### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ପଦକ ବିଜେତାଙ୍କୁ କିଟ୍‌ର ସମ୍ବର୍ଦ୍ଧନା




ଭୁବନେଶ୍ୱର,୩।୮ (ସମିସ): ଜର୍ମାନୀରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭୁବନେଶ୍ୱରରେ ଅବସ୍ଥିତ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ପଦକ ଜିତିଥିବା କ୍ରୀଡ଼ାବିତ୍ ମାନଙ୍କୁ ଆଜି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ରୌପ୍ୟ ପଦକ ଜିତିଥିବା କ୍ରୀଡ଼ାବିତ୍‌ଙ୍କୁ ଉପଢ଼ୌକନ ସହ ୩ ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୧ ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିଲାଗି କିଟ୍ ପରିସରରେ ରବିବାର ଅନୁଷ୍ଠିତ ଉତ୍ସବରେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ଓ ସମ୍ମାନ ପ୍ରଦାନ କରିଥିଲେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ୧୨ଟି ପଦକ ଜିତିଥିଲାବେଳେ ଏହା ମଧ୍ୟରୁ କେବଳ କିଟ୍ ୬ଟି ପଦକ ଜିତି ଦେଶର ସମ୍ମାନ ବୃଦ୍ଧି କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ କୁଳପତି ଶରଣଜିତ ସିଂହ, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଅଲିମ୍ପିଆନ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କବାଡି ରେଫରୀ ପରୀକ୍ଷା

କଟକ,୩।୮ (ସମିସ): କେନ୍ଦୁଝରରେ ରାଜ୍ୟସ୍ତରୀୟ କବାଡି ରେଫରୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ସଂସଦ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ପରୀକ୍ଷାରେ ବିଭିନ୍ନ ଜିଲ୍ଲାରୁ ୧୩୦ ପରିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବାଡିର ଗୁରୁତ୍ୱ ଏବଂ ରାଜ୍ୟରେ ଏହି ଖେଳର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ କବାଡି ସଂଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଜନାର୍ଦ୍ଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶାରିରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନା ଏବଂ ଶ୍ରୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶାରିରୀକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ମୁଖ୍ୟ ଅତିଥି ଏବଂ ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ମହିଳା କୋପା ଆମେରିକା କପ୍

## ବ୍ରାଜିଲ ଚାମ୍ପିଅନ, କଲମ୍ବିଆ ରନର୍ସ

କ୍ୱିଟୋ,୩।୮ (ଏଜେନ୍ସି): କଲମ୍ବିଆକୁ ୫-୪ ପେନାଲ୍ଟି ଶୁଟ୍‌ଆଉଟ ଗୋଲ୍‌ରେ ହରାଇ ବ୍ରାଜିଲ ୯ମ କୋପା ଆମେରିକା ଫେମିନିନା ଟାଇଟଲ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ବଦଳ ଖେଳାଳିଭାବେ ଆସି ୩୯ ବର୍ଷିୟା ସୁପଷ୍ଟାର ମାର୍ତା ୩ଟି ଗୋଲ ଦେବା ଫଳରେ ବ୍ରାଜିଲ ଟାଇଟଲ ଦୌଡ଼ରେ ତିଷ୍ଠି ରହିଥିଲା। ନିର୍ଦ୍ଧାରିତ ଓ ଅତିରିକ୍ତ ସମୟରେ ଖେଳ ୪-୪ ଗୋଲରେ ସମାନସ୍ତରରେ ରହିବା ଫଳରେ ପେନାଲ୍ଟି ସୁଟଆଉଟ୍‌ରେ ବ୍ରାଜିଲ ଗୋଲରକ୍ଷକ ଲୋରୋନା ଡା ସିଲ୍‌ଭା ୨ଟି ପେନାଲ୍ଟି ସଟ୍ ଅଟକାଇବା ଫଳରେ ବ୍ରାଜିଲ ୫ମ ଟାଇଟଲ ହାସଲ କରିଛି। ଏହା ସହ ୫ଥରର ଫାଇନାଲରେ ବ୍ରାଜିଲ ୪ଥର କଲମ୍ବିଆକୁ ହରାଇ ଟାଇଟଲ କବ୍‌ଜା କରିଛି। ଦଳର ସୁପରଷ୍ଟାର ମାର୍ତା ୬ଟି ଅଲିମ୍ପିକ୍ସ, ୬ଟି ବିଶ୍ୱକପ୍ ଖେଳିଛନ୍ତି ଓ ବ୍ରାଜିଲ ପକ୍ଷରୁ ୨୦୬ଟି ମ୍ୟାଚ୍ ଖେଳି ୧୨୨ଟି ଗୋଲ ସ୍କୋର କରିଛନ୍ତି।






କଟକ: ଗ୍ୟାଲେଣ୍ଟ କ୍ଲବ୍‌କୁ ହରାଇ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଚାମ୍ପିଅନ ହୋଇଥିବା ଚାନ୍ଦ କ୍ଲବ୍‌ର ଖେଳାଳିମାନେ ଅତିଥିଙ୍କ ସହ

## ଡବ୍ଲ୍ୟୁଟିଟି ଷ୍ଟାର କଣ୍ଟେଣ୍ଡର କ୍ୱାର୍ଟରରୁ ମନିକା ବିଦା

ରିଓ ଡି ଜାନେଇରୋ,୩।୮ (ଏଜେନ୍ସି): ଏଠାରେ ଚାଲିଥିବା ଡବ୍ଲ୍ୟୁଟିଟି ଷ୍ଟାର କେଣ୍ଟେଣ୍ଡର ଫୋଜ୍ ଡୁ ଇଗୁଆକୁ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରୁ ଭାରତର ଏକ ନମ୍ବର ମହିଳା ଖେଳାଳି ମନିକା ବାତ୍ରା ବିଦାୟ ନେଇଛନ୍ତି। ଆଜି ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ସେ ଚତୁର୍ଥ ସିଡ୍ ଜାପାନର ହୋନୋକା ହାସିମୋଟୋଙ୍କଠାରୁ ହାରିଥିଲେ। ପୁରୁଷ ଡବଲ୍ସରେ ଟପ୍ ସିଡ୍ ମାନୁସ ଶାହ ଓ ମାନବ ଠକ୍କର ରନର୍ସ ଅପ୍ ହୋଇଛନ୍ତି।

### ରାଜ୍ୟ ସ୍କୁଲ ଓପନ ଚେସ୍

## ଟାଇଟଲ ଜିତିଲେ ଦିବ୍ୟାଂଶୁ



ଭୁବନେଶ୍ୱର,୩।୮ (ସମିସ): ପଟିଆ ନାରାୟଣ ଟେକ୍ନୋ ସ୍କୁଲ୍‌ର ଦିବ୍ୟାଂଶୁ କୁମାର ପଶାୟତ ଡିଏଭି କଳିଙ୍ଗ ନଗର ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ୫ଜଣ ଖେଳାଳି ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସମସ୍ତଙ୍କୁ ପଛରେ ପକାଇ ଦିବ୍ୟାଂଶୁ ବୁକୋଲଜ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଟାଇଟଲ ଜିତିନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ନଗର ଡିଏଭିର ଆଦିତ୍ୟ ଜେନା ରନର୍ସଅପ୍, ଲୋୟଲା ସ୍କୁଲ୍‌ର ଶୁଭମ ପ୍ରତୀକ ମିଶ୍ର ତୃତୀୟ, ନୟାପଲୀ ନାରାୟଣ ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ଚତୁର୍ଥ ଓ ପାଣ୍ଡରା ହାଇଟେକ୍ ପବ୍ଲିକ୍ ସ୍କୁଲ୍‌ର ସ୍ୱୟମ ସ୍ୱରୂପ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ସ୍କୁଲର ପ୍ରିନ୍ସିପାଲ ବଳରାମ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଡଃ ରାଜକୁମାର ଯୋଶି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ଡଃ ରାଜଶ୍ରୀ ପ୍ରିୟଦର୍ଶିନୀ ଓ ଖେଳଶିକ୍ଷକ ଏ ରବି ଶଙ୍କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

### ସାହାଣୀ କପ୍ ଫାଇନାଲ

## କଟକ ଚାମ୍ପିଅନ, ସମ୍ବଲପୁର ରନର୍ସଅପ୍

କଟକ,୩।୮ (ସମିସ)

ଡବଲ୍ ଲେଗ୍ ଫର୍ମାଟରେ ଖେଳାଯାଉଥିବା ସାହାଣୀ କପ୍ ଫାଇନାଲ ରାଉଣ୍ଡରେ କଟକ ଗୋଟିଏ ବିଜୟ ପଏଣ୍ଟ ସହିତ ଚଳିତ ସଂସ୍କରଣର ଚାମ୍ପିଅନ ହୋଇଛି। କେନ୍ଦୁଝର ଜୋନ୍‌ରେ ଆଜି ସମ୍ବଲପୁର ବିପକ୍ଷ ଦ୍ୱିତୀୟ ତଥା ନିର୍ଣ୍ଣାୟକ ଫାଇନାଲ ମୁକାବିଲା ୧-୧ ଗୋଲରେ ଡ୍ର ରହିଥିଲା। ବୌଦ୍ଧ ଜୋନରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଫାଇନାଲରେ କଟକ ବିଜୟ ଲାଭ କରିଥିବାରୁ ଟାଇବ୍ରେକର ପଦ୍ଧତିର ଆବଶ୍ୟକତା ପଡ଼ିନଥିଲା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଲାଖାଇ ମୁର୍ମୁ ୪୦ମିନିଟରେ ଗୋଲ ଦେଇ କଟକକୁ ପ୍ରଥମାର୍ଦ୍ଧରେ ଆଗୁଆ ରଖିଥିଲେ। ସମ୍ବଲପୁରର ପ୍ରଶାନ୍ତ ଓରାମ ୯୦ ମିନିଟରେ ଗୋଲ ସୁଝାଇଥିଲେ। ଅନ୍ତିମ କ୍ଷଣରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ସମ୍ବଲପୁର ଇଞ୍ଜୁରୀ ଟାଇମ୍‌ରେ ଗୋଲ ନକରି ପାରି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ପ୍ରକାଶଯୋଗ୍ୟ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ ୪ଟି ଜୋନରେ ଖେଳାଯାଉଥିଲା। ଖେଳ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS